ବର୍ଷ-୨୬, ସଂଖ୍ୟା-୨୪୫
ଭୁବନେଶ୍ୱର
ସେପ୍ଟେମ୍ବର, ୧୦, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 245
Bhubaneswar
September, 10, 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୨.୧୦ ଲକ୍ଷ କୋଟି ନିବେଶ କରିବେ ଆଦାନୀ-ଆଇଏଚ୍‌ସି

ଭୁବନେଶ୍ୱର,୯।୯(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଥମ ୟୁଏଇ ଗସ୍ତ ସମୟରେ ଆଦାନୀ ଗ୍ରୁପ୍ ଓ ଆବୁଧାବିର କମ୍ପାନି ଇଣ୍ଟରନ୍ୟାସନାଲ୍ ହୋଲ୍‌ଡିଂ କର୍ପୋରେସନ (ଆଇଏଚ୍‌ସି) ମଧ୍ୟରେ ବୁଝାମଣା ହୋଇଛି। ଉଭୟ ସଂସ୍ଥା ୧୪ଟି ପ୍ରକଳ୍ପରେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେମାନେ ୨,୧୦,୫୦୦ କୋଟି ଟଙ୍କା ନିବେଶ କରିବାକୁ ମନ ବଳାଇଛନ୍ତି। ଏହି ନିବେଶ ଦ୍ୱାରା ପ୍ରାୟ ୮.୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଆଜିର ବୈଠକରେ ଆଦାନୀ ଗ୍ରୁପ ତରଫରୁ କରନ ଆଦାନୀ, ସାଗର ଆଦାନୀ, ଆଇଏଚ୍‌ସି ଗ୍ରୁପ୍‌ର ଏମ୍‌ଡି ଓ ସିଇଓ ସଇଦ ବସର ସୁଏନ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଧାତବ, ବିରଳ ମୃତ୍ତିକା, କ୍ରିଟିକାଲ୍ ମିନେରାଲ, ବନ୍ଦର ଭିତ୍ତିକ ଏସ୍‌ଇଜେଡ୍, କୋଇଲାରୁ ରସାୟନ ଆଦି କ୍ଷେତ୍ରରେ ନିବେଶ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଆବୁଧାବି ସ୍ଥିତ ଆଇଏଚ୍‌ସି ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ଓଡିଶାରେ ରହିଥିବା ନିବେଶ ସୁଯୋଗ ସନ୍ଧାନ କରିବା ଲାଗି ଆସିବାକୁ ମୁଖ୍ୟମନ୍ତ୍ରୀ ଆଇଏଚ୍‌ସି ଗ୍ରୁପ୍ ଓ ଏହାର ସହାୟକ କମ୍ପାନିଗୁଡିକୁ ଆମନ୍ତ୍ରଣ କରିଥିଲେ। ଏଥି ସହିତ ଇଣ୍ଡିଆନ ବିଜନେସ୍ ଆଣ୍ଡ ପ୍ରଫେସନାଲ ଗ୍ରୁପ୍ (ଆଇବିପିଜି) ସହ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ବୈଠକରେ ହଳଦୀ, ଅଦା, ସାମୁଦ୍ରିକ ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରମୁଖ ୟୁଏଇ ବ୍ରାଣ୍ଡ ପାଇଁ କଣ୍ଟ୍ରାକ୍ଟ ମ୍ୟାନୁଫାକ୍‌ଚରିଂ କ୍ଷେତ୍ରରେ ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶାର ଦକ୍ଷ ମାନବ ସମ୍ବଳ ପାଇଁ ମଧ୍ୟ ସୁଯୋଗ ଆଲୋଚନା ହୋଇଥିଲା। ରୁଚି, ଫାର୍ମ ବି, ବି ୱାନ, ଓରି କ୍ଲିନ୍ ଭଳି ଓଡ଼ିଶାଭିତ୍ତିକ କମ୍ପାନି ଯୋଗଦେଇଥିଲେ। ଏଥିରେ ଆଇବିପିଜି ସଭାପତି ରାଜୀବ ଶାହ ମଧ୍ୟ ଉପସ୍ଥିତ ଥିଲେ।



## ରାଉଣ୍ଡଟେବୁଲ୍ ବୈଠକରେ ରପ୍ତାନି ଓ ନିଯୁକ୍ତି ଉପରେ ବଡ଼ ଫୋକସ୍

ଭୁବନେଶ୍ୱର,୯।୯: ଅବୁଧାବିରେ ଚାଲିଥିବା ଓଡ଼ିଶା-ୟୁଏଇ ଇନଭେଷ୍ଟର୍ସ ମିଟ୍ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍ (IBPG) ସହ ଏକ ଉଚ୍ଚସ୍ତରୀୟ ରାଉଣ୍ଡଟେବୁଲ୍ ଆଲୋଚନାରେ ଯୋଗ ଦେଇଛନ୍ତି। ଏହି ବୈଠକରେ ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟ, ରପ୍ତାନି ଓ ଅର୍ଥନୈତିକ ସହଯୋଗ ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା ହୋଇଛି। ବିଶେଷକରି ଓଡ଼ିଶାର ହଳଦୀ, ଅଦା, ସାମୁଦ୍ରିକ ଖାଦ୍ୟ, ଫୁଡ୍ ପ୍ରୋସେସିଂ ଓ ୟୁଏଇର ପ୍ରମୁଖ ବ୍ରାଣ୍ଡ ପାଇଁ କଣ୍ଟ୍ରାକ୍ଟ ମ୍ୟାନୁଫ୍ୟାକ୍‌ଚରିଂ କ୍ଷେତ୍ରରେ ବ୍ୟାପକ ସୁଯୋଗ ଉପସ୍ଥାପନ କରାଯାଇଥିଲା। କେବଳ ବ୍ୟବସାୟ ନୁହେଁ, ୟୁଏଇର ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଉଚ୍ଚଦକ୍ଷ ପେସାଦାର ଯୁବକ-ଯୁବତୀଙ୍କ ନିଯୁକ୍ତି ପାଇଁ ସଂଗଠିତ ବ୍ୟବସ୍ଥା ନେଇ ମଧ୍ୟ ଆଲୋଚନା ହୋଇଛି। ଏହା ରାଜ୍ୟର ଦକ୍ଷ ମାନବ ସମ୍ପଦକୁ ଆନ୍ତର୍ଜାତିକ ବଜାର ସହ ଯୋଡ଼ିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

ଏହି ରାଉଣ୍ଡଟେବୁଲ୍ ବୈଠକରେ ୟୁଏଇରେ ସଫଳ ବ୍ୟବସାୟିକ ଉପସ୍ଥିତି ଥିବା ଓଡ଼ିଶାର ସଂସ୍ଥା ରୁଚି, ଫାର୍ମ ବି ଓ ବି-ୱାନ୍ ମଧ୍ୟ ଅଂଶଗ୍ରହଣ କରିଥିଲେ। ଓଇଚଏ ସଭାପତି ରାଜୀବ ଶାହ ମଧ୍ୟ ବୈଠକରେ ଉପସ୍ଥିତ ରହି ଦୁଇ ଦେଶ ମଧ୍ୟରେ ଦୀର୍ଘମିଆଦୀ ବ୍ୟବସାୟିକ ସହଯୋଗକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ମଧ୍ୟପ୍ରାଚ୍ୟରେ ରାଜ୍ୟର ନିବେଶ ଓ ରପ୍ତାନି ସମ୍ଭାବନାକୁ ନୂଆ ଦିଗ ଦେବ ବୋଲି ମନେ କରାଯାଉଛି।

# ତେଲେଙ୍ଗାନା ବିଧାନସଭାରୁ ନିଲମ୍ବିତ ହେଲେ ବିଆରଏସର ୧୯ ବିଧାୟକ

ନୂଆଦିଲ୍ଲୀ,୯।୯(ମହାଭାରତ): ବୁଧବାର ଦିନ ତେଲେଙ୍ଗାନା ବିଧାନସଭାରେ ଲଗାତାର ତୃତୀୟ ଦିନ ପାଇଁ ପ୍ରବଳ ହଙ୍ଗାମା ହୋଇଥିଲା, ଯାହା ଫଳରେ ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ୧୯ ଜଣ ବିଆରଏସ ବିଧାୟକଙ୍କୁ ନିଲମ୍ବନ କରାଯାଇଛି। ଏଥିରେ ବରିଷ୍ଠ ନେତା କେ.ଟି. ରାମା ରାଓ ଏବଂ ଟି. ହରିଶ ରାଓ ସାମିଲ ଅଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡି. ଶ୍ରୀଧର ବାବୁ ଗୃହ କାର୍ଯ୍ୟକୁ ବାରମ୍ବାର ବାଧା ଦେବା ପାଇଁ ବିରୋଧୀ ସଦସ୍ୟଙ୍କ ବିରୋଧରେ ଏକ ପ୍ରସ୍ତାବ ଆଗତ କରିବା ପରେ ବିଧାନସଭା ବାଚସ୍ପତି ଗଦ୍ଦମ ପ୍ରସାଦ କୁମାର ନିଲମ୍ବନ ଘୋଷଣା କରିଥିଲେ। ବିଧାୟକ ମାନେ 'ଆମେ ନ୍ୟାୟ ଚାହୁଁଛୁ' ସ୍ଲୋଗାନ ଦେଇ ବାଚସ୍ପତିଙ୍କ ପୋଡିୟମ ନିକଟରେ ଏକାଠି ହୋଇଥିଲେ ଏବଂ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଏବଂ ସେମାନଙ୍କ ମହିଳା ବିଧାୟକଙ୍କ ପ୍ରତି ହୋଇଥିବା ବ୍ୟବହାର ଉପରେ ଆଲୋଚନା ଦାବି କରିଥିଲେ।



କେସିଆରଙ୍କ ନେତୃତ୍ୱରେ ବିଆରଏସ ସଦସ୍ୟ ମାନେ ବିଧାନସଭା ବାହାରେ ଦଳର ମହିଳା ବିଧାୟକଙ୍କ ବିରୁଦ୍ଧରେ ପୋଲିସର କଥିତ 'ମନମାନୀ' ଏବଂ କିଛି କଂଗ୍ରେସ ବିଧାୟକଙ୍କ ଦ୍ୱାରା ବିଆରଏସ ସଭାପତି କେ. ଚନ୍ଦ୍ରଶେଖର ରାଓଙ୍କୁ ଦିଆଯାଇଥିବା ହତ୍ୟା ଧମକ ଉପରେ ଆଲୋଚନା ଦାବି କରି ମୁଲତବୀ ପ୍ରସ୍ତାବ ପାଇଁ ନୋଟିସ ଦାଖଲ କରିବା ପରେ ଏହି ନିଲମ୍ବନ କରାଯାଇଥିଲା। ଯଦିଓ ବାଚସ୍ପତି ଏବଂ ଶାସକ ଦଳର ମନ୍ତ୍ରୀମାନେ ବିରୋଧୀ ସଦସ୍ୟ ମାନଙ୍କୁ ସେମାନଙ୍କ ଆସନକୁ ଫେରିବା ଏବଂ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ, ତଥାପି ବିଆରଏସ ବିଧାୟକ ମାନେ ନିଜ ଜିଦ୍‌ରେ ଅଟଳ ରହି ଗୃହର କୂଅରୁ ସେମାନଙ୍କର ପ୍ରତିବାଦ ଜାରି ରଖିଥିଲେ, ଯାହା ଫଳରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା।


ନିଲମ୍ବିତ ବିଧାୟକ ମାନଙ୍କ ମଧ୍ୟରେ ଅନିଲ ଯାଦବ, ଜି. ଜଗଦୀଶ ରେଡ୍ଡୀ, ଗାଙ୍ଗୁଲା କମଳାକର, କୌଶିକ ରେଡ୍ଡୀ, କୋଭା ଲକ୍ଷ୍ମୀ, ପି. ସବିତା ଇନ୍ଦ୍ର ରେଡ୍ଡୀ ଏବଂ ଭି. ସୁନିତା ଲକ୍ଷ୍ମ ରେଡ୍ଡୀ ଅନ୍ତର୍ଭୁକ୍ତ। ୧୧୯ ସଦସ୍ୟ ବିଶିଷ୍ଟ ବିଧାନସଭାରେ ବିଆରଏସର ୩୭ ବିଧାୟକ ଅଛନ୍ତି, ତେଣୁ ୧୯ ସଦସ୍ୟଙ୍କ ନିଲମ୍ବନ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ଗୃହରେ ବିରୋଧୀଙ୍କ ଉପସ୍ଥିତିକୁ ଯଥେଷ୍ଟ ଦୁର୍ବଳ କରିଥାଏ। ବିଆରଏସ ଦାବି କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ଯେ ଏହାର ସଦସ୍ୟମାନେ ଏମଏଲସି ତଥା ମଧୁଙ୍କ ମନ୍ତବ୍ୟ ପାଇଁ ବାଚସ୍ପତିଙ୍କୁ କ୍ଷମା ମାଗିସାରିଛନ୍ତି।

ନିଲମ୍ବନର କିଛି ସମୟ ପରେ, କେଟିଆରଙ୍କ ନେତୃତ୍ୱରେ ଏକ ବିଆରଏସ ପ୍ରତିନିଧିମଣ୍ଡଳୀ ରାଜଭବନରେ ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଲାଙ୍କୁ ଭେଟି ମହିଳା ବିଧାୟକଙ୍କ ପ୍ରତି ପୋଲିସର ଦୁର୍ବ୍ୟବହାର ଏବଂ କେସିଆରଙ୍କ ବାସଭବନ ଉପରେ ଆକ୍ରମଣ ଘଟଣାରେ ତାଙ୍କ ହସ୍ତକ୍ଷେପ ଦାବି କରି ଏକ ଅଭିଯୋଗ ଦାଖଲ କରିଥିଲେ। କଞ୍ଜଜ ଚେତାବନୀ ଦେଇଛନ୍ତି ଯେ ଯଦି ତେଲେଙ୍ଗାନାରେ ନ୍ୟାୟ ନମିଳେ, ତେବେ ଦଳ ଜାତୀୟ ମାନବାଧିକାର କମିଶନ ଏବଂ ଦିଲ୍ଲୀରେ ଜାତୀୟ ମହିଳା କମିଶନଙ୍କ ନିକଟକୁ ଯିବ। ଏହି ଘଟଣା ଗୁଡ଼ିକ ରାଜ୍ୟରେ ଶାସକ କଂଗ୍ରେସ ଏବଂ ବିରୋଧୀ ବିଆରଏସ୍ ମଧ୍ୟରେ ଦ୍ୱନ୍ଦ୍ୱକୁ ଯଥେଷ୍ଟ ବୃଦ୍ଧି କରିଛି।

# ଖଡଗପୁର-ଝାରସୁଗୁଡା ଚତୁର୍ଥ ଲାଇନକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ

## ଓଡିଶା ସମେତ ୪ ରାଜ୍ୟର ୧୪ ଜିଲ୍ଲାକୁ ନେଇ ୩ ରେଳମାର୍ଗ ପ୍ରଶସ୍ତିକରଣ ପ୍ରକଳ୍ପକୁ ମଞ୍ଜୁରି, ୧୦,୭୮୩ କୋଟି ବ୍ୟୟବରାଦ

ନୂଆଦିଲ୍ଲୀ,୯।୯(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଆଜି ୫ ରାଜ୍ୟର ୧୪ଟି ଜିଲ୍ଲା ଦେଇ ଯାଇଥିବା ୩ଟି ରେଳ ଲାଇନ୍ ପ୍ରଶସ୍ତିକରଣ ପ୍ରକଳ୍ପକୁ ଅନୁମୋଦନ କରିଛି । ଏସବୁ ପ୍ରକଳ୍ପ ନିର୍ମାଣ ଲାଗି ମୋଟ୍ ୧୦,୭୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।




ଏହି ସବୁ ପ୍ରକଳ୍ପ ହେଲା ଓଡିଶାର ଖଡଗପୁର-ଝାରସୁଗୁଡା (ବାଗଡିହି) ଚତୁର୍ଥ ଲାଇନ୍ । କଟନୀ-ପେଣ୍ଡ୍ରା ରୋଡ୍ ଚତୁର୍ଥ ଲାଇନ୍, ବିଳାସପୁର (ଉସଲାପୁର)-ପେଣ୍ଡ୍ରା ରୋଡ୍ ତୃତୀୟ ଲାଇନ୍ ।

ବର୍ଦ୍ଧିତ ଲାଇନ୍ କ୍ଷମତା ଗମନାଗମନରେ ଉଲ୍ଲେଖନୀୟ ସୁଧାର ଆଣିବ । ଫଳରେ ଭାରତୀୟ ରେଳବାଇର ପରିଚାଳନା ଦକ୍ଷତା ଏବଂ ସେବା ବିଶ୍ୱସନୀୟତାରେ ଉନ୍ନତି ହେବ । ଏହି ବହୁ ଟ୍ରାକିଂ ପ୍ରକଳ୍ପଗୁଡିକ ରେଳ ଚଳାଚଳକୁ ସୁବ୍ୟବସ୍ଥିତ କରିବା ସହିତ ଭିଡ ହ୍ରାସ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତ ଦୃଷ୍ଟିକୋଣ ଅନୁରୂପ ଏସବୁ ପ୍ରକଳ୍ପର ଡିଜାଇନ୍ କରାଯାଇଛି । ଏଗୁଡିକର ଉଦ୍ଦେଶ୍ୟ ହେଉଛି, ବ୍ୟାପକ କ୍ଷେତ୍ରୀୟ ବିକାଶ ମାଧ୍ୟମରେ ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା, ଯଦ୍ଦ୍ୱାରା ସେମାନଙ୍କର ରୋଜଗାର/ସ୍ୱରୋଜଗାର ସୁଯୋଗ ବଢ଼ିବ ।

ଏସବୁ ପ୍ରକଳ୍ପ ପ୍ରଧାନମନ୍ତ୍ରୀ ଗତିଶକ୍ତି ମାଷ୍ଟର୍ ପ୍ଲାନ୍ ଅନୁରୂପ ପ୍ରସ୍ତୁତ କରାଯାଇଛି ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକୀକୃତ ଯୋଜନା ଏବଂ ଅଂଶୀଦାରଙ୍କ ସହ ବିଚାରବିମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଓ ଲଜିଷ୍ଟିକ୍ସ ଦକ୍ଷତାରେ ସୁଧାର ଆଣିବା। ଏସବୁ ପ୍ରକଳ୍ପ ଦ୍ୱାରା ଜନସାଧାରଣ, ବସ୍ତୁ ଏବଂ ସେବାର ବାଧାମୁକ୍ତ ଯାତାୟାତ ସୁନିଶ୍ଚିତ ହେବ ।


ଓଡିଶା ସମେତ ପଶ୍ଚିମବଙ୍ଗ, ଝାଡଖଣ୍ଡ, ମଧ୍ୟପ୍ରଦେଶ ଓ ଛତିଶଗଡର ୧୪ଟି ଜିଲ୍ଲାକୁ ନେଇ ଏହି ତିନୋଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱର୍କରେ ୬୫୬ କିଲୋମିଟର ବୃଦ୍ଧି ଆଣିବ । ପ୍ରସ୍ତାବିତ ବହୁ ଟ୍ରାକିଂ ପ୍ରକଳ୍ପ ଦ୍ୱାରା ପାଖାପାଖି ୫୬ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ୪,୭୯୦ଟି ଗାଁକୁ ଉନ୍ନତ ଯୋଗାଯୋଗ ସମ୍ଭବ ହୋଇପାରିବ ।

କ୍ଷମତା ବୃଦ୍ଧି ଦ୍ୱାରା ଦେଶର ଅନେକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ରେଳ ସଂଯୋଗରେ ସୁଧାର ଆସିବ । ଏଥିରେ ତାରାତାରିଣୀ ମନ୍ଦିର, ଶ୍ରୀ କ୍ଷେତ୍ର ଜଗନ୍ନାଥ ମନ୍ଦିର (ଝାରସୁଗୁଡା ନିକଟବର୍ତ୍ତୀ ଏକ ପ୍ରାଚୀନ ମନ୍ଦିର), ବାନ୍ଧବଗଡ ବ୍ୟାଘ୍ର ଅଭୟାରଣ୍ୟ, ବିରାଟେଶ୍ୱର ମନ୍ଦିର, ଅମରକଣ୍ଟକ ମନ୍ଦିର, ଜ୍ୱାଳେଶ୍ୱର ଧାମ, ଅଚାନକମାର ବ୍ୟାଘ୍ର ଅଭୟାରଣ୍ୟ, ଖୁଟାଘାଟ ନଦୀବନ୍ଧ, ମଲ୍ହାର ପ୍ରତ୍ନତାତ୍ତ୍ୱିକ ସ୍ଥଳୀ, ରତନପୁର ମହାମାୟା ମନ୍ଦିର ଆଦି ସାମିଲ ରହିଛି ।

ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ସିମେଣ୍ଟ, ଲୁହା ଏବଂ ଇସ୍ପାତ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ। କ୍ଷମତା ବୃଦ୍ଧି କାର୍ଯ୍ୟ ଦ୍ୱାରା ବାର୍ଷିକ ୨୭ ନିୟୁତ ଟନ୍ (ଏମଟିପିଏ) ଅତିରିକ୍ତ ମାଲ ପରିବହନ କ୍ଷମତା ମିଳିବ । ରେଳବାଇ ଏକ ପରିବେଶ ଅନୁକୂଳ ଏବଂ ଶକ୍ତି-ଦକ୍ଷ ପରିବହନ ପଦ୍ଧତି ହୋଇଥିବାରୁ ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ। ଏହା ସହିତ, ଏହା ତୈଳ ଆମଦାନୀ (ପ୍ରାୟ ୧୨ କୋଟି ଲିଟର) ଏବଂ ଅଙ୍ଗାରକାମ୍ଳ ନିର୍ଗମନ (ପ୍ରାୟ ୬୨ କୋଟି କିଲୋଗ୍ରାମ) ହ୍ରାସ କରିବ, ଯାହା ୨ କୋଟି ୪୮ ଲକ୍ଷ ଗଛ ଲଗାଇବା ସହିତ ସମାନ ।

# 'ବିନି'ର ଅଭାବ ପୂରଣ କରିବେ ୫ ଓରାଙ୍ଗଉଟାନ !

ଭୁବନେଶ୍ୱର,୯।୯(ମହାଭାରତ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳରୁ ଉଦ୍ଧାର ହୋଇଥିବା ୫ ଓରାଙ୍ଗଉଟାନଙ୍କୁ ନନ୍ଦନକାନନରେ ରଖାଯାଇଛି। ସେମାନେ ଭୋଗରାଇ ଅଞ୍ଚଳକୁ କିପରି ଆସିଲେ, ସେ ନେଇ ଓଡିଶା ପୁଲିସର ଏସ୍‌ଟିଏଫ ତଦନ୍ତ କରୁଛି। କାରଣ ଏହା ପଛରେ ଅନ୍ତର୍ଜାତୀୟ ସ୍ମଗଲିଂର ହାତ ଥିବା ଆଶଙ୍କା କରାଯାଉଛି। ତେବେ ଯା ମଧ୍ୟରେ ଏକ ଖୁସି ଖବର ଆସିଛି ଯେ ଏହି ଓରାଙ୍ଗଉଟାନଗୁଡିକୁ ରାଜ୍ୟ ବନ ବିଭାଗ ନନ୍ଦନକାନନରେ ରଖିବା ପାଇଁ ମନସ୍ଥ କରିଛି। ଏଥିପାଇଁ ଆବଶ୍ୟକୀୟ ପ୍ରକ୍ରିୟା ଆରମ୍ଭ କରାଯାଇଛି।



ବୁଧବାର ନନ୍ଦନକାନନ ଯାଇ ଓରାଙ୍ଗଉଟାନଗୁଡିକୁ ଦେଖିବା ପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଛନ୍ତି, ନିଶ୍ଚିତ ଭାବେ ଓଡିଶା ପାଇଁ ଭଲ ଖବର। ସେମାନେ (୫ ଓରାଙ୍ଗଉଟାନ) ଆସିବା ଦ୍ୱାରା ନନ୍ଦନକାନନର ଶୋଭା ବର୍ଦ୍ଧିତ ହୋଇଛି। ଆମେ ଆଶା କରିବା ଯେ ସେମାନେ ଏଠାରେ ରୁହନ୍ତୁ। ପର୍ଯ୍ୟଟକମାନେ ଏଠାରେ ସେମାନଙ୍କୁ ଦେଖିବାର ସୁଯୋଗ ପାଇବେ। ସେମାନଙ୍କୁ ନନ୍ଦନକାନନରେ ରଖିବା ପାଇଁ ପିସିସିଏଫ କେନ୍ଦ୍ରୀୟ ପ୍ରାଣୀଉଦ୍ୟାନ କର୍ତ୍ତୃପକ୍ଷ (ଉଡଇ)କୁ ଚିଠି ଲେଖିଛନ୍ତି। ସେମାନେ ଯଦି ଅନୁମତି ଦେବେ, ତା'ହେଲେ ଆମେ ଏହି ଓରାଙ୍ଗଉଟାନଗୁଡିକୁ ରଖିବୁ। ସେମାନେ ଅନୁମତି ଦେବେ ବୋଲି ଆମେ ଆଶା କରୁଛୁ। ସେମାନଙ୍କର ( କେନ୍ଦ୍ରୀୟ ପ୍ରାଣୀଉଦ୍ୟାନ କର୍ତ୍ତୃପକ୍ଷଙ୍କର) ଏକ ଟିମ୍ ଆସିପାରନ୍ତି। କେଉଁଠି ଏହି ଓରାଙ୍ଗଉଟାନମାନଙ୍କୁ ରଖାଯିବ, ସେ ନିଷ୍ପତ୍ତି ମୁଁ କି ଆଉ କେହି ନେଇପାରିବେ ନାହିଁ। ଏ ବିଷୟରେ ବିଶେଷଜ୍ଞମାନେ ଯେଉଁ ପରାମର୍ଶ ଦେବେ, ସେହି ଅନୁସାରେ ସେମାନଙ୍କୁ ରଖାଯିବ।

ଓରାଙ୍ଗଉଟାନ ଭାରତରେ ବିରଳ ହୋଇଥିଲେ ହେଁ ନନ୍ଦନକାନନ ପାଇଁ ଏହା ନୂଆ ନୁହେଁ। ନନ୍ଦନକାନନରେ ପୂର୍ବରୁ ମାଇ ଓରାଙ୍ଗଉଟାନ 'ବିନି' ୧୬ ବର୍ଷ ଧରି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ୨୦୦୩ ନଭେମ୍ବର ୨୦ରେ ପୁନେସ୍ଥିତ ରାଜୀବ ଗାନ୍ଧୀ ନ୍ୟାସନାଲ ପାର୍କରୁ ବିନିକୁ ଅଣାଯାଇଥିଲା। ତାକୁ ସିଙ୍ଗାପୁରରୁ ପୁନେକୁ ଅଣାଯାଇଥିଲା। ତେବେ ୨୦୧୯ରେ ଆଖିବୁଜି ଥିଲା ବିନି। ୧୬ ବର୍ଷ ଭିତରେ ବିନି ପାଇଁ ପୁରୁଷ ଓରାଙ୍ଗଉଟାନ ସାଥିଟିଏ ମିଳିବା ସମ୍ଭବ ହେଲା ନାହିଁ। ତେଣୁ ଦୀର୍ଘ ବର୍ଷର ନିଃସଙ୍ଗ ଜୀବନ ଜିଇଁଜିଇଁ ବିନି ବୁଢ଼ୀ ହୋଇଗଲା ଏବଂ ଶେଷରେ ଆଖି ବୁଜିଦେଲା। 'ବିନି' ମରିବା ପରଠାରୁ ନନ୍ଦନକାନନରେ ଏହି ବିରଳ ପ୍ରଜାତିର ବନ୍ୟପ୍ରାଣୀ ଦେଖିବାରୁ ପର୍ଯ୍ୟଟକମାନେ ବଞ୍ଚିତ ହୋଇଛନ୍ତି। ତେଣୁ ଏବେ ଏହି ୫ଟି ଯାକ ଓରାଙ୍ଗଉଟାନଙ୍କୁ ନନ୍ଦନକାନନରେ ରଖାଗଲେ ପର୍ଯ୍ୟଟକ ସେମାନଙ୍କୁ ଦେଖିପାରିବେ।

ଭୋଗରାଇରୁ ନନ୍ଦନକାନନ ଅଣାଯାଇଥିବା ଓରାଙ୍ଗଉଟାନଗୁଡିକୁ ଭେଟେନୋରୀ ହସ୍ପିଟାଲର କ୍ୱାରେଣ୍ଟାଇନ୍ ରୁମ୍‌ରେ ରଖାଯାଇଛି। ପ୍ରଥମେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଥିବା ଜଣାପଡିଛି। ତେବେ ସୁରକ୍ଷା କାରଣରୁ ପ୍ରାୟ ମାସେ ପର୍ଯ୍ୟନ୍ତ ସେମାନଙ୍କୁ କ୍ୱାରେଣ୍ଟାଇନ୍ ବା ସଙ୍ଗରୋଧ ଗୃହରେ ସ୍ୱତନ୍ତ୍ର ନିରୀକ୍ଷଣରେ ରଖାଯିବ। ସେମାନଙ୍କ ଖାଦ୍ୟପେୟ, ସ୍ୱାସ୍ଥ୍ୟ ଓ ଆଚରଣ ଉପରେ ବନ ବିଭାଗ ଏବଂ ନନ୍ଦନକାନନର ବିଶେଷଜ୍ଞମାନେ ନଜର ରଖିଛନ୍ତି।ଏହି ୫ ଓରାଙ୍ଗଉଟାନ ମଧ୍ୟରୁ ୨ଟି ହେଉଛନ୍ତି ମାଈ। ସେମାନଙ୍କୁ କଦଳୀ, ଆଳୁ ଓ ସେଓ ଚକଟା ଖାଇବାକୁ ଦିଆଯାଉଛି। ତା'ସହିତ ସେମାନଙ୍କୁ ବୋତଲରେ କ୍ଷୀର ପିଇବାକୁ ଦିଆଯାଉଛି। ଗୋଟିଏ ଛୋଟ ଛୁଆ ନିଜେ ଖାଇ ପାରୁନି। ତେଣୁ ତାକୁ ଖୁଆଇ ଦିଆଯାଉଛି। ତାକୁ ପତଳା କ୍ଷୀର ଦିଆଯାଉଛି। ତାକୁ ସେରେଲାକ ମଧ୍ୟ ଦିଆଯାଉଛି। ପ୍ରତି ଦୁଇ ଘଣ୍ଟାରେ ସେମାନଙ୍କୁ ଖାଇବାକୁ ଦିଆଯାଉଛି।

# ନୂଆ ଜାତିସଂଘ ମାନଚିତ୍ରରେ ଅରୁଣାଚଳ

## ଅକ୍ସାଇ ଚୀନ୍‌କୁ ନେଇ ଅସଙ୍ଗତି; ଭାରତର ଆପତ୍ତି

ନୂଆଦିଲ୍ଲୀ,୯।୯: ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚୀନ୍‌କୁ ନେଇ ଜାତିସଂଘର ନୂଆ ବିଶ୍ୱ ମାନଚିତ୍ରରେ ଦେଖାଯାଇଥିବା ଅସଙ୍ଗତି ଉପରେ ଭାରତ ଆପତ୍ତି ଜଣାଇଛି। ନୂଆ ମାନଚିତ୍ରରେ ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚିନ୍‌କୁ ଭାରତ ଓ ଚୀନ୍‌ର ନିଜ ନିଜ ଦାବି କରୁଥିବା ସୀମାରେଖା ମଧ୍ୟରେ ପୃଥକ୍ ଅଞ୍ଚଳ ଭାବେ ଦର୍ଶାଯାଇଛି। ଏହାକୁ ନେଇ ଭାରତର ବୈଦେଶିକମନ୍ତ୍ରଣାଳୟ ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ଆପତ୍ତି ଉଠାଇଥିବା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ ମଙ୍ଗଳବାର କହିଛନ୍ତି।

ଜୟସ୍ୱାଲ୍ କହିଛନ୍ତି, ଜାତିସଂଘର ସାଧାରଣ ସଭାରେ 'କରେକ୍ଟ ଦ ମ୍ୟାପ୍' ନାମକ ପ୍ରସ୍ତାବ ଆସିଥିବାବେଳେ ଭାରତ ଏହାକୁ ସମର୍ଥନ କରିଥିଲା। କିନ୍ତୁ ଏହି ସମର୍ଥନକୁ ଜାତିସଂଘର କୌଣସି ନିର୍ଦ୍ଦିଷ୍ଟ ମାନଚିତ୍ରକୁ ଭାରତର ସ୍ୱୀକୃତି ବୋଲି ଧରାଯାଇପାରିବ ନାହିଁ। ପ୍ରସ୍ତାବରଉଦ୍ଦେଶ୍ୟ ହେଉଛି ଭୂଖଣ୍ଡର ପ୍ରକୃତ ଆକାରକୁ ଅଧିକ ସଠିକ୍ ଭାବେ ଦର୍ଶାଉଥିବା 'ଇକ୍ୱାଲ୍-ଏରିଆ' ମାନଚିତ୍ର ବ୍ୟବହାରକୁ ପ୍ରୋତ୍ସାହନ ଦେବା। ଏହା କୌଣସି ଦେଶର ସୀମା କିମ୍ବା ବିବାଦୀୟ ଅଞ୍ଚଳର ରାଜନୈତିକ ସ୍ଥିତି ନିର୍ଦ୍ଧାରଣ କରୁନାହିଁ।



ଜାତିସଂଘ ପକ୍ଷରୁ ଜୁଲାଇ ୧ରେ ପ୍ରକାଶିତ ଏହି ମାନଚିତ୍ରରେ ଅରୁଣାଚଳ ପ୍ରଦେଶକୁ ଏକ ସ୍ୱତନ୍ତ୍ର ଅଞ୍ଚଳ ଭଳି ଦର୍ଶାଯାଇଛି। ଏଥିରେ ଅରୁଣାଚଳର ନାଗାଲାଣ୍ଡ ସହ ଥିବା ସୀମା ଦେଖାଯାଇନାହିଁ। ଏହାର ଗୋଟିଏ ପାର୍ଶ୍ୱରେ ଆସାମ ଓ ଅନ୍ୟ ପାର୍ଶ୍ୱରେ ଚୀନ୍ ଦେଖାଯାଇଛି। ଅକ୍ସାଇ ଚୀନ୍‌କୁ ମଧ୍ୟ ଭାରତ ଓ ଚୀନ୍ ମଧ୍ୟରେ ଏକ ପୃଥକ୍ ଅଞ୍ଚଳ ଭାବେ ଦର୍ଶାଯାଇଛି। ମାନଚିତ୍ରରେ ଏଭଳି ଚିତ୍ରଣ କରାଯିବାର କାରଣ ସମ୍ପର୍କରେ ଜାତିସଂଘ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ।

ଭାରତର ଆଧିକାରିକ ମତ ଅନୁସାରେ ଅରୁଣାଚଳ ପ୍ରଦେଶ ଦେଶର ଅବିଚ୍ଛେଦ୍ୟ ଅଂଶ। ସେହିପରି ଅକ୍ସାଇ ଚୀନ୍ ସମେତ ସମଗ୍ର ଜମ୍ମୁ-କାଶ୍ମୀର ଓ ଲଦାଖ ଭାରତର ଅଖଣ୍ଡ ଅଂଶ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିଆସିଛି। ଭାରତର ସାର୍ବଭୌମତ୍ୱ ଓ ଭୂଖଣ୍ଡୀୟ ଅଖଣ୍ଡତା ସମ୍ପର୍କରେ ଦେଶର ଆଭିମୁଖ୍ୟ ସ୍ପଷ୍ଟ ଓ ଅପରିବର୍ତ୍ତନୀୟ ବୋଲି ଜୟସ୍ୱାଲ୍ କହିଛନ୍ତି।

ଏହି ମାନଚିତ୍ରରେ ଜମ୍ମୁ-କାଶ୍ମୀରରେ ଭାରତ ଓ ପାକିସ୍ତାନ ମଧ୍ୟରେ ନିୟନ୍ତ୍ରଣରେଖାକୁ ଡଟେଡ୍ ଲାଇନ୍‌ରେ ଦର୍ଶାଯାଇଛି। ତଳ ଟିପ୍ପଣୀରେ ଏହାକୁ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ମତି ହୋଇଥିବା ନିୟନ୍ତ୍ରଣରେଖାର ଆନୁମାନିକ ଚିତ୍ର ବୋଲି କୁହାଯାଇଛି। ତେବେ ଜମ୍ମୁ-କାଶ୍ମୀରର ଚୂଡାନ୍ତ ସ୍ଥିତି ନେଇ ଉଭୟ ଦେଶ ମଧ୍ୟରେ ଏପର୍ଯ୍ୟନ୍ତ ସହମତି ହୋଇନଥିବା ମଧ୍ୟ ଉଲ୍ଲେଖ ଅଛି।

# ପାଇଖାନା ଟାଙ୍କିରେ ୩ ଶ୍ରମିକଙ୍କ ମୃତ୍ୟୁ

ଭୁବନେଶ୍ୱର,୯।୯:ନବ ନିର୍ମିତ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରାୟଗଡା ଜିଲ୍ଲା ପଦ୍ମପୁର ଥାନା ଗୁଲୁଗୁଡା ପଞ୍ଚାୟତର ତାରପାଗୁଡା ଗାଁରେ ବୁଧବାର ଘଟିଛି ଏହି ଘଟଣା ।ମୃତକମାନେ ହେଉଛନ୍ତି- ହରିଶ୍ଚନ୍ଦ୍ର ବୀର, ଆଲୋକ କରଡା ଓ ପ୍ରକାଶ ଲିମ୍ବା। ସମସ୍ତଙ୍କ ଘର ପଦ୍ମପୁରର ଜୀବଜଗତପୁର ଗାଁରେ। ତାରପାଗୁଡା ଗାଁର ବିଶ୍ୱନାଥ ବାଗିକଙ୍କ ନବ ନିର୍ମିତ ପାଇଖାନା ଟାଙ୍କିର ସେଣ୍ଟ୍ରିଙ୍ଗ ବାହାର କରିବା ପାଇଁ ଓ ଏହାକୁ ସଫା କରିବା ପାଇଁ ଏହି ଶ୍ରମିକମାନେ ଜଣଙ୍କ ପରେ ଜଣେ ତା' ଭିତରକୁ ଯାଇଥିଲେ। ହେଲେ ପାଇଖାନା ଟାଙ୍କି ଭିତରେ ସେମାନଙ୍କର ଶ୍ୱାସରୁଦ୍ଧ ହୋଇଯାଇଥିଲା। ଖବର ପାଇ ପଦ୍ମପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପାଇଖାନା ଟାଙ୍କି ଭିତରୁ ତିନି ଜଣଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କୁ ତୁରନ୍ତ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ।

# ବିଦ୍ୟାଭାରତୀଙ୍କ ଗିରଫ ଆଶଙ୍କା ବଢିଲା

ଭୁବନେଶ୍ୱର,୯।୯: ବହୁ ଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ଅଡୁଆ ବିଲା। ତାଙ୍କୁ ଗିରଫ କରାଯିବା ନେଇ ଆଶଙ୍କା ବଢ଼ିଛି। କାରଣ ତାଙ୍କ ଆବେଦନ ଆଜି ହାଇକୋର୍ଟରେ ଖାରଜ ହୋଇଯାଇଛି।

ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ନିମ୍ନ ଅଦାଲତରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ସହିତ ମୋଟ ଦୁଇଟି ଆବେଦନ କରିଥିଲେ ବିଦ୍ୟାଭାରତୀ। ସେପ୍ଟେମ୍ବର ୩ ତାରିଖରେ କୋର୍ଟ ତାଙ୍କ ଆବେଦନ ଉପରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ ହାଇକୋର୍ଟ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଆଉ ଆଜି ରାୟ ଶୁଣାଇ କୋର୍ଟ ବିଦ୍ୟାଭାରତୀଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି।ଗତ ୨୦୨୧ ଜୁଲାଇ ୧୧ ତାରିଖ ରାତିରେ ଏସିଏଫ ସୌମ୍ୟରଞ୍ଜନ ଅତି ସନ୍ଦେହଜନକ ଅବସ୍ଥାରେ ପୋଡି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ତା' ପରଦିନ ତାଙ୍କର ମୃତ୍ୟୁ ହୋଇଥିଲା। ମାମଲାର ତଦନ୍ତ କରି ପତ୍ନୀ ବିଦ୍ୟାଭାରତୀଙ୍କ ବିରୋଧରେ ଅଗ୍ନି ନିର୍ବାପନରେ ଅବହେଳା ଦଫାରେ ଚାର୍ଜସିଟ ଦାଖଲ କରିବା ସହ ତତ୍କାଳୀନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କୁ କ୍ଲିନଚିଟ ଦେଇଥିଲା କ୍ରାଇମବ୍ରାଞ୍ଚ। ଏହାକୁ ଚ୍ୟାଲେଞ୍ଜ କରି ସୌମ୍ୟରଞ୍ଜନଙ୍କ ପରିବାର ପାରଳାଖେମୁଣ୍ଡି ଏସଡିଜେଏମ କୋର୍ଟରେ ମାମଲା ଦାଏର କରିଥିଲେ।



ଉକ୍ତ ଆବେଦନର ଶୁଣାଣି କରି ଏସଡିଜେଏମ କୋର୍ଟ ପାରଳାଖେମୁଣ୍ଡି, ଏହି ୩ ଜଣଙ୍କ ବିରୋଧରେ ଓଟଡ ର ଦଫା ୩୦୨ (ହତ୍ୟା) ଏବଂ ଓଟଡ ୧୨୦- ବି (ଅପରାଧିକ ଷଡଯନ୍ତ୍ର ରଚିବା)ରେ ମୋକଦ୍ଦମା ଚାଲିବ ବୋଲି ନିର୍ଦ୍ଦେଶ ଦେଇଥିଲେ।

# ଚିକେନ ଲଲିପପ

**ଆବଶ୍ୟକ ସାମଗ୍ରୀ:** ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଡ଼େଇରେ ତେଲ ଗରମ କରି ଚିକେନକୁ ଫ୍ରାଏ କରି ରଖନ୍ତୁ। ଏବେ ଆଉ ଏକ ପ୍ୟାନରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।



**..... ପରଦା ଖବର .......**

## ଛଠ ପୂଜା ପାଇଁ ସ୍ୱତନ୍ତ୍ର ଗୀତରେ ତମନ୍ନା



ମୁମ୍ବାଇ: ଅଭିନେତ୍ରୀ ତମନ୍ନା ଭାଟିଆ ତାଙ୍କ ଆଗାମୀ ଫିଲ୍ମ 'ଦି ୱ୍ୱାନ୍' ପାଇଁ ଏକ ସ୍ୱତନ୍ତ୍ର ଛଠ ପୂଜା ଗୀତରେ ନଜର ଆସିବେ। 'ଛଠୀ ମୈୟା' ନାମକ ଏହି ଗୀତରେ ଛଠ ପୂଜାର ପରମ୍ପରା, ଆସ୍ଥା ଓ ଲୋକକଥାକୁ ପ୍ରମୁଖତା ଦିଆଯାଇଛି। ଫିଲ୍ମର କାହାଣୀ ସହ ଏହି ପର୍ବର ଗଭୀର ସମ୍ପର୍କ ରହିଥିବାରୁ ତମନ୍ନା ଏହାକୁ କେବଳ ଏକ ଗୀତ ଭାବେ ନେଇନଥିଲେ। ଗୀତର ସୁଟିଂ ଆରମ୍ଭ ପୂର୍ବରୁ ତମନ୍ନା ଛଠ ପୂଜାର ମହତ୍ତ୍ୱ ଓ ଏହା ସହ ଜଡ଼ିତ ପରମ୍ପରା ବିଷୟରେ ଜାଣିଥିଲେ। ବିଶେଷକରି ବିହାର ଓ ପାଟନାରେ ଛଠ ପର୍ବ କିଭଳି ପାଳନ କରାଯାଏ, ତାହା ବୁଝିବାକୁ ସେ ସମୟ ଦେଇଥିଲେ। ପର୍ବ ପ୍ରତି ଲୋକଙ୍କ ଗଭୀର ଆସ୍ଥା ତାଙ୍କୁ ପ୍ରଭାବିତ କରିଥିବା ସେ କହିଛନ୍ତି। ତମନ୍ନାଙ୍କ କହିବା ଅନୁସାରେ, ସେ ସବୁବେଳେ ଛଠ ପୂଜାକୁ ଶ୍ରଦ୍ଧାର ସହ ଦେଖିଆସିଛନ୍ତି। ତେଣୁ ଏହି ଗୀତରେ ଅଭିନୟ କରିବା ପୂର୍ବରୁ ପର୍ବର ଭାବନା ଓ ଆଧ୍ୟାତ୍ମିକତାକୁ ନିକଟରୁ ବୁଝିବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଛଠୀ ମୈୟାଙ୍କ ସହ ଜଡ଼ିତ ଆସ୍ଥାକୁ ସେ ଗଭୀର ଭାବେ ଅନୁଭବ କରିଥିବା କହିଛନ୍ତି। 'ଛଠୀ ମୈୟା' ଗୀତଟି ଫିଲ୍ମର ଲୋକକଥା ଓ ଫ୍ୟାଣ୍ଟାସି ଦୁନିଆକୁ ମଧ୍ୟ ଆହୁରି ଖୋଲିବ। ଗୀତରେ ଛଠ ପୂଜାର ପରମ୍ପରା ଓ ଲୋକଙ୍କ ଭାବନାକୁ ସିନେମାଟିକ୍ ଢଙ୍ଗରେ ପ୍ରଦର୍ଶନ କରାଯାଇଛି। ଏହାକୁ ବିଶାଳ ମିଶ୍ର ଗାଇବା ସହ କମ୍ପୋଜ୍ କରିଛନ୍ତି ଏବଂ ଗୀତର ଲିରିକ୍ସ ଲେଖିଛନ୍ତି କୌଶଲ କିଶୋର। ଚିନ୍ନି ପ୍ରକାଶ ଗୀତର କୋରିଓଗ୍ରାଫି କରିଛନ୍ତି। 'ଦି ୱ୍ୱାନ୍'ରେ ତମନ୍ନାଙ୍କ ସହ ସିଦ୍ଧାର୍ଥ ମାଲହୋତ୍ରା ମୁଖ୍ୟ ଭୂମିକାରେ ଅଛନ୍ତି। ଫିଲ୍ମଟି ଭାରତୀୟ ଲୋକକଥାକୁ ଫ୍ୟାଣ୍ଟାସି, ରହସ୍ୟ, ରୋମାନ୍ସ ଓ ଆଡଭେଞ୍ଚର ସହ ଯୋଡ଼ି ଏକ ବଡ଼ ସିନେମାଟିକ୍ ଅନୁଭୂତି ଦେବାକୁ ଚେଷ୍ଟା କରିଛି। ଦୀପକ ମିଶ୍ର ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଫିଲ୍ମଟି ସେପ୍ଟେମ୍ବର ୨୫, ୨୦୨୬ରେ ସିନେମାଘରକୁ ଆସିବ।



## ଅନନ୍ୟ ପର୍ଯ୍ୟଟନସ୍ଥଳୀ ମଣ୍ଡନଗିରୀ


ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ସଂପୁରସ୍ଥିତ ମଣ୍ଡନଗିରୀ ହେଉଛି ସର୍ବପୁରାତନ ରଘୁନାଥଙ୍କ ବିଜେସ୍ଥଳୀ। କାହିଁ କେଉଁ କାଳରୁ ରହି ଆସିଛି ଏହି ମନ୍ଦିରର ଐତିହାସିକ କିମ୍ବଦନ୍ତୀ। ପ୍ରକୃତି ରାଣୀ ସତେ ସଜାଇ ଦେଇଛି ଏହି ମନୋରମ ପର୍ବତମାଳା, ଝରଣାର କୁଳୁକୁଳୁ ନାଦ, ଚଢେଇର କିଚିରିମିଚିରି ଶବ୍ଦ ଓ ଭକ୍ତମାନଙ୍କର ମାନସିକ ପୁରଣ ହେବାର ସମ୍ପୁର୍ଣ୍ଣ ବିଶ୍ୱାସ। ସେଇଥି ପାଇଁ ବର୍ଷକ ବାର ମାସ ହଜାର ହଜାର ଶ୍ରଦ୍ଧାଳୁ ଏହି ସ୍ଥାନକୁ ଆସିଥାନ୍ତି। ସମୁଦ୍ର ପଉନ ଠାରୁ ୧୨ ଶହ ଫୁଟରେ ଜଳ ପୂର୍ଣ୍ଣ ପୁଷ୍କରୀଣୀ ଅତ୍ୟନ୍ତ ମନୋରମ। ମନ୍ଦରର ପୁର୍ବ ପାର୍ଶ୍ୱରେ ଠାକୁରଙ୍କ ପାଦ ଚିହ୍ନ, ବିଚାରସ୍ଥଳୀ, କାଶିଆକପିଳା ପାହାଡ, ସିଦ୍ଧ ଗୁମ୍ଫା, କିଆଝର, ବାଘ ଗୁମ୍ଫା ଭଳି ବିଭିନ୍ନ କିମ୍ବଦନ୍ତୀ ଏଠାରେ ଦେଖିବାକୁ ମିଳେ। ବର୍ତ୍ତମାନର ଆଧୁନିକ ଯୁଗରେ ସେଲିଫି ନେବା ପାଇଁ ବହୁ ଯୁବ ବର୍ଗଙ୍କ ପେଣ୍ଠସ୍ଥଳୀ ପାଲଟିଛି ଏହି ମଣ୍ଡନଗିରୀ ପର୍ବତମାଳା। ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ୍ୟ ଏଠାରେ ବହୁ ସମସ୍ୟା ଦେଖା ଦେଇଛି। ଏହି ସମସ୍ୟା ଗୁଡିକ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସଞ୍ଜୟ ସ୍ୱାଇଁ, ଅବିନାଶ ମହାନ୍ତି, ସାମ୍ବାଦିକ ନିରଞ୍ଜନ ପଟ୍ଟନାୟକ, ପ୍ରଦୀପ ମହଲା, ପୁର୍ଣ୍ଣଚନ୍ଦ୍ର ଲେଙ୍କା, ଶେଷଦେବ ସ୍ୱାଇଁ, ପ୍ରଦିପ୍ତ ଘଡେଇ, ମାନସ ଲେଙ୍କା ତଥା ସମାଜସେବୀ ଓ ସଂପୁର ଗ୍ରାମବାସୀ ଦାବି ଜଣାଇଛନ୍ତି।



## କେବେ ଶୁଭିଥିଲା ଶ୍ରୀକୃଷ୍ଣଙ୍କ ଶେଷ ବଂଶୀସ୍ୱନ ?

ରାଧା-କୃଷ୍ଣଙ୍କ ପ୍ରେମ କାହାଣୀକୁ ଆତ୍ମା ସହ ପରମାତ୍ମାଙ୍କ ମିଳନ ବୋଲି କୁହାଯାଏ। ଯେବେ ବି ପବିତ୍ର ପ୍ରେମର ଉଦାହରଣ ଦିଆଯାଏ, ସେତେବେଳେ ପୁରାଣବର୍ଣ୍ଣିତ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ଅନାବିଳ ପ୍ରେମ କାହାଣୀ ହିଁ କୁହାଯାଏୟ ଗୋପପୁରରେ ରାଧା-କୃଷ୍ଣଙ୍କ ପ୍ରେମକୁ ନେଇ ଅନେକ ବର୍ଣ୍ଣନା ପୁରାଣରେ ରହିଛି। ସେହି ବର୍ଣ୍ଣନା ଅନୁସାରେ ରାଧା-କୃଷ୍ଣଙ୍କ ଏହି ମିଳନରେ ପ୍ରମୁଖ ଭୂମିକା ନେଇଥିଲା ବଂଶୀ। ତେଣୁ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ଥିଲା ବଂଶୀ। ଗୋଟିଏ ମୁହୂର୍ତ୍ତ ବି ସେ ବଂଶୀକୁ ନିଜ ପାଖରୁ ଅଲଗା କରୁ ନ ଥିଲେ। କୁହାଯାଏ, ଶ୍ରୀରାଧାଙ୍କ ପରେ ବଂଶୀ ହିଁ ଥିଲା ଶ୍ରୀକୃଷ୍ଣଙ୍କ ପ୍ରିୟତମ। ଏହି ବଂଶୀର ସ୍ୱର ଶୁଣି ହିଁ ରାଧା ତାଙ୍କ ପାଖକୁ ପାଗଳି ପରି ଧାଇଁ ଆସୁଥିଲେ। ତେଣୁ ଶ୍ରୀକୃଷ୍ଣ ବଂଶୀକୁ କେବେ ବି ନିଜ ପାଖରୁ ଦୂରେଇ ରଖୁ ନଥିଲେ। କାହ୍ନାଙ୍କର ପ୍ରିୟ ଏହି ବଂଶୀକୁ ହିଁ ପ୍ରେମର ପ୍ରତୀକ ବୋଲି କୁହାଯାଏ।





## କାଶ୍ମୀରର ପାରମ୍ପରିକ ଖାଦ୍ୟ



କେତେକ ପାରମ୍ପରିକ ଖାଦ୍ୟ କାଶ୍ମୀରରେ ଖୁବ ପ୍ରସିଦ୍ଧ। ଆସନ୍ତୁ ଜାଣିବା ସେହି ଖାଦ୍ୟ ବିଷୟରେ...

କାଶ୍ମୀର ପଲାଉ : ଏଠାରେ ପ୍ରସ୍ତୁତ ହେଉଥିବା କାଶ୍ମୀର ପଲାଉ ସୁନ୍ଦର ବାସ୍ନାର ବାସୁମତୀ ଚାଉଳକୁ କ୍ଷୀର, ଚିନି ଓ ଡ୍ରାଏ ଫ୍ରୁଟ୍ସକୁ ପକାଇ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହା ଖୁବ ସୁଆଦିଆ।

ଆମିଷ ପ୍ରେମୀ ମାନେ ସାଧାରଣତଃ ବାସୁମତୀ ଚାଉଳରେ ମଟନ ପକାଇ ପଲାଉ ପ୍ରସ୍ତୁତ କରି ଖାଇଥାଆନ୍ତି।

ନଦର ୟଖ୍‌ନା : ଏହା ଏକ ଶାକାହାରୀ କାଶ୍ମୀର ବ୍ୟଞ୍ଜନ ଅଟେ। ଏହା ଦହି, ଅଦା, ତେଜପତ୍ର ଆଦି ପକାଇ ଏହାକୁ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହା ଖୁବ ସୁଆଦିଆ।

ୟୋଗର୍ଟ କରୀ :

ଦହି ସହ ଗୋଲମରିଚ, ଗୁଜୁରାତି, ପିଆଜ ବଟା ଆଦି କେତେ ପ୍ରକାର ଦ୍ରବ୍ୟକୁ ମିଶାଇ ଏହାକୁ ପ୍ରସ୍ତୁତ କରାଯାଏ। ଏହା ଖୁବ ସ୍ୱାଦିଷ୍ଟ ଓ ଏହାର ବାସ୍ନା ମଧ୍ୟ ଖୁବ ଭଲ। ୟୋଗର୍ଟ କରୀ ପ୍ରସ୍ତୁତ କରିବା ପରେ ଏହାଉପରେ ଶୁଖିଲା ପୁଦିନା ପତ୍ର ମଧ୍ୟ ପକାଯାଏ।

ମଟନ ରୋଗନ ଜୋଶ :

ଏହା କାଶ୍ମୀରର ଏକ ପ୍ରସିଦ୍ଧ ବ୍ୟଞ୍ଜନ ଅଟେ। ଏହାକୁ ମଟନ ସହ ଭଜା ପିଆଜ, ବିଭିନ୍ନ ପ୍ରକାରର ମସଲା ଦହି ପକାଇ ପ୍ରସ୍ତୁତ କରାଯାଏ। ଏଥିରେ କାଶ୍ମୀର ଲଙ୍କା ଗୁଣ୍ଡ ପକାଇବା ପରେ ଏହାର ରଙ୍ଗରେ ପରିବର୍ତ୍ତନ ଆସେ ଓ ସ୍ୱାଦ ବଢିଯାଏ।

ମଟନ ରୀଷ୍ଟା :

ଏହି ବ୍ୟଞ୍ଜନ ବିଶେଷ କରି ଥଣ୍ଡା ସମୟରେ ଓ ସ୍ୱତନ୍ତ୍ର ସମୟରେ ପ୍ରସ୍ତୁତ କରାଯାଏ। ଏହି ବ୍ୟଞ୍ଜନ ମସଲା ଯୁକ୍ତ, ଦହି ଓ ବୋନଲେସ୍ ମଟନରେ ପ୍ରସ୍ତୁତ କରାଯାଏ। ଖାଇବାକୁ ମଧ୍ୟ ଏହା ଖୁବ ସୁଆଦିଆ।

ହାକ :

ହାକ ଦେଖିବାକୁ ପାଳଙ୍ଗ ଶାଗ ଭଳି। ଏହାକୁ ପ୍ରସ୍ତୁତ କରିବାକୁ ସୋରିଷ ତେଲର ବ୍ୟବହାର କରାଯାଏ। ସୋରିଷ ତେଲରେ ମସଲା ପକାଇ ପାଳଙ୍ଗ ଶାଗକୁ ୩୦ ମିନିଟ ଯାଏଁ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହି ବ୍ୟଞ୍ଜନ ସୁଆଦିଆ ଓ ସ୍ୱାସ୍ଥ୍ୟକର ଅଟେ।

କାଶ୍ମୀର ଶାଗ :

ଏହି ପ୍ରକାରର ବ୍ୟଞ୍ଜନକୁ ସାଧାରଣତଃ ଶୀତଦିନରେ ଅଧିକ ଖାଇବାକୁ ମିଳିଥାଏ। ପିଆଜ, ଟମାଟୋ, କଞ୍ଚା ଲଙ୍କା, ମସଲା ଆଦି ପକାଇ ପ୍ରସ୍ତୁତ କରାଯାଏ। ଏହା ମଧ୍ୟ ଖାଇବାକୁ ଖୁବ ସୁଆଦିଆ।



## ଆର୍ଥିକ ସଙ୍କଟ ଦୂରେଇବାକୁ ହେଲେ ଅଣଦେଖା କରନ୍ତୁନି ଏହିସବୁ ନିୟମ

ଜୀବନରେ ବାସ୍ତୁଶାସ୍ତ୍ରର ଅନେକ ମହତ୍ତ୍ୱ ରହିଛି। ବାସ୍ତୁଶାସ୍ତ୍ର ଜୀବନଶୈଳୀ ଉପରେ ବିଭିନ୍ନ ପ୍ରଭାବ ପକାଇଥାଏ। ବାସ୍ତୁଶାସ୍ତ୍ର ଅନେକ ସମସ୍ୟା ସମାଧାନ କରିଥାଏ। ସେଥିପାଇଁ ଲୋକେ ଘର ତିଆରି କରିବା ପୂର୍ବରୁ ବାସ୍ତୁଶାସ୍ତ୍ରର ସବୁ ଦିଗ ପ୍ରତି ଦୃଷ୍ଟି ନେଇ ଘର ତିଆରି କରିଥାନ୍ତି। ବାସ୍ତୁ ନିୟମ ଅନୁସରଣ କରି ଜୀବନକୁ ସୁଖମୟ କରାଯାଇପାରିବ। ବାସ୍ତୁଶାସ୍ତ୍ରରେ ଏମିତି କିଛି ନିୟମ ରହିଛି ଯାହାକୁ ଅଣଦେଖା କରିବା ଦ୍ୱାରା ଜୀବନ ଉପରେ ତାର ନକାରାତ୍ମକ ପ୍ରଭାବ ପଡିଥାଏ। ନକାରାତ୍ମକ ପ୍ରଭାବ ଅନେକ ସମସ୍ୟା ସୃଷ୍ଟି କରିପାରେ। ବାସ୍ତୁଶାସ୍ତ୍ରର ଏହି ସରଳ ନିୟମ ପାଳନ କରିବା ଦ୍ୱାରା ଜୀବନରେ ସକାରାତ୍ମକ ପ୍ରଭାବ ପଡିବ। ବାସ୍ତୁଶାସ୍ତ୍ରରେ ଏମିତି ବି କିଛି ନିୟମ ରହିଛି ଯାହାକୁ ଅଣଦେଖା କଲେ ଆର୍ଥିକ ସଙ୍କଟ ମଧ୍ୟ ଦେଖାଦେଇପାରେ।



ଜାଣନ୍ତୁ ବାସ୍ତୁଶାସ୍ତ୍ରର ସରଳ ନିୟମ :

୧. ଘର ସର୍ବଦା ସଫାସୁତୁରା ଓ ସ୍ୱଚ୍ଛ ରଖିବା ଉଚିତ।

୨. ଘରେ ଯେଉଁ ସ୍ଥାନରେ ଟ୍ରେଜେରି ଅଛି ବା ଧନ ରଖନ୍ତି ସେଠାରେ ବୁଢିଆଣୀ ଜାଲ ରହିବାକୁ ଦିଅନ୍ତୁନି, ସର୍ବଦା ସଫା ରଖନ୍ତୁ।

୩. ଟଙ୍କା ରଖୁଥିବା ଆଲମିରା ବା ଟ୍ରେଜେରି ଏହିଭଳି ରଖନ୍ତୁ ଯେପରି ତାହା ଉତ୍ତର ଦିଗ ଆଡକୁ ଖୋଲୁଥିବ।

୪. ଯେଉଁ ଆଲମିରାରେ ଆପଣ ଟଙ୍କା, ଗହଣା ଆଦି ରଖୁଛନ୍ତି ତାହା କେବେ ବି ଦକ୍ଷିଣ ଦିଗ ଆଡକୁ ଖୋଲିବା ଉଚିତ ନୁହେଁ, ତାର ମୁହଁ ଉତ୍ତର ଆଡକୁ ରହିବା ଉଚିତ।

୫. ଘରେ ଅଯଥା ପାଣି ନଷ୍ଟ କରନ୍ତୁନି, ଘରେ ନଳରୁ ପାଣି ଝରିବା ଶୁଭ ନୁହେଁ, ଘରେ ଅଯଥା ନଳରୁ ପାଣି ଝରୁଥିଲେ ଟଙ୍କା ରହେନାହିଁ ଏବଂ ଆର୍ଥିକ ସଙ୍କଟ ଦେଖାଦିଏ ବୋଲି କୁହାଯାଏ।

୬. ଖାଇବା ବେଳେ ମନେ ରଖିବେ, ଭୋଜନ ଥାଳିକୁ କୌଣସି ପିଢା କିମ୍ବା ଆସନରେ ସମ୍ମାନର ସହ ରଖିବା ଉଚିତ, ଅନ୍ନକୁ ସର୍ବଦା ସମ୍ମାନ ଦେବା ଉଚିତ।

୭. ଖାଇବା ପରେ ଭୋଜନ ଥାଳିରେ କେବେ ବି ହାତ ଧୁଅନ୍ତୁ ନାହିଁ। ରାତିରେ ଘରେ ଅଇଁଠା ବାସନ ପକାଇ ରଖନ୍ତୁ ନାହିଁ, ବାସନ ସଫା କରି ଶୋଇବା ଉଚିତ।

୮. ଘରର ରୋଷେଇ ଘର ସବୁବେଳେ ଆଗ୍ନେୟ କୋଣରେ ରହିବା ଉଚିତ।

୯. ଟଏଲେଟ, ଗାଧୁଆ ଘର, ରୋଷେଇ ଘର ଗୋଟିଏ ସିଧାରେ ନିର୍ମାଣ କରିବା ଉଚିତ ନୁହେଁ।

୧୦. ଘରର ରୋଷେଇ ଘର ଓ ଟଏଲେଟ କବାଟ କେବେ ବି ସମ୍ମାସାମ୍ନି ରଖିବା ଉଚିତ ନୁହେଁ।

# ପିୟୁସିସି ଜରିମାନା ରାଶି ହ୍ରାସ କଲେ ସରକାର

ଭୁବନେଶ୍ୱର,୯।୯ (ମହାଭାରତ): ପିୟୁସିସି ଜରିମାନା ରାଶି ହ୍ରାସ କଲେ ରାଜ୍ୟ ସରକାର । ଏନେଇ ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶା ସରକାର ସର୍ବଦା ମୋଟରଯାନ ଆଇନର ପ୍ରୟୋଗ କ୍ଷେତ୍ରରେ ଏକ ସନ୍ତୁଳିତ ଏବଂନାଗରିକ-କେନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିଆସିଛନ୍ତି । ୨୦୨୬ବର୍ଷର ଆରମ୍ଭରେ, ପିୟୁସିସି ନିୟମ କଡ଼ାକଡ଼ି କରିବା, ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ଗୁଡ଼ିକର ଉପଲବ୍ଧତା ଏବଂ ପିୟୁସିସି ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ ପାଇଁ ଧାର୍ଯ୍ୟ ଜରିମାନାକୁ ନେଇ ଗାଡ଼ିମାଲିକ, ବିଭିନ୍ନ ସଂଘ ଏବଂ ଗଣମାଧ୍ୟମ ପକ୍ଷରୁ ପ୍ରଶ୍ନ ଉଠାଯାଇଥିଲା। ଆମ ସରକାର ଲୋକଙ୍କ ସରକାର, ଲୋକଙ୍କ ସମସ୍ୟାକୁ ସରକାରକେବେ ବି ଅଣଦେଖା କରିନାହାନ୍ତି। ପିୟୁସିସି ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ ଯୋଗୁଁ ଜାରି ହେଉଥିବା ଜରିମାନା ରାଶି ଦଶ ହଜାର ଟଙ୍କାକୁହ୍ରାସ କରିବା ପାଇଁ ଦାବି ହେଉଥିଲା । ଏଥିପାଇଁ କିଛି ଲୋକ ଆମ ସରକାରଙ୍କୁ ସମାଲୋଚନା ମଧ୍ୟ କରିଥିଲେ । କିନ୍ତୁ ବାସ୍ତବରେ ୨୦୧୯ ମସିହାରେ ସେତେବେଳର ରାଜ୍ୟ ସରକାର ଏହି ଜରିମାନା ରାଶି ଧାର୍ଯ୍ୟ କରିଥିଲେ । ତେବେ ଆମ ସରକାର ଜନସାଧାରଣଙ୍କ ଦାବିକୁ ସମ୍ମାନ ଦେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଲୋକଙ୍କ ସରକାର ପିୟୁସିସି ଜରିମାନା ରାଶି ହ୍ରାସ ପାଇଁ ନିଷ୍ପତ୍ତି ନେଇଛନ୍ତି । ପୂର୍ବ ସରକାର ବେଳେ ଏହା ଦଶ ହଜାର ଟଙ୍କା ଥିବା ବେଳେ ଏହାକୁ ଆମ ସରକାର ହ୍ରାସ କରିଦେଇଛନ୍ତି। ଗାଡ଼ି ମାଲିକ ଓ ଚାଳକମାନଙ୍କ ପାଇଁ ସରକାର ଏକ ବଡ଼ ଆଶ୍ୱାସନା ଆଣିଛନ୍ତି। ୨୦୧୯ ମସିହାରୁ ପ୍ରଦୂଷଣ ନିୟମ ଉଲ୍ଲଂଘନ ପାଇଁ ଧାର୍ଯ୍ୟ ହୋଇଥିବା ୧୦,୦୦୦ର ଜରିମାନା ରାଶିକୁ ଏବେ ହ୍ରାସ କରାଯାଇଛି। ନୂତନ ସଂଶୋଧନ ଅନୁଯାୟୀ, ମୋଟରସାଇକେଲ କିମ୍ବା ବାଇକ୍ ଏବଂ ତିନି ଚକିଆ ଗାଡ଼ି (ଯାତ୍ରୀବାହୀ/ମାଲ ପରିବହନ) ପ୍ରଥମ ଥର ନିୟମ ଉଲ୍ଲଙ୍ଘନ କଲେ୧,୦୦୦ ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ସମୟରେ ନିୟମ ଉଲ୍ଲଙ୍ଘନ କଲେ୨,୦୦୦ ଜରିମାନା ଦେବାକୁ ପଡ଼ିବ। ସେହିପରି ମୋଟର କ୍ୟାବ୍ ଏବଂ ମୋଟର କାର୍ କିମ୍ବା ଜିପ୍ ପାଇଁ ପ୍ରଥମ ଥର ୨,୦୦୦ ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ସମୟ ନିୟମ ଉଲ୍ଲଙ୍ଘନ ପାଇଁ ୫,୦୦୦ ଜରିମାନା ଧାର୍ଯ୍ୟ ହୋଇଛି। ଟ୍ରାକ୍ଟର କିମ୍ବା ଟ୍ରେଲର କ୍ଷେତ୍ରରେ ଏହି ଜରିମାନା ପ୍ରଥମ ଥର ପାଇଁ ୨,୦୦୦ ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ସମୟ ପାଇଁ ୫,୦୦୦ ।




ଏହା ବ୍ୟତୀତ, ଏହି ସମସ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇନଥିବା ପରିବହନ ଗାଡ଼ି ଏବଂ ଅନ୍ୟାନ୍ୟ ସମସ୍ତ ଯାନ ପାଇଁ ପ୍ରଥମ ଥର ନିୟମ ଉଲ୍ଲଙ୍ଘନ କଲେ ୩,୦୦୦ ଏବଂ ଦ୍ୱିତୀୟ କିମ୍ବା ପରବର୍ତ୍ତୀ ସମୟ ପାଇଁ ୬,୦୦୦ ଜରିମାନା ଦେବାକୁ ହେବ। ଲୋକମାନଙ୍କର ଦାବିକୁ ବିଚାର କରି ସମସ୍ତ ନିଷ୍ପତ୍ତି ଗ୍ରହଣ କରାଯାଉଛି। ତେଣୁ ଆଶା କରାଯାଉଛି ଯେ, ମୋଟରଯାନ ଆଇନ୍ ଅନୁଯାୟୀ ଏବେ ସମସ୍ତେ ସଡ଼କ ସୁରକ୍ଷା ନିୟମ ପାଳନ କରିବେ ଏବଂ ପ୍ରଦୂଷଣ ପ୍ରମାଣପତ୍ର ଠାରୁ ଆରମ୍ଭ କରି ଗାଡ଼ିର ବୀମା ପର୍ଯ୍ୟନ୍ତ ସମସ୍ତ କାଗଜପତ୍ର ଅପ୍-ଟୁ-ଡେଟ ରଖିବେ। ପୂର୍ବରୁ ଜନସାଧାରଣଙ୍କ ଅନୁରୋଧ କ୍ରମେ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ ପ୍ରକ୍ରିୟାକୁ କିଛିଦିନ ପାଇଁ କୋହଳ କରାଯାଇଥିଲା। ସରକାରୀ ଘୋଷଣା ଅନୁଯାୟୀ ଏହି କୋହଳ ଅବଧି ଏପ୍ରିଲ୍ ୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ଥିଲା। ଏପରିକି ତା' ପରଠାରୁ ମଧ୍ୟ ଏହି ଦୁଇଟି ବିଷୟ (ପ୍ରଦୂଷଣଓବୀମା) ଉପରେ ଏନଫୋର୍ସମେଣ୍ଟ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯାଇନଥିଲା। ମୋଟର ଯାନ ଆଇନ ଅନୁଯାୟୀ ସମସ୍ତ କାଗଜପତ୍ର ଅପଡେଟ୍ କରିବା ଏକ ବାଧ୍ୟତାମୂଳକ ବ୍ୟବସ୍ଥା, ଏହା ଆଇନର ପରିସରଭୁକ୍ତ। ଏହାସତ୍ତ୍ୱେ, ଯେଉଁମାନେ ଉଦ୍ଦେଶ୍ୟମୂଳକ ଭାବେ ନିୟମ ଉଲ୍ଲଂଘନ କରୁଛନ୍ତି, ସମସ୍ତ ସଡ଼କ ବ୍ୟବହାରକାରୀଙ୍କ ଜୀବନର ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ବିରୋଧରେ ବ୍ୟାପକ ଏନଫୋର୍ସମେଣ୍ଟର ଆବଶ୍ୟକତା ରହିଛି। ମୋଟର୍ ଯାନ ଆଇନ୍‌ର ସଠିକ୍ ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ବ୍ୟାପକ ଏନଫୋର୍ସମେଣ୍ଟ ବା ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ଏହାସହ ଇ-ଡିଟେକ୍ସନ ଜରିଆରେ ମଧ୍ୟ ପୂର୍ବଭଳି ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମୋଟରଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିଭଳି ନବେ ଦିନରୁ ଅଧିକ ଦିନ ଧରି ଇ-ଚାଲାଣ ବକେୟା ଥିଲେ ପିୟୁସିସି ହୋଇ ନ ପାରିବା ନେଇ ମଧ୍ୟ ଆଇନରେ ପ୍ରାବଧାନ ରହିଛି ।

# ରେଙ୍ଗାଲି ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର,୯।୯ (ମହାଭାରତ): ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ଦ୍ୱିତୀୟ ପର୍ଯ୍ୟାୟର ସାମଗ୍ରିକ ଅଗ୍ରଗତି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରକଳ୍ପର ଭୌତିକ ଓ ଆର୍ଥିକ ଅଗ୍ରଗତି, ଚାଲୁଥିବା ସିଭିଲ୍ କାର୍ଯ୍ୟ, ଜଳସେଚନ କ୍ଷମତା ସୃଷ୍ଟି, ଜମି ଅଧିଗ୍ରହଣ, ଜଙ୍ଗଲ ଅନୁମୋଦନ ଏବଂ ବିଭିନ୍ନ ମୁଖ୍ୟ ଭିତିଭୂମି ନିର୍ମାଣର ସ୍ଥିତି ବିସ୍ତୃତ ଭାବେ ସମୀକ୍ଷା କରାଯାଇଥିଲା। ପ୍ରକଳ୍ପର ଚାଲୁଥିବା ବିଭିନ୍ନ କାର୍ଯ୍ୟ ପ୍ୟାକେଜ୍‌ର ଅଗ୍ରଗତି ଉପରେ ଆଲୋଚନା ସହ ଜି-୩ ପ୍ୟାକେଜ୍‌ର କାର୍ଯ୍ୟାନ୍ୱୟନ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ବୈଠକରେ ନିର୍ଦ୍ଦେଶକ, ଆର ଆଣ୍ଡ୍ ଆର୍ ଶ୍ରୀ ଅଶୋକ କୁମାର ବେହେରା , ଇଆଇସି କମ୍-ସ୍ୱତନ୍ତ୍ର ଶାସନ ସଚିବ ଇଂ. ବିଘ୍ନରାଜ ପୁରୋହିତ, ସମେତ ଆଭାସୀ ମାଧ୍ୟମରେ ଜାଇକା ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଇଂ. ବିଜ୍ଞାନ ପ୍ରସାଦ ସାହୁଙ୍କ ସମେତ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ, ପ୍ରକଳ୍ପ ପରିଚାଳନା ଦଳ ଏବଂ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକଳ୍ପର ବିଭିନ୍ନ କାର୍ଯ୍ୟ ପ୍ୟାକେଜ୍ ର ଅଗ୍ରଗତି, ଜମି ଅଧିଗ୍ରହଣ, ଜଙ୍ଗଲ ଅନୁମୋଦନ, କମାଣ୍ଡ ଅଂଚଳ ବିକାଶର ସ୍ଥିତି ନେଇ ସମ୍ପୃକ୍ତ ଅଧିକାରୀମାନେ ସମୀକ୍ଷା ବୈଠକରେ ଅବଗତ କରାଇଥିଲେ।

# ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ କଲା ରେଳବାଇ

ଭୁବନେଶ୍ୱର,୯।୯ (ମହାଭାରତ): ଯାତ୍ରୀଙ୍କ ସମ୍ଭାବ୍ୟ ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଏକାଧିକ ଟ୍ରେନରେ ସାମୟିକ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରାଯାଉଛି । ଏହା ଦ୍ୱାରା ଯାତ୍ରୀଙ୍କ ପାଇଁ



ଅତିରିକ୍ତ ଆସନ/ଶଯ୍ୟା ଉପଲବ୍ଧ ହେବା ସହ ଅଧିକ ସୁଗମ ଓ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବାରେ ସହାୟତା ମିଳିବ। ଏହି କ୍ରମରେ, ଟ୍ରେନ୍ ନମ୍ବର ୧୮୪୬୩ ଭୁବନେଶ୍ୱର-କେଏସଆର ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସରେ ସେପ୍ଟେମ୍ବର ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୮୪୬୪ କେଏସଆର ବେଙ୍ଗାଲୁରୁ-ଭୁବନେଶ୍ୱରରେ ସେପ୍ଟେମ୍ବର ୨ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ଟ୍ରେନ୍ ନମ୍ବର ୧୨୮୧୯ ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରେ ସେପ୍ଟେମ୍ବର ୨ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୨୮୨୦ ଆନନ୍ଦ ବିହାର ଟର୍ମିନାଲ-ଭୁବନେଶ୍ୱରରେ ସେପଟେମ୍ବର ୪ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ଏହା ବ୍ୟତୀତ, ଟ୍ରେନ୍ ନମ୍ବର ୨୨୮୭୯ ଭୁବନେଶ୍ୱର-ତିରୁପତିରେ ସେପଟେମ୍ବର ୫ରୁ ସେପ୍ଟେମ୍ବର ୨୬, ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୨୨୮୮୦ ତିରୁପତି-ଭୁବନେଶ୍ୱରରେ ସେପ୍ଟେମ୍ବର ୬ରୁ ସେପ୍ଟେମ୍ବର ୨୭, ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ଆଂଚଳିକ ଟ୍ରେନଗୁଡ଼ିକରେ ବଢୁଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଟ୍ରେନ୍ ନମ୍ବର ୧୮୩୦୧ ସମ୍ବଲପୁର-ରାୟଗଡ଼ା ଏବଂ ୧୮୩୦୨ ରାୟଗଡ଼ା-ସମ୍ବଲପୁରରେ ସେପଟେମ୍ବର ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ।

# ସମାବେଶୀ ସହର ପାଇଁ ଶକ୍ତି- ଶକ୍ତି ସମ୍ମିଳନୀରେ ଯାତାୟାତକୁ ଗୁରୁତ୍ୱ

ଭୁବନେଶ୍ୱର,୯।୯ (ମହାଭାରତ): "ଯେତେବେଳେ ମହିଳାମାନେ ଆଗକୁ ବଢ଼ନ୍ତି, ସହର ବି ଆଗକୁ ବଢ଼େ।" ଏହି ଦୃଢ଼ ବାର୍ତ୍ତା ସହିତ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଓଡ଼ିଶାର ସହରୀ ପରିବହନ ବ୍ୟବସ୍ଥାରେ ମହିଳାଙ୍କ ସୁରକ୍ଷା, ସୁଗମତା ଓ ସକ୍ରିୟ ଅଂଶଗ୍ରହଣକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦେଇଛନ୍ତି । ଭୁବନେଶ୍ୱରର ମେଫେୟାରରେ ଆୟୋଜିତ 'ଶକ୍ତି ସମ୍ମିଳନୀ ୨୦୨୬ : ରାଜ୍ୟ ମହିଳା ଓ ଶିଶୁ ବିକାଶ ନେତୃତ୍ୱ କନକ୍ଲେଭ' ରେ "ସହରୀ ଗମନାଗମନରେ ଲିଙ୍ଗଗତ ମୁଖ୍ୟଧାରା ପାଇଁ ଓଡ଼ିଶାର ପଦକ୍ଷେପ" ବିଷୟରେ ବକ୍ତବ୍ୟ ରଖି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ସହରୀ ପରିବହନର ଯୋଜନା, ଡିଜାଇନ୍ ଓ ସେବା ପ୍ରଦାନର ପ୍ରତ୍ୟେକ ସ୍ତରରେ ମହିଳାଙ୍କ ଆବଶ୍ୟକତା ଓ ଅଭିଜ୍ଞତାକୁ କେନ୍ଦ୍ରରେ ରଖିବା ଆବଶ୍ୟକ। ସେ କହିଛନ୍ତି ଯେ, ଗମନାଗମନ କେବଳ ଗୋଟିଏ ସ୍ଥାନରୁ



ଅନ୍ୟ ସ୍ଥାନକୁ ପହଂଚିବାର ବିଷୟ ନୁହେଁ; ଏହା ସୁଯୋଗ ଓ ସଶକ୍ତୀକରଣ ସହିତ ସିଧାସଳଖ ଜଡ଼ିତ। ମହିଳାମାନଙ୍କ ପାଇଁ ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ସୁଗମ ପରିବହନ ସେମାନଙ୍କ ଶିକ୍ଷା, ନିଯୁକ୍ତି, ଉଦ୍ୟୋଗ, ସ୍ୱାସ୍ଥ୍ୟସେବା ଓ ସାମାଜିକ ସୁଯୋଗ ପାଇବାର କ୍ଷମତାକୁ ସିଧାସଳଖ ପ୍ରଭାବିତ କରେ। "ଯେଉଁ ସହରରେ ଅଧା ଜନସଂଖ୍ୟା ଚଳପ୍ରଚଳ କରିବା ସମୟରେ ନିଜକୁ ସୁରକ୍ଷିତ ଓ ଆତ୍ମବିଶ୍ୱାସୀ ମନେ କରନ୍ତି ନାହିଁ, ସେହି ସହର ପ୍ରକୃତରେ ସମାବେଶୀ ହୋଇପାରିବ ନାହିଁ," ବୋଲି ସେ କହିଛନ୍ତି। ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ସହରୀ ଗମନାଗମନରେ ଲିଙ୍ଗଗତ ମୁଖ୍ୟଧାରା କେବଳ ନୀତି ଓ ଦସ୍ତାବିଜରେ ସୀମିତ ନ ରହି ଯୋଜନା ପ୍ରସ୍ତୁତିଠାରୁ ଆରମ୍ଭ କରି ଭିତିଭୂମି ନିର୍ମାଣ, କାର୍ଯ୍ୟକାରିତା ଓ ସେବା ପ୍ରଦାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ପ୍ରତିଫଳିତ ହେବା ଦରକାର। ସୁରକ୍ଷିତ ଓ ସୁଗମ ଜନପରିବହନ, ପଥଚାରୀ-ଅନୁକୂଳ ଭିତିଭୂମି, ପର୍ଯ୍ୟାପ୍ତ ଆଲୋକୀକରଣ, ସୁରକ୍ଷିତ ସର୍ବସାଧାରଣ ସ୍ଥାନ, ସହଜ ଶେଷ-ମାଇଲ୍ ସଂଯୋଗ ଏବଂ ଉତରଦାୟୀ ପରିବହନ ସେବା ଏକ ମହିଳା-ଅନୁକୂଳ ସହରର ଅତ୍ୟାବଶ୍ୟକ ଅଙ୍ଗ ବୋଲି ସେ ଉଲ୍ଲେଖ କରିଛନ୍ତି। ଅଧିବେଶନରେ ଏକ ପ୍ରେରଣାଦାୟୀ ଉଦାହରଣ ଦେଇ ଶ୍ରୀମତୀ ପାଢ଼ୀ ତାଙ୍କ ମହିଳା ଡ୍ରାଇଭରଙ୍କୁ ଉପସ୍ଥିତ ଦର୍ଶକଙ୍କ ସହ ପରିଚିତ କରାଇଥିଲେ। ପାରମ୍ପରିକ ଭାବେ ପୁରୁଷ-ପ୍ରଧାନ ବୋଲି ବିବେଚିତ ହେଉଥିବା ଏକ କ୍ଷେତ୍ରରେ ଜଣେ ମହିଳାଙ୍କ ସଫଳ ଅଂଶଗ୍ରହଣ ରୂଢ଼ିବାଦୀ ଧାରଣାକୁ ଭାଙ୍ଗିବା ସହିତ ଅନ୍ୟ ମହିଳାମାନଙ୍କ ପାଇଁ ମଧ୍ୟ ନୂଆ ସୁଯୋଗର ଦ୍ୱାର ଖୋଲିଥାଏ ବୋଲି ସେ ଦର୍ଶାଇଥିଲେ। "ଲିଙ୍ଗଗତ ମୁଖ୍ୟଧାରା କେବଳ ନୀତି ଏବଂ ଦସ୍ତାବିଜ ମଧ୍ୟରେ ସୀମିତ ରହିପାରିବ ନାହିଁ । ଏହା ଆମ ଦୈନନ୍ଦିନ ଜୀବନରେ ଏବଂ ସାର୍ବଜନୀନ ସେବା ଯୋଗାଉଥିବା ଲୋକଙ୍କ କାର୍ଯ୍ୟରେ ଦୃଶ୍ୟମାନ ହେବା ଉଚିତ," ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଡ୍ରାଇଭର, ପରିବହନ କର୍ମଚାରୀ, ଯୋଜନାକାରୀ, ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ଓ ସେବା ପ୍ରଦାନକାରୀ ଭାବେ ମହିଳାଙ୍କ ଅଧିକ ପ୍ରତିନିଧିତ୍ୱ ସମଗ୍ର ପରିବହନ ବ୍ୟବସ୍ଥାକୁ ଅଧିକ ସମାବେଶୀ, ଉତରଦାୟୀ ଓ ଜନକେନ୍ଦ୍ରିକ କରିପାରିବ। ମହିଳାମାନଙ୍କୁ କେବଳ ପରିବହନ ବ୍ୟବସ୍ଥାର ହିତାଧିକାରୀ ଭାବେ ନଦେଖି, ସେମାନଙ୍କୁ ଏହାର ସକ୍ରିୟ ଅଂଶୀଦାର ଓ ନିଷ୍ପତି ନିର୍ମାଣ ପ୍ରକ୍ରିୟାର ଅଂଶ କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି ।

# ବାରଣାସୀ-ଅଯୋଧ୍ୟା ତୀର୍ଥଯାତ୍ରାରେ ବରିଷ୍ଠ ନାଗରିକ

ଭୁବନେଶ୍ୱର,୯।୯ (ମହାଭାରତ): ଭୁବନେଶ୍ୱର ନ୍ୟୁ ରେଳ ଷ୍ଟେସନ (ପଟିଆ) ଠାରେ ଆଜି ପୂର୍ବାହ୍ନ ୧୧:୦୦ ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ୭୭୫ ଜଣ ଯୋଗ୍ୟ ତୀର୍ଥଯାତ୍ରୀଙ୍କୁ ଓଡିଶାରୁ ବାରଣାସୀ-ଅଯୋଧ୍ୟା ନେଇ ଯାଉଥିବା ଏକ ସ୍ୱତନ୍ତ୍ର ଟ୍ରେନ୍‌କୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଛନ୍ତି। ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ପୁରୀ, କଟକ, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କର ବାରଣାସୀ-ଅଯୋଧ୍ୟା ଟ୍ରେନ୍‌ର ଶୁଭାରମ୍ଭ କରି ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ପ୍ରଭୁ ଲିଙ୍ଗରାଜଙ୍କ ପୀଠରୁ କାଶୀ ବିଶ୍ୱନାଥ ଓ ଅଯୋଧ୍ୟା ପୀଠକୁ ଏହି ଯାତ୍ରା ସଫଳ ହେଉ । ଏହି ଯାତ୍ରା ଦ୍ୱାରା ବରିଷ୍ଠ ନାଗରିକମାନେ ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ଦର୍ଶନ ଓ ଶ୍ରୀରାମଲାଲାଙ୍କ ସାନିଧ୍ୟ ଲାଭ କରିପାରିବେ । ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଜିଲ୍ଲାର ବରିଷ୍ଠ ନାଗରିକମାନେ ଦେଶର ବିଭିନ୍ନ ତୀର୍ଥସ୍ଥାନ ଯାତ୍ରା କରିବାର ସୌଭାଗ୍ୟ ହାସଲ କରିବା ସହ




ସେହି ସ୍ଥାନର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଗୁରୁତ୍ୱ ସମ୍ପର୍କରେ ଜାଣିପାରିବେ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହି ପ୍ରଥମ ପର୍ଯ୍ୟାୟ ବରିଷ୍ଠ ତୀର୍ଥଯାତ୍ରାରେ ଖୋର୍ଦ୍ଧା ଜିଲ୍ଲାର ୧୬୯ ଜଣ, ଜଗତସିଂହପୁର ଜିଲ୍ଲାର ୮୫, କଟକ ଜିଲ୍ଲାର ୧୯୭, ପୁରୀରୁ ୧୨୭, କେନ୍ଦ୍ରାପଡ଼ାରୁ ୧୦୮ ଓ ଢେଙ୍କାନାଳ ଜିଲ୍ଲାର ୮୯ ଜଣଙ୍କୁ ମିଶାଇ ମୋଟ ୭୭୫ ଜଣ ବରିଷ୍ଠ ନାଗରିକ ଓ ସେମାନଙ୍କର ଭଲମନ୍ଦ ବୁଝିବା ପାଇଁ ୨୫ ଜଣ ଅଧିକାରୀ ସାମିଲ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୩୩୩ ଜଣ ମହିଳା ଓ ୪୪୨ ଜଣ ପୁରୁଷ ଅଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ଗଣେଶ୍ୱର ବେହେରା ପ୍ରମୁଖ ତୀର୍ଥଯାତ୍ରୀମାନଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କର ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ପର୍ଯ୍ୟଟକମାନଙ୍କୁ ପ୍ରତୀକାତ୍ମକ ଭାବେ ରେଲ୍ୱେ ଟିକେଟ୍ ଓ କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଥିଲା। ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ବଲୱନ୍ତ ସିଂହ, ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଅମ୍ରିତ ରତୁରାଜ, ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ର ଅତିରିକ୍ତ ଡିଆରଏମ୍ ଶ୍ରୀ ପ୍ରଦୀପ କୁମାର ବେହେରା, ଆଇଆରସିଟିସିର ଆଞ୍ଚଳିକ ପରିଚାଳକ ଶ୍ରୀ ଅନୁଜ ଦତ୍ତ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟଯେ, ୨୦୨୬-୨୭ ବର୍ଷରେ ମୋଟ ୧୦ ଟି ପର୍ଯ୍ୟାୟରେ ୮,୦୦୦ ବରିଷ୍ଠ ନାଗରିକ ଅଯୋଧ୍ୟା, ବାରାଣାସୀ, ହରିଦ୍ୱାର, ଋଷିକେଶ, ରାମେଶ୍ୱରମ ଓ ମଦୁରାଇ ଭ୍ରମଣ କରିବେ।

# ଜାତୀୟ କ୍ରୀଡ଼ାରେ ବେଦାନ୍ତ ପ୍ରତିବଦ୍ଧତା

ଭୁବନେଶ୍ୱର,୯।୯ (ମହାଭାରତ): କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ସମ୍ମାନରେ ପ୍ରତିବର୍ଷ ୨୯ ଅଗଷ୍ଟରେ ପାଳିତ ହେଉଥିବା ଜାତୀୟ କ୍ରୀଡ଼ା ଦିବସରେ, ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସ୍ଏଲ୍) ସରକାରଙ୍କ 'ଖେଳିବ ଭାରତ, ଜିତିବ ଭାରତ' ଦୂରଦୃଷ୍ଟି ପ୍ରତି ଆପଣାର ପ୍ରତିବଦ୍ଧତାକୁ ପୁନଃପ୍ରତିପାଦିତ କରିଛି। ଗୋଆର ସେସା ଫୁଟବଲ୍ ଏକାଡେମୀ ଓ ଝାଡ଼ଖଣ୍ଡର ବେଦାନ୍ତ ଇଏସ୍ଏଲ୍ ତିରନ୍ଦାଜୀ ଏକାଡେମୀ ନାମକ ଏହାର ଦୁଇଟି ସବୁଠାରୁ ଦୀର୍ଘଦିନରୁ ଚାଲିଆସୁଥିବା ତୃଣମୂଳ କ୍ରୀଡ଼ା ଉଦ୍ୟୋଗ ଉପରେ ଆଲୋକପାତ କରିଛି ଯାହା ମିଳିତ ଭାବେ ଗ୍ରାମୀଣ ଏବଂ ଖଣି-ଅଚଂଳ ସମ୍ପ୍ରଦାୟର ଶହ ଶହ ଯୁବ ଆଥଲେଟ୍‌ଙ୍କୁ ତୃଣମୂଳ ସ୍ତରର ଭାଗୀଦାରୀରୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତା ପର୍ଯ୍ୟନ୍ତ ଏକ ପ୍ରକୃତ ପଥ ପ୍ରଦାନ କରିଛନ୍ତି। ସେସା ସ୍ପୋର୍ଟସ କ୍ଲବର ଐତିହ୍ୟକୁ ଆଧାର କରି ୧୯୯୯ ମସିହାରେ ସାଂଖାଲିଠାରେ ପୁନରୁଦ୍ଧାର କରାଯାଇଥିବା ଖଣି ଜମିରେ ଯାହା ଆରମ୍ଭ ହୋଇଥିଲା। ତାହା ଭାରତର ସ୍ୱୀକୃତିପ୍ରାପ୍ତ ଫୁଟବଲ ବିକାଶ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରୁ ଗୋଟିଏ ଭାବରେ ବିକଶିତ ହୋଇଛି। ଗୁଣବାନ୍ ଯୁବକମାନଙ୍କୁ ବିଶେଷ କରି ଗ୍ରାମୀଣ ଏବଂ ଖଣି-ଅଂଚଳ ସମ୍ପ୍ରଦାୟର ଫୁଟବଲକୁ ଗାମ୍ଭୀର୍ଯ୍ୟର ସହିତ ଆପଣେଇବାର ସୁଯୋଗ ଦେବା ପାଇଁ ପ୍ରତିଷ୍ଠିତ ସେସା ଫୁଟବଲ ଏକାଡେମୀ (ଏସ୍ଏଫ୍ଏ)ର ଆବାସିକ କାର୍ଯ୍ୟକ୍ରମରୁ ଏପର୍ଯ୍ୟନ୍ତ ୨୩୦ ରୁ ଅଧିକ ଖେଳାଳି ସ୍ନାତକ ହୋଇସାରିଛନ୍ତି, ଯେଉଁଥିରୁ ୧୪ ଜଣ ଅନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି।

# ବେଦାନ୍ତ ଆଲୁମିନିୟମ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶିତ

ଭୁବନେଶ୍ୱର,୯।୯ (ମହାଭାରତ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, କୋଲକାତାର ବିଶ୍ୱ ବଙ୍ଗଳା ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ ଷଷ୍ଠ କୋଲ୍ ଲଗ୍ ଇଣ୍ଡିଆ (ସିଏଲଆଇ) ଏକ୍ସପୋ ୨୦୨୬ ରେ ଏହାର ପ୍ରଯୁକ୍ତିବିଦ୍ୟା-ଆଧାରିତ ଖଣି କାର୍ଯ୍ୟ ଏବଂ ଗୋଷ୍ଠୀ ବିକାଶ ପଦକ୍ଷେପ ପ୍ରଦର୍ଶନ କରିଛି। ଭାରତୀୟ କୋଇଲା ଫୋରମ୍ ଏବଂ କୋଇଲା ଉତ୍ପାଦକ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ଭାରତର କୋଇଲା ଏବଂ ଖଣି କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନେ ଏକାଠି ହୋଇଥିଲେ। ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଷ୍ଟଲକୁ ଶ୍ରୀ ଆଲୋକ ପର୍ତ୍ତି, ଆଇଏଏସ୍ (ଅବସରପ୍ରାପ୍ତ) ଅଧ୍ୟକ୍ଷ, ଭାରତୀୟ କୋଇଲା ଫୋରମ୍ ଏବଂ ପୂର୍ବତନ ସଚିବ, କୋଇଲା ମନ୍ତ୍ରଣାଳୟ; ଶ୍ରୀ କପିଲ ଧଗତ, ଅଧ୍ୟକ୍ଷ, କୋଇଲା ଉତ୍ପାଦକ ସଂଘ (ସିପିଏ); ଏବଂ ଶ୍ରୀ ପାର୍ଥ ଏସ୍. ଭଟ୍ଟାଚାର୍ଯ୍ୟ, ଅଧ୍ୟକ୍ଷ, ପିୟରଲେସ୍ ଗ୍ରୁପ୍ ଏବଂ ପୂର୍ବତନ ଅଧ୍ୟକ୍ଷ, କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ବେଦାନ୍ତର କର୍ମଚାରୀମାନଙ୍କ ସହିତ ଉଦଘାଟନ କରିଥିଲେ । ଏହି ପ୍ରଦର୍ଶନୀରେ ଓଡ଼ିଶା ଏବଂ ଛତିଶଗଡ଼ରେ କମ୍ପାନୀର ପ୍ରମୁଖ କୋଇଲା ଖଣି ସମ୍ପର୍କିତ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ କୁରାଲୋଇ, ଜାମଖାନି, ଘୋଘରପଲ୍ଲୀ, ରାଧିକାପୁର ଏବଂ ବରା ଅନ୍ତର୍ଭୁକ୍ତ ଥିଲା, ଯାହା ପରିଦର୍ଶକମାନଙ୍କୁ ଏହାର ଖଣି କାର୍ଯ୍ୟ, ଭୂପୃଷ୍ଠ ଏବଂ କୋଇଲା ଖନନ ପ୍ରକ୍ରିୟା, ସୁରକ୍ଷା ଅଭ୍ୟାସ ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତକ୍ଷେପ ବିଷୟରେ ଅନ୍ତରଦୃଷ୍ଟି ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମ ବିଷୟରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେସ କୁମାର କହିଛନ୍ତି, 'ଟେକ୍ନୋଲୋଜି ସୁରକ୍ଷିତ, ଅଧିକ ଦକ୍ଷ ଏବଂ ଦାୟିତ୍ୱବାନ ଖନନ ପାଇଁ ଏକ ପ୍ରମୁଖ ସହାୟକ ଭାବରେ ଉଭା ହେଉଛି। ସିଏଲଆଇ ୨୦୨୬ ଏହି ପରିବର୍ତ୍ତନ ଉପରେ ଦୃଷ୍ଟିକୋଣ ବିନିମୟ କରିବା ଏବଂ ଆମର ଖଣି କାର୍ଯ୍ୟକଳାପ ମଧ୍ୟରେ ଆମର ଯାତ୍ରାକୁ ପ୍ରଦର୍ଶିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା। ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଏବଂ ଆମ ଖଣି ଆଖପାଖର ସମ୍ପ୍ରଦାୟଗୁଡ଼ିକୁ ସହାୟତା କରିବା ଜାରି ରଖିବା ସହିତ ଆମେ ସୁରକ୍ଷା, ପରିଚାଳନା ଏବଂ ଦକ୍ଷତାକୁ ମଜବୁତ କରିବା ପାଇଁ ଡିଜିଟାଲ୍ ଟେକ୍ନୋଲୋଜି ଏବଂ ଡାଟା-ପରିଚାଳିତ ଅନ୍ତରଦୃଷ୍ଟିର ଲାଭ ଉଠାଉଛୁ ।

# ବିଜେଡି ଓ କଂଗ୍ରେସ ନେତୃବୃନ୍ଦଙ୍କ ବିଜେପିରେ ଯୋଗଦାନ

ଭୁବନେଶ୍ୱର,୯।୯ (ମହାଭାରତ): ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ଗଂଜାମ ଓ ପୁରୀ ଜିଲ୍ଲାର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ଲଢିଥିବା ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ମନୋଜ କୁମାର ରଥଙ୍କ ବିଜେପିରେ ଯୋଗଦାନ କରିଛନ୍ତି । ସେହିପରି ପୁରୀ ଜିଲ୍ଲା ନିମାପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକ ନାଗପୁର ପଂଚାୟତର ବରିଷ୍ଠ ବିଜେଡି ନେତା ଶ୍ରୀ ସୁକାନ୍ତ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ରଶ୍ମୀରେଖା ମହାନ୍ତି, ବରିଷ୍ଠ ବିଜେଡି ନେତା ଅଜିତ ରାଉତରାୟ, ବାଦଲ ମହାନ୍ତି, ଗଦାଧର ପ୍ରଧାନ, ପ୍ରଫୁଲ୍ଲ ସେଠୀ, ଭଗବାନ ମାହାଲା; ବଳଙ୍ଗା ଗ୍ରାମ ପଂଚାୟତର ରମେଶ ଦାସ, ସନ୍ତୋଷ ମହାନ୍ତି, କାଳନ୍ଦୀ ଗୁରୁ, ବିଶ୍ୱନାଥ ଗୁରୁ, ହରିହର ଲେଙ୍କା, କୃଷ୍ଣଚନ୍ଦ୍ର ଲେଙ୍କା, ଅକ୍ଷୟ ବରାଳ; ଗୋପିନାଥପୁର ଗ୍ରାମ ପଂଚାୟତର ସୂର୍ଯ୍ୟକାନ୍ତ ରାୟ, ସୌମ୍ୟରଂଜନ ରାୟ, ଆନନ୍ଦ ସ୍ୱାଇଁ, ଦୁଃଶାସନ ପରିଡା, ଶିବ ସ୍ୱାଇଁ, ମୀର ନୌସାଦ ଅଲ୍ଲୀ, ଆଜାଦ



ମହମ୍ମଦ; ଉଚ୍ଛୁପୁର ଗ୍ରାମ ପଂଚାୟତର ଭବାନୀ ଶଂକର ପରିଡା, ଶଂକର୍ଷଣ ଜେନା, ଧ୍ରୁବଚରଣ ଜେନା, ରମେଶ ଚନ୍ଦ୍ର ସ୍ୱାଇଁ, ଗଙ୍ଗାଧର ସ୍ୱାଇଁ; ରେଂଚ ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ବିଷ୍ଣୁଚରଣ ମହାନ୍ତି, ରବିନ୍ଦ୍ର ନାଥ ପଣ୍ଡା, ଗୋପିନାଥ ପରିଡା, ସ୍ୱଦେଶ ବିଶ୍ୱାଳ; ଅଲଣ୍ଡା ଗ୍ରାମ ପଂଚାୟତର ପ୍ରଭାତ ବେହେରା, ଲିଙ୍ଗରାଜ ବେହେରା, ମିହିନା ବିଶ୍ୱାଳ, ସୁବ୍ରତ ରାୟ, ଜୟନ୍ତ ଭୋଇ; ବଡଶିରିଗୁଳା ଗ୍ରାମ ପଂଚାୟତର ଦିବ୍ୟସିଂହ ପ୍ରଧାନ, କମଳାକାନ୍ତ ବଳ, ବିଜୟ ବଳ, ଗୋକୁଳ ସ୍ୱାଇଁ, କାଳନ୍ଦୀ ଭୋଳ; ଅରିଷଣ୍ଡ ଗ୍ରାମ ପଂଚାୟତର ଅଂଜନ କୁମାର ଜେନା, ସନ୍ତୋଷ ବରାଳ, ଜ୍ୟୋତିରଂଜନ ସାମନ୍ତରାୟ, ରଂଜନ କୁମାର ମଲ୍ଲିକ, ସନ୍ତୋଷ କୁମାର ପ୍ରଧାନ, ଜଟାଧାରୀ ବେହେରା, ଅଜୟ କୁମାର ଭୋଇ; ବାହାରଣା ଗ୍ରାମ ପଂଚାୟତର ମହେନ୍ଦ୍ର ସାହୁ, ପ୍ରମୋଦ କୁମାର ପଟ୍ଟନାୟକ, ଗୋପିନାଥ ସାହୁ, କହ୍ନେଇ ସାହୁ, ଦିବ୍ୟସିଂହ କୁମାର ମହାନ୍ତି, ମହେନ୍ଦ୍ର ମଲ୍ଲ, ଜାହିର ଖାନ, ଅଚ୍ୟୁତ ରାଉତରାୟ, ସନ୍ତୋଷ ମେକାପ; ଭିଲିଗ୍ରାମ ଗ୍ରାମ ପଂଚାୟତର ପ୍ରମୋଦ କୁମାର ରଣା, ନଗେନ କୁମାର ସେନାପତି, ଭାରତ ସ୍ୱାଇଁ, ଅନାମ ବେହେରା, ବେଣୁଧର ପରିଡା, ସୋନୁ ମହାରଣା, ଟିନା ବେହେରା; ନାଗପୁର ଗ୍ରାମ ପଂଚାୟତର କେଦାରନାଥ ମହାନ୍ତି, ଗୌରପ୍ରସାଦ ମହାନ୍ତି, ବାପି ପଣ୍ଡା, ଧନେଶ୍ୱର ପରିଡା, ଶାନ୍ତିଲତା ବାରିକ, ଲକ୍ଷ୍ମୀପ୍ରିୟା ପଣ୍ଡା, କୁନି ବାରିକ, ସବିତା ସାହୁ, ମିନାକ୍ଷୀ ବିଶ୍ୱାଳ, ସୁଲୋଚନା ବେହେରା; ନିମାପଡା ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡର ରମେଶ ଚନ୍ଦ୍ର ପ୍ରଧାନ, ଯଶୋଦା ନନ୍ଦନ ରଥ, ଗୌରାଙ୍ଗ ସ୍ୱାଇଁ, ପ୍ରମୋଦ ରାଉତ, ଶୂର୍ଯ୍ୟନାରାୟଣ ମହାପାତ୍ର; ୪ ନମ୍ବର ୱାର୍ଡର ରବିନ୍ଦ୍ର ମଲ୍ଲିକ, ନାରାୟଣ ଦାସ, ସୂର୍ଯ୍ୟକାନ୍ତ ମହାନ୍ତି, ପରମାନନ୍ଦ ଭୋଇ, ରଂଜିତ ମଲ୍ଲିକ ପ୍ରମୁଖ ବିଜେଡି ଓ କଂଗ୍ରେସ ନେତୃବୃନ୍ଦ ନିଜ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

# ମୋଦି ସର୍ବାଧିକ ଲୋକପ୍ରିୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ବି ଦେଶର ସର୍ବାଧିକ ଲୋକପ୍ରିୟ ନେତା ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ଦ୍ୱିତୀୟ ସ୍ଥାନରେ ଅଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ଏହା ସ୍ୱାଭାବିକ। କିନ୍ତୁ ଲୋକପ୍ରିୟ ନେତା ତାଲିକାର ତୃତୀୟ ସ୍ଥାନରେ ଅଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟ। ଏହା ସବୁଠାରୁ ବିସ୍ମୟ। ଥାଲାପତି ଜଣେ ଅଭିନେତା ଏବଂ ଆଞ୍ଚଳିକ ନେତା। ତାମିଲନାଡୁ ବ୍ୟତିତ ତାଙ୍କର ଅନ୍ୟ ରାଜ୍ୟରେ ବା ସାରା ଦେଶରେ ଲେଶକପ୍ରିୟତା ଅଛି ବୋଲି କହିବା ଏବଂ ସେ ପ୍ରଧାନମନ୍ତ୍ରୀ ପଦ ଲାଗି ତୃତୀୟ ଦାବିଦାର ବୋଲି ବିଚାର କରିବା ଭୁଲ। ଯଦି କେହି ଆଞ୍ଚଳିକ ଦଳର ନେତା ସାରା ଦେଶରେ ଲୋକପ୍ରିୟ ବା ଜାତୀୟ ରାଜନୀତିରେ ନେତୃତ୍ୱ ନେବାକୁ ଯୋଗ୍ୟ ବୋଲି ପ୍ରଶ୍ନ କରାଯାଏ ତେବେ ଏଥିରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଆସିବେ। ତାମିଲନାଡୁ ବିଧାନସଭା ନିର୍ବାଚନରେ ବିଜୟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇନାହାଁନ୍ତି। ତେଣୁ ସେ ସାରା ଦେଶରେ କିପରି ତୃତୀୟ ସର୍ବାଧିକ ଲୋକପ୍ରିୟ ନେତା ହୋଇପାରିବେ? ବରଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ସ୍ଥାନ ନେଇପାରନ୍ତି। ଏପରିକି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଧ୍ୟ ଥାଲାପତି ବିଜୟଙ୍କଠାରୁ ଅଧିକ ଚର୍ଚ୍ଚିତ ଏବଂ ଲୋକପ୍ରିୟ ବୋଲି କୁହାଯାଇପାରେ। ଏହା ବ୍ୟତିତ ବିଜେପିରେ ଅନ୍ୟ କିଛି ନେତା ଅଛନ୍ତି ଯେଉଁମାନେ ଜାତୀୟ ସ୍ତରରେ ବେଶ ଲୋକପ୍ରିୟ। ସେମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିବେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ପରେ ଆସିବେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭିସ। ସେମାନଙ୍କୁ ପଛରେ ପକାଇ ଥାଲାପତି ଦେଶର ତୃତୀୟ ସର୍ବାଧିକ ଲୋକପ୍ରିୟ ନେତା ବୋଲି କହିବା ଗ୍ରହଣ ଯୋଗ୍ୟ ଲାଗୁନି। ସର୍ଭେ ରିପୋର୍ଟରେ ଏନଡିଏକୁ ୩୨୬ ଆସନ ମିଳିବ ଏବଂ ଏକାକି ବିଜେପି ୨୬୬ ଆସନ ପାଇବ ବୋଲି ଯାହା ଆକଳନ କରାଯାଇଛି ତାହା ନିହାତି ଭୁଲ ନୁହେଁ। ଏବେ ନିର୍ବାଚନ ହେଲେ ୟୁପି, ବିହାର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଆସାମ, ଗୁଜରାଟ, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ବିଜେପି ଭଲ ପ୍ରଦର୍ଶନ କରିବ ବୋଲି ଆଶଶ କରାଯାଇପାରେ। କିନ୍ତୁ ଅନ୍ୟାନ୍ୟ ରାଜ୍ୟରେ ବିଜେପିର ପ୍ରଦର୍ଶନ ଏତେଟା ଭଲ ହୋଇନପାରେ। ଆନ୍ଧ୍ରପ୍ରଦେଶ ଓ ବିହାରରେ ଏନଡିଏକୁ ଅଧିକ ଆସନ ମିଳିବ। ଝାଡ଼ଖଣ୍ଡ, ଦିଲ୍ଲୀ, ଉତ୍ତରାଖଣ୍ଡରେ ୬୦% ଆସନ ବିଜେପି ସପକ୍ଷରେ ଯାଇପାରେ। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଶାସକ ଦଳ ବିରୋଧରେ ମଧ୍ୟ ଜନମତ ଯିବାର ଅନେକ କାରଣ ରହିଛି। ଛାତ୍ର ଆନ୍ଦୋଳନ, ଦରଦାମ ବୃଦ୍ଧି, ଅଯୋଧ୍ୟା ରାମ ମନ୍ଦିରରୁ ଚୋରି ଇତ୍ୟାଦି ପ୍ରସଙ୍ଗ ଶାସକ ମେଣ୍ଟ ପାଇଁ ମହଙ୍ଗା ପଡ଼ିପାରେ। ତେଣୁ ଏନଡିଏ ୩୨୬ ନହେଲେ ମଧ୍ୟ ମ୍ୟାଜିକ ନମ୍ବର ୨୭୨ ଟପିବା ଆଶା ରହିଛି। କଂଗ୍ରେସ କେରଳ, ରାଜସ୍ଥାନ, ପଞ୍ଜାବ ବ୍ୟତିତ ଅନ୍ୟ ରାଜ୍ୟରେ ସେପରି ଅଧିକ ସଫଳତା ପାଇନପାରେ। କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ସତ୍ତ୍ୱେ ଶାସନ କ୍ଷମତାରେ ଥିବା କଂଗ୍ରେସ ଗୋଷ୍ଠୀ କନ୍ଦଳ ଯୋଗୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବ। ତେଲେଙ୍ଗାନାରେ ଏହା ଅଧା ଆସନ ପାଇପାରେ। ରାଜସ୍ଥାନରେ ଏହା ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ଆସନ ପାଇବ। ୟୁପିରେ ସମାଜବାଦୀ ପାର୍ଟି ଓ କଂଗ୍ରେସ ମେଣ୍ଟ ଯଦି ଦଳିତ ଏବଂ ସଂଖ୍ୟାଲଘୁ ଭୋଟର ୮୦ ପ୍ରତିଶତ ନେଇଯିବ ତେବେ ବିଜେପି ଘାଟାରେ ପଡ଼ିବ। ମଧ୍ୟପ୍ରଦେଶରେ କଂଗ୍ରେସ ଏକ ତୃତୀୟାଂଶ ଆସନ ପାଇପାରେ। ଅନ୍ୟାନ୍ୟ ରାଜ୍ୟରେ ଦଳର ସ୍ଥିତି ଭଲ ନାହିଁ। ଅନେକ ରାଜ୍ୟରେ ବିଜେପି ଭଲ ସ୍ଥିତିରେ ନଥିଲେ ମଧ୍ୟ ସେଠାରେ କଂଗ୍ରେସ ଜିତିବ ବୋଲି କୁହାଯାଇନପାରେ। ଉଦାହରଣ ସ୍ୱରୂପ ଦିଲ୍ଲୀରେ ଯଦି ବିଜେପି ବିରୋଧରେ ଜନମତ ଯିବ ତେବେ ତାହାର ଫାଇଦା ଆପକୁ ମିଳିବ।

# ଗାନ୍ଧୀ ବିଚାରଧାରା

**॥ ଦାଶରଥୀ ଶତପଥୀ ॥**

> “ ପରାଧିନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ନିଜର ବୃତ୍ତି ଛାଡି ତାଙ୍କର ସମଗ୍ର ଜୀବନକୁ ଦେଶ ସେବାରେଉତ୍ସର୍ଗ କରିଦେଇଥିଲେ ଏବଂ ପରାଧିନତାରନିରାଶା ଭିତରେ ସ୍ୱାଧୀନତାର ଆଶା ସଂଞ୍ଚାର କରାଇବରେ ସଫଳ ହୋଇଥିଲେ। ସମଗ୍ର ଭାରତ ବର୍ଷ ଓ ମାନବ ଜାତି ପାଇଁ ତାଙ୍କର ଅବଦାନସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିଛି । ସ୍ୱାଧିନତା ସଂଗ୍ରାମରେ ନିଜକୁ ଭାଗିଦାରୀ କରାଇବା ନଥିଲା କେବେହେଲେ ଉନ୍ମାଦନା,ଥିଲା କେବଳ ଜୀବନର ପୂର୍ଣ୍ଣ ନିଷ୍ପତ୍ତି । ମନପ୍ରାଣ ବ୍ୟାକୁଳିତ ହୋଇଥିଲା ଦେଶକୁ ବିଦେଶୀ ଶାସନରୁ ମୁକୁଳାଇବା ଓ ଦେଶକୁ ଗଢିବାର।

ଆମ ଦେଶ ଭାରତବର୍ଷ ବିଶ୍ୱର ସର୍ବବୃହତ ଧର୍ମ ନିରପେକ୍ଷ ଓ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ଦେଶର ସମ୍ବିଧାନ ସଂପୁର୍ଣ୍ଣ ଲୋକାଭିମୁଖୀ ଓ ବିଶ୍ୱରେ ବିରଳ । ଯେଉଁଥିପାଇଁ ଆମେ ଭାରତବାସୀ ବିଦେଶରେ ପ୍ରଂଶସିତ । ପ୍ରାଚୀନ ଭାରତ ବର୍ଷରେ ସାଧାରଣତନ୍ତ୍ର ପରିଚାଳିତ ଗଣରାଜ୍ୟ ସୃଷ୍ଟି ହୋଇଥିଲା ଏବଂ ଶାସକମାନେ ପ୍ରଜାମନରେ ଧର୍ମଭାବ, ସ୍ୱାଧୀନଚିନ୍ତା, ପରୋପକାର, ସ୍ୱଦେଶପ୍ରେମ ପ୍ରଭୃତି ଚିନ୍ତା ସୃଷ୍ଟି କରିପାରିଥିଲେ ଏବଂ ଗଣତନ୍ତ୍ର ସୁଦୃଢ ହୋଇରହିପାରିଥିଲା । ବିଦ୍ୱାନମାନଙ୍କ ମତରେ, ଗଣତନ୍ତ୍ର ହେଉଛି ଏକ ଶାସନ ଯେଉଁଥିରେ ସମାଜର ସବୁଠାରୁ ତଳେ ଥିବା ଲୋକଟିର ମଧ ସରକାର ଗଢିବାର ସମାନ ଅଧିକାର ଥାଏ । ସମସ୍ତେ ଏଠାରେ ସମାନ ଓ ସ୍ୱାଧିନ ଭାବରେ ଏବଂ ଦେଶ ଓ ରାଜ୍ୟର ଉନ୍ନତି ପାଇଁ ସମସ୍ତେ ଭାଗୀଦାର ହୋଇପାରିଥାନ୍ତି।

ଇତିହାସ କହେ ବିଦେଶୀମାନଙ୍କର ଭାରତବର୍ଷ ପ୍ରବେଶ ଉପରେ ଅଖଣ୍ଡ ଭାରତ ବର୍ଷରେ ଚାଲିଥିବା ସୁବର୍ଣ୍ଣ ଯୁଗର ଗତିବିଧି କ୍ରମେ କ୍ରମେ ଧୂଳିସା୍ ହେବାକୁ ଲାଗିଲା । ଯୁଦ୍ଧଲୋଲୁପ ବିସ୍ତାରବାଦୀ, ଲୁଣ୍ଠନକାରୀ ବିଦେଶୀ ଭାରତ ବର୍ଷକୁ ତିଳ ତିଳ କରି ଲୁଣ୍ଠନ କରିବାକୁ ଲାଗିଲେ ଏବଂ ବିଦେଶୀ ଧର୍ମଧାରଣକୁ ନେଇ ଯୋର ଜବରଦସ୍ତ ଶାସନ ଲଦିବାରେ ସଫଳ ହେଲେ ଓ ଶାସ୍ତ୍ର ବଦଳରେ ବନ୍ଧୁକ ମୁନରେ(ଶସ୍ତ୍ରରେ) ଶାସନ ଚାଲିଲା । ଭାରତୀୟ ଗଣତନ୍ତ୍ରର ମୁଳମନ୍ତ୍ରରେ ପ୍ରତିଫଳିତ ସତ୍ୟ, ଅହିଂସା, ନ୍ୟାୟ, ସ୍ୱାଧିନତା, ସାମ୍ୟ ଓ ମୈତ୍ରୀ ଭାବଧାରାର ଦିଗ ପରିବର୍ତ୍ତନ ହୋଇଗଲା । ବିଦେଶୀ ଶାସନ ଓ ତାଙ୍କ କୁଚକ୍ରାନ୍ତରେ ବିରାଟ ଭାରତବର୍ଷ ଖଣ୍ଡବିଖଣ୍ଡିତ ଅବସ୍ଥାକୁ ଆସି ତାର ସଂସ୍କୃତି ଓ ପୂର୍ବଗୌରବ ଅସ୍ତିତ୍ୱହୀନ ହୋଇପଡିଲା । ପରାଧୀନ ଭାରତ ବର୍ଷର ସମାଜର ଚିତ୍ର ଧିରେ ଧିରେ କଳୁଷିତ ହେବା ସହ, ବିଦେଶୀ ଶାସନ ପ୍ରଭାବରେ ନାଗରିକମାନେ ଦୁଃଖ, ଦୁର୍ଦ୍ଦଶାରେ ରହି ତ୍ରାହି ତ୍ରାହି ଡାକିଲେ ।

ଏକଛତ୍ରବାଦ ଶାସନ ଭିତରେ ଶାସିତ ହୋଇ ଖଣ୍ଡ ଖଣ୍ଡ ଅବସ୍ଥାରେ ଭାରତ ବର୍ଷ ନିଜର ମୌଳିକତା ଓ ନୈତିକତା ହରାଇ ବସିଥିଲା ସତ କିନ୍ତୁ ଦୀର୍ଘ ବର୍ଷର ସଂଗ୍ରାମରେ ରାଜତନ୍ତ୍ର ଛାୟାରେ ରହି ମଧ ସତ୍ୟ, ଅହିଂସା, ନ୍ୟାୟ ଓ ନେତୃତ୍ୱ ବଳରେ ଗଣତନ୍ତ୍ରର ପ୍ରତିଷ୍ଠା ଓ ବିକାଶ କେବଳ ସାରା ପୃଥିବୀରେ ଭାରତ ବର୍ଷରେ ସମ୍ଭବ ହୋଇପାରିଥିଲା ଯାହାର ମୁଖ୍ୟ ନାୟକ ଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧୀ, ଯିଏକି ଜଣେ ନୀତିନିଷ୍ଠ, ଯୁଗସ୍ରଷ୍ଟା, ଦେଶପ୍ରେମୀ, ସତ୍ୟ ଓ ଅହିଂସାର ପୂଜାରୀ,ପ୍ରଗାଢ ଆଧାତ୍ମିକବାଦୀ ଓ ପ୍ରଭାବଶାଳୀ ବ୍ୟକ୍ତି ଥିଲେ ।

ପରାଧିନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ନିଜର ବୃତ୍ତି ଛାଡି ତାଙ୍କର ସମଗ୍ର ଜୀବନକୁ ଦେଶ ସେବାରେଉତ୍ସର୍ଗ କରିଦେଇଥିଲେ ଏବଂ ପରାଧିନତାରନିରାଶା ଭିତରେ ସ୍ୱାଧୀନତାର ଆଶା ସଂଞ୍ଚାର କରାଇବରେ ସଫଳ ହୋଇଥିଲେ । ସମଗ୍ର ଭାରତ ବର୍ଷ ଓ ମାନବ ଜାତି ପାଇଁ ତାଙ୍କର ଅବଦାନସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିଛି । ସ୍ୱାଧିନତା ସଂଗ୍ରାମରେ ନିଜକୁ ଭାଗିଦାରୀ କରାଇବା ନଥିଲା କେବେହେଲେ ଉନ୍ମାଦନା,ଥିଲା କେବଳ ଜୀବନର ପୂର୍ଣ୍ଣ ନିଷ୍ପତ୍ତି । ମନପ୍ରାଣ ବ୍ୟାକୁଳିତ ହୋଇଥିଲା ଦେଶକୁ ବିଦେଶୀ ଶାସନରୁ ମୁକୁଳାଇବା ଓ ଦେଶକୁ ଗଢିବାର । ଯାହାର ଅଲୌକିକ ଶକ୍ତିର ଆକର୍ଷଣରେ ଅଗଣିତ ନରନାରୀ ନିଜର ଭିଟାମାଟି ଓ ବୃତ୍ତି ଛାଡି ସତ୍ୟ ଓ ଅହିଂସା ପଥରେ ରହି ନିର୍ମଳ ହୃଦୟରେ ଦେଶ କାର୍ଯ୍ୟରେ ନିଜକୁ ସମର୍ପିତ କରି ସ୍ୱାଧିନତା ପାଇଁ ବିପ୍ଳବ କରିଉଠିଥିଲେ । ଯେଉଁ ବିପ୍ଳବରେ ସଂଜିବୀତ ହୋଇଥିଲା ସମାଜରୁ ସବୁପ୍ରକାର ବୈଷ୍ୟମ ଓ ବିଭେଦ ଦୂରକରି ଦଳିତ, ଶୋଷିତ, ଅତ୍ୟାଚାରିତ ଲୋକଙ୍କୁ ସମାଜରେ ସମାନ ସୁବିଧା ସୁଯୋଗର ଅଧିକାର ଓ ନ୍ୟାୟ ପାଇଁ ଏକ ନୂଆ ସମାଜ ଗଢିବାର ଅପ୍ରତିହତ ସଂକଳ୍ପ ।

ସତ୍ୟ ହିଁ ଇଶ୍ୱର,ଶ୍ରମ ହିଁ ଉପାସନା, ବ୍ୟକ୍ତି ଜୀବନକୁ ଶୃଙ୍ଖଳିତ ଓ ମାର୍ଜିତ କରି ରାଷ୍ଟ୍ର ଜୀବନକୁ ସମୃଦ୍ଧ କରିବା ସମ୍ମାନଜନକ ଓ ସମତୁଲ କରିବା ପାଇଁ ସତ୍ୟାଗ୍ରହଥିଲା ତାଙ୍କର ପ୍ରକୃଷ୍ଟ ମାର୍ଗ । ଏହି ମାର୍ଗରେ ସମଗ୍ର ଭାରତ ବର୍ଷକୁ ଏକତ୍ରୀତ କରି ବିଦେଶୀ ହାତରୁ ଶାସନ କ୍ଷମତା ଛଡାଇ ଆଣିବା ଥିଲା ତାଙ୍କ ଦର୍ଶନର ମୂଳ ଲକ୍ଷ୍ୟ; ଯେଉଁ ଦର୍ଶନରେ ଥିଲାସ୍ନେହ, ଶ୍ରଦ୍ଧା ଓ ମଣିଷକୁ ମଣିଷ ପରି ସମ୍ମାନବୋଧ କରିବା ଏବଂ ଆମ ଦେଶ ଭାରତ ବର୍ଷ ଏପରି ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେବ ଯେଉଁଥିରେ କୌଣସି ବ୍ୟକ୍ତି ନିଜର ଧର୍ମ,ଜାତି, ଲିଙ୍ଗ ଓ ଧନୀଦରିଦ୍ର ଭିତରେ ଭେଦଭାବର ସରବ୍ୟ ହେବନାହିଁ ।

ସତ୍ୟ, ଅହିଂସା ଓ ସତ୍ୟାଗ୍ରହକୁ ଆ ।ଦରି ନେଇ ଦେଶକୁସ୍ୱାଧିନତାରସ୍ୱାଦ ଚଖାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ଜନମାନସରେ ସମସ୍ତଙ୍କର ହୃଦୟକୁ ଜିଣିବାର ଶକ୍ତି ଓ ବ୍ରତରେ ବ୍ରତୀ ଥିଲେ, ସଂଯମୀ, ନିର୍ଭୀକ, ଶାନ୍ତିକାମୀ ଜୀବନ ଥିଲା ଅଲୌକିକ । ସଂପୁର୍ଣ୍ଣରୂପେ ଭୟଶୂନ୍ୟ, ପ୍ରଗାଢ ଇଶ୍ୱର ବିଶ୍ୱାସୀ, ଆଧାତ୍ମିକଚେତନାଧାରୀ ବ୍ୟକ୍ତିଭାବେ ହସି ହସି କାରା, ଗୁଳି, ଲାଠିର ସାମନା କରୁଥିଲେ । ସତ୍ୟାଗ୍ରହ ହେଉକି, ସ୍ୱଦେଶୀ ଆନ୍ଦୋଳନ ହେଉ ନିଜର ସକାରାତ୍ମକ ଗଠନମୂଳକ ଶକ୍ତିଦ୍ୱାରା ଦୁଷ୍ଟଶକ୍ତିକୁ ପରାସ୍ତକରି ସମସ୍ତଙ୍କୁ ସତ୍ୟ, ପ୍ରେମ ଓ ଅହିଂସା ବଳରେ ଏକତ୍ରିତ କରିପାରିଥିଲେ ।

ଗାନ୍ଧିଜୀଙ୍କ ଗ୍ରାମ୍ୟ ସ୍ୱରାଜ୍ୟ, ପଞ୍ଚାୟତିରାଜ ବ୍ୟବସ୍ଥା, ଗାଁକୁ ଫେରିଚାଲ, କର୍ମ ହିଁ ଭଗବାନ, ଚରିତ୍ରଯୁକ୍ତ ଶିକ୍ଷା, ଖଦୀ ଗ୍ରାମୋଦ୍ୟୋଗ, ସ୍ୱଦେଶୀ ଜିନିଷ ବ୍ୟବହାର, ଆତ୍ମର୍ନିଭରଶୀଳତା ସହିତ କୁଟୀର ଶିଳ୍ପ, କୃଷି ଓ ଜଙ୍ଗଲ ଭିତ୍ତିକ ଶିଳ୍ପର ବିକାଶ ଆଦିରେ ଆ ।ର୍ଥିକ ଉନ୍ନତି, ତାଙ୍କ ଦର୍ଶନର ମୂଳ ଆ ।ଧାରରୂପେ ପରଗଣିତ ହୋଇଥିଲା । ନାରୀ ସ୍ୱାଧିନତା,ନାରୀ ଶିକ୍ଷା ପାଇଁ ସେ ଅଧିକ ଗୁରୁତ୍ୱ ଦେଉଥିଲେ, ଯାହାଫଳରେ ଜଣେ ନାରୀ ଶିକ୍ଷିତ ହେଲେ ସମାଜରେ ନିଜର ଅଧିକାର ସାବ୍ୟସ୍ତ କରିପାରିବ ଏବଂ ତାଙ୍କର ସହନଶୀଳନା ତ୍ୟାଗ ଓ ସେବା ମନଭାବରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ।

ଗାନ୍ଧୀ ଆଦର୍ଶରେ କେବଳ ଯେ ଭାରତୀୟମାନେ ପ୍ରଭାବିତ ହୋଇଛନ୍ତି ତାହାନୁହେଁ, ବିଶ୍ୱର ତୁଙ୍ଗ ନେତାମାନେ ଯେମିତିକି ମାର୍ଟିନଲୁଥର କିଙ୍ଗ, ବାରାକ ଓବାମା ଓ ନେଲସନ ମାଣ୍ଡେଲା ପ୍ରମୁଖ ତାଙ୍କ ବ୍ୟକ୍ତିତ୍ୱରେ ଗଭୀରଭାବେ ପ୍ରଭାବିତ ହୋଇଥିଲେ ।

ଏହି ମହାମାନବଙ୍କ ସଂପର୍କରେ ଥରେ ଆଲବର୍ଟ ଆଇନଷ୍ଟାଇନ କହିଥିଲେ :- ରକ୍ତ, ମାଂସଧାରୀ ଏଭଳି ଜଣେ ବିସ୍ମୟ ମାନବ ଏକଦା ଏ ଧରାପୃଷ୍ଠରେ ଜନ୍ମ ନେଇଥିଲେ ବୋଲି ହୁଏତ ଭବିଷ୍ୟତର ବଂଶଧରମାନେ କ୍ୱଚିତ୍ ବିଶ୍ୱାସ କରିବେ । ଇତିହାସରଅନ୍ଧାର ଗର୍ଭରେ ଅନନ୍ତକାଳ ଲାଗି ସେ ଜଣେ ଅନନ୍ୟ ଉଦୟମାନ ସୂର୍ଯ୍ୟଭାବେ ତଥା ବିଶ୍ୱମାନ୍ୟତାରେ ଏକବିଂଶ ଶତାବ୍ଦୀର ବିଶ୍ୱର ଶ୍ରେଷ୍ଠ ମାନବଭାବେ ପରିଚିତ ହୋଇଥିଲେ । ଆସନ୍ତୁ ସେହି ମହାନ ବ୍ୟକ୍ତିର ନୀତି ଆ ।ଦର୍ଶରେ ଅନୁପ୍ରାଣୀତ ହୋଇ ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ପାଇଁ ସମସ୍ତେ ବଦ୍ଧ ପରିକର ହେବା ।

ସଚିବ
ଓଡିଶା ବିଧାନସଭା
ମୋବାଇଲ ନଂ- ୯୪୩୮୦୧୭୧୩

# ଅମୃତ ଦୀପ୍ତି ସନ୍ତାନ ତୁମେ, ମରଣ ତୁମର କାହିଁ

**॥ ସମ୍ବିତ କୁମାର ସ୍ୱାଇଁ ॥**

ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି – ‘ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି। ବୃକ୍ଷର ତଳେ ଜେହ୍ନେ ଆସି, ପଥକୁ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।’ ଏହା ଅବିସମ୍ବାବିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧାତ୍ମିକ ପଥରେ କ୍ୱଚିତ୍ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା’ର ଯଥାର୍ଥ ପ୍ରତୀକ ଥିଲେ।

ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡିଟିଏ – ‘ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।’ ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ମୁଁ ଲେଖୁଥିବା ବ୍ୟକ୍ତିତ୍ୱ ହେଉଛନ୍ତି ମୋ ଜନ୍ମଦାତା ଶାରଦା ପ୍ରସାଦ ସ୍ୱାଇଁ ଏହିପରି ଏକ ଜୀବନର ମୁକ୍ତିମନ୍ତ ପ୍ରତୀକ ଥିଲେ ଏହି ମହନୀୟ ବ୍ୟକ୍ତିତ୍ୱ। ମନେପଡୁଛି ଏକ ବହିର ଧାଡ଼ିଟି – ‘‘ଅବନ୍ଧୁ ଜୀବନ ଅସୁର୍ଯ୍ୟମହୀ ଦେହ ଧରି କିଏ ପାରଇ ରହି।’’

ଯଥାର୍ଥରେ କୁହାଯାଏ ବ୍ୟକ୍ତିତ୍ୱ ବ୍ୟକ୍ତିର ପରିଚୟ ବ୍ୟକ୍ତିତ୍ୱରୁ ଚିହ୍ନିତ ହୁଏ ପ୍ରତିଭା, ଉତ୍କର୍ଷ ଓ ସ୍ୱାତନ୍ତ୍ୟ। ଜଣ ଜଣଙ୍କର ସ୍ୱତନ୍ତ୍ର ଓ ଉତ୍କର୍ଷ ସାମାଜିକ ଜୀବନକୁ ସେବା ମନୋଭାବ ସମ୍ପନ୍ନ ଶ୍ରେଷ୍ଠତା ଜୀବନକୁ କରେ ମହିମାନ୍ୱିତ। ସମସ୍ତେ ଏକ ପ୍ରକାର ଜନ୍ମ ଲାଭ କରିଥିଲେ ବି ବ୍ୟକ୍ତିତ୍ୱ ଭିନ୍ନ ପ୍ରକାର ହୋଇଥାଏ। ସେହିଭଳି ସ୍ମୃତିମାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଶାରଦା ପ୍ରସାଦ ସ୍ୱାଇଁ। ଶାରଦା ପ୍ରସାଦ ସ୍ୱାଇଁଙ୍କ ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଉଗାଳପୁର ଗ୍ରାମ। ଆମ ଜିଲ୍ଲାର ଆରାଧ ଦେବୀ ମା’ ଶାରଳା ହେଉଛନ୍ତି ତାଙ୍କର ଇଷ୍ଟଦେବୀ ଓ ସବୁବେଳେ ସେ ମାଆଙ୍କ ପୂଜାର୍ଚ୍ଚନାରେ ନିଜକୁ ବ୍ୟସ୍ତ ରଖୁଥିଲେ। ଯେଉଁ ମୁହଁର ତେଜଦୀପ୍ତ ଚାହାଣି ଆଜି ଆମ ମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିପାରିଛି କର୍ତ୍ତବ୍ୟନିଷ୍ଠତାର ସାଧୁତାର ପ୍ରତିପାଦନ କରିବା ପାଇଁ ମାନବୀୟ ମୂଲ୍ୟବୋଧ ଜୀବନ ବଞ୍ଚିବାର କଳାନିମିତ୍ତ। ତାଙ୍କ ଗୃହସ୍ଥ ଧର୍ମର ଆଦର୍ଶରେ ମୋ ଧର୍ମପତ୍ନୀ ଶିବସ୍ନିଗ୍ଧା, ନାତୁଣୀ ବ୍ରିଟିକା, ଭଉଣୀ ସୋନାଲୀ ସ୍ୱାଇଁ ଓ ଭିଣୋଇ ରାହୁଲ ଜେନା ପ୍ରତିଷ୍ଠିତ ହୋଇପାରିଛନ୍ତି ଏକ ଆଦର୍ଶଣୀୟ ସମାଜରେ। ଆଜି ବାପାଙ୍କ ଅବର୍ତ୍ତମାନରେ ମୋ ମାଆ ଗୀତାରାଣୀ ହିଁ ମୋତେ ଧୈର୍ଯ୍ୟ, ସାହାସ ପ୍ରଦାନ କରୁଛନ୍ତି।

ବାପାଙ୍କ ଦୁଇ ଭଣଜା ସେସ୍କୋର ଏସଡିଓ ଇଞ୍ଜିନିୟର ସନ୍ତୋଷ ଖୁଣ୍ଟିଆ, ଡକ୍ଟର ଦେବୀଦତ୍ତ ପ୍ରଧାନ ଓ ନିହାର ରଞ୍ଜନ ରାଉତ ଅତ୍ୟନ୍ତ ମ୍ରିୟମାଣ। କେବଳ ସେତିକି ନୁହେଁ ମୋର ଭାତୃତୁଲ୍ୟ ପଡ଼ୋଶୀ ଜଗନ୍ନାଥ ଦାସ, ସମାଜସେବୀ ଶ୍ରୀଧର କୁମାର ରାଉଳ, ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝା, ବିଜୟ କୁମାର ଶତପଥୀ, ନିରଞ୍ଜନ ବାରିକ, ନରୋତ୍ତମ ସାମଲ, ଶ୍ରୀଧର କୁମାର ସାହୁ, ସୁନୀଲ କୁମାର ବେହେରା, ରଜତ କୁମାର ବୋଷ, ସନାତନ ନାୟକ, ମନୋଜ ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ ସମସ୍ତେ ତାଙ୍କୁ ମନେପକଉଛନ୍ତି ତାଙ୍କ ପରପୋକାର ଓ ମମତାର ବନ୍ଧୁବତ୍ସଳତା ପାଇଁ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଇଷ୍ଟଦେବୀ ମା’ଶାରଳାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କରୁଣାସିକ୍ତ ଚିନ୍ତାଧାରା, ସରଳ ଜୀବନ, ମିଷ୍ଟ ବଚନ, ସେବାର ଅମୃତ ଧାରା ଆଉ ସାନ୍ତ୍ୱନା ଦାୟକ ଅନୁଭବୀ କଥୋପକଥନ ଓ ସମସ୍ତ ଗଠନମୂଳକ କାର୍ଯ୍ୟକ୍ରମ ଅନେକ ପ୍ରତିକୂଳତା ଭିତରେ ଏହାରି ଜରିଆରେ ତାଙ୍କର ସମସ୍ତ ସମୟ ନିଷ୍କାମ ସେବାରେ ବିନିଯୋଗ କରିଛନ୍ତି। ତାଙ୍କର ଏକନିଷ୍ଠ କର୍ତ୍ତବ୍ୟପରାୟଣତା, ସାଧୁତା, ନିଜ ଉତ୍ସର୍ଗୀକୃତ ଓ ଦୃଷ୍ଟାନ୍ତମୂଳକ ପରୋପକାରିତା ଆମ ସମସ୍ତଙ୍କ ନିକଟରେ ଆଦର୍ଶ ହୋଇ ରହିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ସୀମିତ ନିଜସ୍ୱ ଆୟ, ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ତାଙ୍କର ଜୀବନ ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି ତାହା କେବଳ ପ୍ରତିଟି ଆଧାତ୍ମିକ ଶ୍ରଦ୍ଧାଳୁ ମାନଙ୍କ ପାଇଁ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ। ଭଗବାନ ତାଙ୍କର ଅସଂଖ୍ୟ ଛାଞ୍ଚ ଭିତରୁ ଗୋଟିଏ ଦିବ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ଦିବ୍ୟ ଛାଞ୍ଚ ବାଛି ସେଥିରେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁଙ୍କୁ ଗଢ଼ି ମୂଳରୁ ସଂପୂର୍ଣ୍ଣ କରି ଓ ସମ୍ପନ୍ନ କରି ତାଙ୍କୁ ଏ ପୃଥିବୀକୁ ପଠାଇଛନ୍ତି ବୋଲି ମୋର ଧାରଣା ହୁଏ। ସୁଖ ଶରୀରରେ ମିଳେ। ଶାନ୍ତି ମନରେ ମିଳେ ଆଉ ହୃଦୟରେ ମିଳେ ଆନନ୍ଦ।

ଜୀବନ ଭିତରେ ଯେଉଁ ଯଶ ଓ କୀତିର ଅଧିକାରୀ ହୋଇଛନ୍ତି ନିଜ ଆତ୍ମାର ସଦ୍‌ଗତି ପାଇଁ ସେ ନିଜେ ଜୀବନ କାଳ ମଧ୍ୟରେ ପଥ ପରିଷ୍କାର କରିଦେଇ ଯାଇଛନ୍ତି। ଏ ମର ଶରୀର ନଷ୍ଟ ହେଲେ ବି ସେ ନିଜେ ଅତ୍ୟନ୍ତ ଆନନ୍ଦରେ ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି। ଜଣେ ମହାମନିଷୀଙ୍କ ଏକ ବାଣୀ ଯାହାର ଭାଷାନ୍ତର ହେଉଛି ‘ପୃଥିବୀରେ ଗୋଟିଏ ଭାଷା ଅଛି, ତାହା ହେଉଛି ହୃଦୟର ଭାଷା।’ ଏଭଳି ଜଣେ ଯଶକୀର୍ତ୍ତିର ଅଧିକାରୀଙ୍କୁ ମୃତ୍ୟୁ କ’ଣ କେବେ ଛୁଇଁପାରେ ବରଂ ସେ ମୃତ୍ୟୁକୁ ଛୁଇଁ ଦେଇଛନ୍ତି ଓ ସବୁଦିନ ପାଇଁ ଅମର ହୋଇ ରହିଯାଇଛନ୍ତି, କେବଳ ମୃତ୍ୟୁ ହିଁ ମରିଛି। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

ପ୍ଲଟ ନଂ-୭ଜିଏଚ/୧୩୫୩, ଡି-୧୮, ସେକ୍ଟର-୯, ସିଡିଏ , କଟକ, ଦୂରଭାଷ : ୯୦୪୦୬୬୧୬୩୦ / ୭୦୦୮୨୨୬୨୧୩

# କାହାଣୀ ଶୁଣାନ୍ତୁ ପିଲାଙ୍କୁ

**॥ ଜୟନ୍ତୀ ପଣ୍ଡା ॥**

ଆଜି ଯେଉଁମାନଙ୍କୁ ମହାମାନବ କୁହାଯାଉଛି, ସେମାନଙ୍କ ବାଲ୍ୟକାଳରେ ସେମାନେ ଯେ ଏହି ସ୍ତରରେ ପହଞ୍ଚିବେ ତାହା କେହି କଳ୍ପନ କରିନଥିଲେ । ଏପରିକି ସେମାନଙ୍କର ପିତା, ମାତା ମଧ୍ୟ । ତେବେ ପିଲାମାନଙ୍କର ବ୍ୟକ୍ତିତ୍ୱ ଗଠନ କରିବା ପାଇଁ ସେମାନଙ୍କ ପିତାମାତା ଆନ୍ତରିକ ପ୍ରୟାସ କରୁଥିଲେ । ପିଲାଙ୍କ ବ୍ୟକ୍ତିତ୍ୱ ଗଠନର ଏକ ଉତ୍ତମ ପ୍ରୟାସ ହେଉଛି କାହାଣୀ । ଅର୍ଥାତ୍ ପିଲାଙ୍କୁ କାହାଣୀ ଶୁଣାଇବା । ଇତିହାସରେ ଏହାର ଶହ ଶହ ଦୃଷ୍ଟାନ୍ତ ରହିଛି । ଗୋଟିଏ କାହାଣୀ ହେଉଛି – ପଞ୍ଚତନ୍ତ୍ରର ମନ୍ଦବୁଦ୍ଧିଯୁକ୍ତ ଅଯୋଗ୍ୟ ରାଜକୁମାର । ରାଜାପୂର୍ଣ୍ଣତଃ ନିରାଶ ହୋଇଯାଇଥିଲେ । ସବୁ ପ୍ରକାର ଉପାୟ କରାଗଲେ ସୁଦ୍ଧା କୌଣସି ପ୍ରକାରେ ରାଜକୁମାରଙ୍କୁ ଯୋଗ୍ୟ କରାଯାଇପାରିଲା ନାହିଁ । ଅନ୍ତିମ ପ୍ରୟାସ ରୂପେ ରାଜ୍ୟରେ ଘୋଷଣା କରାଗଲା ଯେ ଯେଉଁ ବ୍ୟକ୍ତି ରାଜକୁମାରଙ୍କୁ ଶିକ୍ଷା ଦେବାର ଦାୟିତ୍ୱ ଗ୍ରହଣ କରିବେ ଏବଂ ତାଙ୍କୁ ସବୁ ଦିଗରୁ ଯୋଗ୍ୟ କରିବାରେ ସକ୍ଷମ ହେବେ, ସେ ଇଚ୍ଛାନୁରୂପ ପୁରସ୍କାର ପାଇବେ । ବିଷ୍ଣୁଶର୍ମା ନାମକ ଜଣେ ବିଦ୍ୱାନ ତପସ୍ୱୀ ରାଜପୁତ୍ରଙ୍କୁ ରାଜନୀତି, ଧର୍ମ ଓ ଶିକ୍ଷାରେ ନିଷ୍ଣାତ (ନିପୁଣ) କରାଇବାର ଦାୟିତ୍ୱ ବହନ କଲେ ଏବଂ କିଛି ସମୟ ଭିତରେ ପଶୁପକ୍ଷୀଙ୍କ ବିଷୟରେ ରୁଚିକର କାହାଣୀ ଶୁଣାଇ ବୁଦ୍ଧିହୀନ ରାଜକୁମାରଙ୍କୁ ନୀତି, ସଦାଚାର, ଧର୍ମ, ବ୍ୟବହାର କୁଶଳତା ଇତ୍ୟାଦିରେ ପାରଙ୍ଗମ କରିଦେଲେ । ଛତ୍ରପତି ଶିବାଜୀ ପିଲାଦିନେ ପ୍ରତିଭାବାନ ମନେ ହେଉନଥିଲେ । ପରେ କିଛି ଉଲ୍ଲେଖନୀୟ କାମ କରିବା ଯୋଗ୍ୟ ପରିସ୍ଥିତି ମଧ୍ୟ ନଥିଲା । ପତି-ଉପେକ୍ଷିତ ତାଙ୍କର ମାତା ଜୀଜାବାଇ ପୁଅ ସହିତ ରହୁଥିଲେ ପୁନାରେ । ବାଳକ ଶିବାର ଲାଳନ ପାଳନଠାରୁ ଆରମ୍ଭ କରି ଶିକ୍ଷା ଦୀକ୍ଷା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ତାଙ୍କ ଉପରେ ଥିଲା । ଏହି ଦାୟିତ୍ୱକୁ ସରଳ ଭାବରେ ନିର୍ବାହ କରିବାର ଉପାୟ ଜୀଜାବାଇ ଖୋଜି ନେଲେ । ସେ ନିଜ ଆଦରର ପୁଅକୁ ରାମାୟଣ, ମହାଭାରତ, ହନୁମାନ, କୃଷ୍ଣ ଓ ଅର୍ଜୁନଙ୍କ ଜୀବନର ପ୍ରେରଣାମୟ ବୀରତ୍ୱପରିପୂର୍ଣ୍ଣ କାହାଣୀ ଶୁଣାଇବା ଆରମ୍ଭ କଲେ ।



ସେମିତି ଆଦର୍ଶ ବୀର ପୁରୁଷ ହେବାର ଅଭିଳାଷ ଜାଗ୍ରତ ହେଲା ବାଳକ ଶିବାଙ୍କ ମନରେ । ପିଲାଦିନରୁ ସେ ମାବଲା ଜାତିର ଅନୁନ୍ନତ ଆଦିବାସୀ ପିଲାମାନଙ୍କୁ ଭାଲୁ, ମାଙ୍କଡ଼ ଭଳି ସଂଗଠିତ କରିବା ଆରମ୍ଭ କଲେ । ସେମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେଲେ । ବାଲ୍ୟକାଳର ପ୍ରେରଣାରୁ ଉଦ୍‌ଭୁତ ଶୁଭ ଅଭିଳାଷ ବଳରେ ସେ ନାନାଜୀ, ବାଜି ପ୍ରଭୁ, ଦେଶ ପାଣ୍ଡେ ଓ ସୂର୍ଯ୍ୟାଜୀଙ୍କ ଭଳି କେତେ ନର ରତ୍ନଙ୍କୁ ଖୋଜି ବାହାର କଲେ । ପରବର୍ତ୍ତୀ କାଳରେ ସେମାନେ ବିଶାଳ ମୋଗଲ ସାମ୍ରାଜ୍ୟ ଅଧିପତି ଆଉରଙ୍ଗଜେବଙ୍କ ଆଖିରୁ ନିଦ ଉଡ଼ାଇନେଲେ । ବର୍ତ୍ତମାନ ଯୁଗର ମହାମାନବ ମହାତ୍ମା ଗାନ୍ଧୀଙ୍କ ଜୀବନରେ ମଧ୍ୟ ଏଭଳି ଘଟିଥିଲା । ତାଙ୍କର ମାତା ପୁତଲୀବାଇ ଗାନ୍ଧୀଙ୍କୁ ପିଲାଦିନେ ରାମାୟଣ ଓ ମହାଭାରତର ଚରିତ୍ର ନିର୍ମାଣକାରୀ ପ୍ରସଙ୍ଗ ଶୁଣାଉଥିଲେ । ଏହାର ପରିଣାମ ରୂପେ ସେ ଆଜୀବନ ଚରିତ୍ର ଓ ନୈତିକତାକୁ ସର୍ବୋପରି ମହତ୍ତ୍ୱ ଦେଇଥିଲେ । ମହାରାଜା ହରିଶ୍ଚନ୍ଦ୍ର ନାଟକ ଦେଖି ଓ ତାଙ୍କର କାହାଣୀ ଶୁଣି ତାଙ୍କ ମନରେ ସତ୍ୟ ପ୍ରତି ଅବିଚଳ ନିଷ୍ଠା ଜାତ ହୋଇଥିଲା । ଯିଶୁ ଓ ବୁଦ୍ଧଙ୍କ ପ୍ରସଙ୍ଗ ଶୁଣି ଓ ପଢ଼ି ଅହିଂସା ଓ ପ୍ରେମ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ଜାଗ୍ରତ ହୋଇଥିଲା ।

ଫରିଦାବାଦ, ହରିୟାନା

## ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ନୂତନ କର୍ମକର୍ତ୍ତା ମନୋନୀତ

ପାରାଦ୍ୱୀପ, (ମହାଭାରତ) : ପାରାଦ୍ୱୀପର ଅଗ୍ରଣୀ ସାମ୍ବାଦିକ ସଂଘଠନ ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ସେପ୍ଟେମ୍ବର ୯ ତାରିଖ ବୁଧବାର ଦିନ ପୂର୍ବାହ୍ନରେ ନୂଆବଜାର ସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ସଭା ଗୃହରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଟ୍ରଷ୍ଟର ଉପଦେଷ୍ଟା ଭାବେ ଗଗନ ବିହାରୀ ସାହୁ, ଓ ଆଇନ ପରାମର୍ଶ ଦାତା କୈଳାସ ଚନ୍ଦ୍ର ସାହୁ, ଅଧ୍ୟକ୍ଷ ପ୍ରଶାନ୍ତ କୁମାର ରାଉତ, ଉପାଧ୍ୟକ୍ଷ ସିଦ୍‌ଧେଶ୍ୱର ସ୍ୱାଇଁ, ସମ୍ପାଦକ ହରିଶଚନ୍ଦ୍ର ଲେଙ୍କା, ସହ ସମ୍ପାଦକ ସୁଦର୍ଶନ ବିଶ୍ୱାଳ, ସଙ୍ଗଠନ ସାମ୍ବାଦିକ ଜଗବନ୍ଧୁ ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ରାଉତ ମନୋନୀତ ହୋଇଥିଲା ବେଳେ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅରୁଣ କୁମାର ଓଝା, ସୁମନ୍ତ ସ୍ୱାଇଁ, ଜଗନ୍ନାଥ ଶତପଥୀ, ସଞ୍ଜୟ କୁମାର ମିଶ୍ର, ପ୍ରଭାତ କୁମାର ମହାପାତ୍ର, ପ୍ରଭାସ କୁମାର ଦାସ, ଜିତେନ୍ଦ୍ର ସାହୁ ଓ ସୁଶାନ୍ତ କୁମାର ସାମଲ ମନୋନୀତ ହୋଇଛନ୍ତି।

## ମନ୍ଦିରରୁ ଲକ୍ଷାଧିକ ଟଙ୍କାର ମୂର୍ତ୍ତି ଓ ଗହଣା ଚୋରିର ପର୍ଦ୍ଦାଫାଶ କଲା ପାରାଦୀପ ଲକ୍ ପୋଲିସ : ୩ ଅଭିଯୁକ୍ତ ଗିରଫ




ପାରାଦୀପ, (ମହାଭାରତ) : ପାରାଦୀପ ଉପକଣ୍ଠ ସ୍ଥିତ ନିମିଢି ଗ୍ରାମର ମାନସ ରଞ୍ଜନ ସ୍ୱାଇଁଙ୍କ ବାସଗୃହ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ଗତ ରବିବାର ମଧ୍ୟରାତ୍ର ରେ କବାଟ ତାଡି ଠାକୁରଙ୍କ ବିଭିନ୍ନ ପ୍ରକାର ମୂର୍ତ୍ତି,ଗହଣା ସମେତ ମନ୍ଦିର ସାମଗ୍ରୀ ଚୋରିର ପର୍ଦ୍ଦାଫାଶ କରିଛି ପାରାଦୀପ ଲକ ପୋଲିସ। ଅଭିଯୋଗ ହେବାର ଚବିଶ ଘଣ୍ଟା ମଧ୍ୟରେ ପାରାଦୀପ ଲକ୍ ଥାନା ପୋଲିସ ଚୋରି ସାମଗ୍ରୀ ଉଦ୍ଧାର କରିବା ସହିତ ଚୋରି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ।ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶଙ୍କ ସୂଚନା ଅନୁଯାୟୀ ନୀମିଢି ଗ୍ରାମର ମାନସ ରଞ୍ଜନ ସ୍ୱାଇଁଙ୍କ ଘରର ମନ୍ଦିର ଫାଟକ ଭାଙ୍ଗି ଗତ ୬ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଠାକୁରଙ୍କ ସୁନା,ରୂପା,ତମ୍ବା ଆଦି ଧାତୁର ନିର୍ମିତ ବିଭିନ୍ନ ପ୍ରକାର ଅଳଙ୍କାର ଚୋରି କରି ନେଇଥିବା ନେଇ ପରଦିନ ଅଥାତ୍ ସେପ୍ଟେମ୍ବର ୭ ତାରିଖରେ ଶ୍ରୀ ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଦୁର୍ବୃତ୍ତ ମାନଙ୍କୁ ଠାବ କରି ଚୋରି ହୋଇଥିବା ମନ୍ଦିର ସାମଗ୍ରୀ ଉଦ୍ଧାର କରିବା ପାଇଁ ପୋଲିସ ତତ୍ପର ହୋଇ ପଡ଼ିଥିଲା । ଯାହାର ଫଳ ସ୍ୱରୂପ ପୋଲିସ ୩ ଅଭିଯୁକ୍ତ ପାରାଦୀପ ଲକ୍ ଥାନା ଅଧିନସ୍ଥ ପାରାଦୀପଗଡ ଗେଟ୍ ବଜାର ଅଞ୍ଚଳର ପ୍ରମୋଦ ନାୟକ,ନିମିଢ଼ି ଗ୍ରାମର ରଞ୍ଜନ ସ୍ୱାଇଁ ଓ ଗଞ୍ଜାମ ଜିଲ୍ଲା କୁକୁଡ଼ା ଖଣ୍ଡି ଗ୍ରାମର ଶ୍ୟାମ ସୁନ୍ଦର ରାଓଙ୍କୁ ପୋଲିସ ଗିରଫ କରିବା ସହିତ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି । ପୋଲିସ ଜବତ କରିଥିବା ସାମଗ୍ରୀ ଗୁଡ଼ିକର ଆନୁମାନିକ ମୂଲ୍ୟ ଚାରି ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଇଛି । ଗିରଫ ହୋଇଥିବା ତିନି ଅଭିଯୁକ୍ତଙ୍କୁ ମଙ୍ଗଳବାର ଦିନ ପାରାଦୀପ ଲକ୍ ଥାନା ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ତେବେ ଏ ବାବଦରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାଣେ ଏବଂ ଲକ ଥାନା ଆଇଆଇସି ରଶ୍ମି ରଞ୍ଜନ ଦାଶ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ।

## ରାଜଗାଙ୍ଗପୁରରେ ସମୁଦାୟ ବିକାଶରେ ଶିକ୍ଷକଙ୍କ ଅବଦାନକୁ ସମ୍ମାନିତ କଲା ଡାଲମିଆ ସିମେ□



ରାଜଗାଙ୍ଗପୁର, ( ଅଟଳ ବିହାରି ପଣ୍ଡା ) ୮/୯/ ୨୦୨୬: ଭାରତର ଅଗ୍ରଣୀ ସିମେଂଟ ନିର୍ମାତା କମ୍ପାନୀ ଡାଲମିଆ ସିମେଂଟ (ଭାରତ) ଲିମିଟେଡ୍ (ଡ଼ିସିବିଏଲ) ପକ୍ଷରୁ ଶିକ୍ଷକ ଦିବସ ଅବସରରେ ରାଜଗାଙ୍ଗପୁର ଅଂଚଳର ପାର୍ଶ୍ୱବର୍ତୀ ଅଂଚଳରେ ଥିବା ବିଭିନ୍ନ ସ୍କୁଲ ଓ କଲେଜର ୪୦ରୁ ଅଧିକ ଶିକ୍ଷକଙ୍କୁ ଏକତ୍ରିତକରି ସେମାନଙ୍କର ସମର୍ପଣ ଓ ସ୍ଥାନୀୟ ସମୁଦାୟର ବିକାଶରେ ଥିବା ଅବଦାନକୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ଡାଲମିଆ ଭାରତର ଶିକ୍ଷା କ୍ଷେତ୍ର ପ୍ରତି ଦୀର୍ଘଦିନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଯୁବପିଢ଼ିର ମନକୁ ଗଢ଼ିବା ସହ ସମୁଦାୟକୁ ସୁଦୃଢ଼ କରିବାରେ ଶିକ୍ଷକମାନଙ୍କର ପରିବର୍ତନକାରୀ ଭୂମିକା ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏହି ଅବସରରେ ଶିକ୍ଷକମାନଙ୍କୁ ସମ୍ମାନ ଓ ଶୁଭେଚ୍ଛା ଜଣାଯାଇଥିଲା। କାର୍ଯ୍ୟକ୍ରମରେ ମାଇନ୍ସ ବିଭାଗର ବିଭିନ୍ନ ବିଭାଗୀୟ ମୁଖ୍ୟ ଏବଂ କମ୍ପାନୀର ସିଏସ୍ ?ଆର୍ (ସିଏସଆର) ଟିମ୍ ?ର ସଦସ୍ୟମାନେ ଯୋଗଦେଇଥିଲେ। ସମାବେଶୀ ବିକାଶର ମୂଳଦୁଆକୁ ସୁଦୃଢ଼ କରିବାରେ ଶିକ୍ଷସଂସ୍ଥା, ଶିକ୍ଷାବିତ୍ ଏବଂ ସ୍ଥାନୀୟ ସମୁଦାୟ ମଧ୍ୟରେ ସହଯୋଗର ଗୁରୁତ୍ୱକୁ ମଧ୍ୟ ଏହି କାର୍ଯ୍ୟକ୍ରମ ଉଜାଗର କରିଥିଲା। ଅଂଶଗ୍ରହଣ କରିଥିବା ଶିକ୍ଷକମାନେ ଡାଲମିଆ ଭାରତର ଏହି ଅଂଚଳ ପ୍ରତି ନିରନ୍ତର ସହଭାଗିତା ଏବଂ ସ୍ଥାନୀୟ ଅନୁଷ୍ଠାନ ଓ ସମୁଦାୟର ବିକାଶ ପାଇଁ କରାଯାଉଥିବା ପ୍ରୟାସକୁ ପ୍ରଶଂସା କରିଛନ୍ତି । ଏହି ଅବସରରେ କମ୍ପାନୀର ଜଣେ ପ୍ରବକ୍ତା କହିଛନ୍ତି, "ପିଲାମାନଙ୍କ ଭବିଷ୍ୟତ ଗଢ଼ିବା ସହ ସମୁଦାୟର ବିକାଶରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କର ସମର୍ପଣ ଓ ପ୍ରତିବଦ୍ଧତା ଯୁବ ମନ ଉପରେ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥାଏ। ଡାଲମିଆ ଭାରତରେ ଆମେ ଆମର କାର୍ଯ୍ୟକ୍ଷେତ୍ର ଆଖପାଖର ସମୁଦାୟ ସହିତ ଥିବା ସମ୍ପର୍କକୁ ବେଶ୍ ଗୁରୁତ୍ୱ ଦେଉଛୁ। ଶିକ୍ଷାର ବିକାଶ ଏବଂ ପିଲା ଓ ଯୁବପିଢ଼ି ପାଇଁ ଉନ୍ନତ ସୁଯୋଗ ସୃଷ୍ଟି କରୁଥିବା ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ପାଇଁ ଆମେ ଆଗାମୀ ଦିନରେ ମଧ୍ୟ ପ୍ରତିବଦ୍ଧ ରହିବୁ।" ଶିକ୍ଷା ଡାଲମିଆ ଭାରତର ସମୁଦାୟ ବିକାଶ କାର୍ଯ୍ୟକ୍ରମର ଏକ ଦୀର୍ଘଦିନର ପ୍ରମୁଖ କ୍ଷେତ୍ର ହୋଇ ରହିଆସିଛି। କମ୍ପାନୀର କାର୍ଯ୍ୟକ୍ଷେତ୍ର ଆଖପାଖର ସମୁଦାୟର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା ପ୍ରତି ଏହାର ପ୍ରତିବଦ୍ଧତାକୁ ଡାଲମିଆ ବିଦ୍ୟା ମନ୍ଦିର ସ୍କୁଲଗୁଡ଼ିକର ପ୍ରତିଷ୍ଠା ପ୍ରତିଫଳିତ କରେ। ବର୍ଷ ବର୍ଷ ଧରି ସଂଗଠନ ପକ୍ଷରୁ ଶିକ୍ଷା ଓ ଶିକ୍ଷଣ ସୁଯୋଗକୁ ସମର୍ଥନ ଯୋଗାଇ ଦିଆଯାଉଛି, ଯାହା ସମୁଦାୟ ବିକାଶ ପ୍ରତି ଏହାର ବ୍ୟାପକ ଅବଦାନର ଅଂଶବିଶେଷ।

## ପୁଅ ଠେଙ୍ଗା ମାଡରେ ବାପ ମୃତ

ପାଟଣା, (ମହାଭାରତ) : ପାରିବାରିକ କଳହ ରେ ମଦ୍ୟପ ପୁଅ ବାପ କୁ ଠେଙ୍ଗା ପିଟି ପିଟି ହତ୍ୟା କରିବା ପରେ ଥାନା ରେ ଆତ୍ମସମର୍ପଣ କରିଛି । ଏପରି ଦୁଃଖଦ ଘଟଣା କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ନୁଆଖମଣ ଗ୍ରାମରେ ଘଟିଛି। ସୂଚନା ରୁ ପ୍ରକାଶ ବିଳମ୍ବିତ ରାତିରେ ପାରିବାରିକ କଳହକୁ ନେଇ ବାପା ଓ ପୁଅଙ୍କ ମଧ୍ୟରେ ବଚସା ହୋଇ ଥିଲା। ଏହି ସମୟରେ ପୁଅ ଶ୍ରୀକାନ୍ତ ମୁଣ୍ଡା ମଦ୍ୟପ ଅବସ୍ଥା ଉତ୍ୟକ୍ତ ହୋଇ ବାପା ପୂର୍ଣ୍ଣଚନ୍ଦ୍ର ମୁଣ୍ଡାଙ୍କୁ ଏକ ଠେଙ୍ଗା ଯୋଗେ ଆକ୍ରମଣ କରିଥିଲା । ପୁଅ ଠେଙ୍ଗା ମାଡରେ ପୂର୍ଣ୍ଣଚନ୍ଦ୍ର ଗୁରୁତର ହେବା ସହ ପରବର୍ତ୍ତୀ ସମୟରେ ତାଙ୍କ ର ମୃତ୍ୟୁ ଘଟିଥିଲା। ଏପରି ଘଟଣା ଘଟାଇ ଅଭିଯୁକ୍ତ ପୁଅ ଶ୍ରୀକାନ୍ତ ମୁଣ୍ଡା ତୁରୁମୁଙ୍ଗା ଥାନା କୁ ଯାଇ ଆତ୍ମସମର୍ପଣ କରିଛି । ଆତ୍ମ ସମର୍ପଣ ପରେ ତୁରୁମୁଙ୍ଗା ପୁଲିସ ହତ୍ୟା ଘଟଣାର ସଠିକ୍ ତଦନ୍ତ ଜାରି ରଖିଛି ।

## ଚିଲିକାରେ ପ୍ରହସନ ପାଲଟିଛି ବୋଟ୍ ଆମ୍ବୁଲାନ୍ସ ସେବା ଖତ ଖାଉଛି ଲକ୍ଷାଧିକ ଟଙ୍କାର ସମ୍ପତ୍ତି, ଦୁର୍ଦ୍ଦଶାରେ ଉପକୂଳବାସୀ




କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ଚିଲିକା ହ୍ରଦର ଦ୍ୱୀପାଞ୍ଚଳ ଓ ମଧ୍ୟଭାଗୀ ଗ୍ରାମବାସୀଙ୍କ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା କେବଳ କାଗଜପତ୍ର ଏବଂ ପ୍ରତିଶ୍ରୁତିରେ ସୀମିତ ହୋଇ ରହିଯାଇଛି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ସାତପଡ଼ାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଚିଲିକା ମଝିରେ ରହିଥିବା ମଏଁଷା, ବ୍ରହ୍ମପୁର, ଖୀରିସାହି ଏବଂ ଜହ୍ନିକୁଦା ଭଳି ଗ୍ରାମବାସୀଙ୍କ ପାଇଁ ପ୍ରାୟ ୧୫ ବର୍ଷ ପୂର୍ବେ ଲକ୍ଷାଧିକ ଟଙ୍କା ବ୍ୟୟରେ ଯୋଗାଇ ଦିଆଯାଇଥିବା ବୋଟ୍ ଆମ୍ବୁଲାନ୍ସ ଆଜି ସମ୍ପୂର୍ଣ୍ଣ ଅକାମୀ ଅବସ୍ଥାରେ ପଡ଼ିରହିଛି ଚିଲିକା ହ୍ରଦର ଦ୍ୱୀପାଞ୍ଚଳବାସୀଙ୍କୁ ଭାଗ୍ୟର ଭରସାରେ ଛାଡ଼ିଦେଇଥିବା ଏହି ବୋଟ୍ ଆମ୍ବୁଲାନ୍ସ ବ୍ୟବସ୍ଥାକୁ ନେଇ ଏବେ ସାତପଡ଼ାଠାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଚର୍ଚ୍ଚା ଜୋର୍ ଧରିଛି। ଲକ୍ଷାଧିକ ଟଙ୍କାର ସରକାରୀ ସମ୍ପତ୍ତି କିପରି ଅନାବଶ୍ୟକ ହୋଇ ପାଣିରେ ପଡ଼ିରହିଛି ଏବଂ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଏହା ଦେଖିବି ନ ଦେଖିଲା ଭଳି ରହୁଛନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି କେବଳ କାଗଜପତ୍ରର ବାହାନା ଏବଂ ଯୋଜନାର ସଫଳତା ପ୍ରଚାର କରି ବାଃ ବାଃ ନେଉଥିବା ବିଭାଗୀୟ କର୍ତ୍ତୃପକ୍ଷ କାହିଁକି ଏହାର ସଠିକ୍ ରକ୍ଷାବେକ୍ଷଣ କରୁନାହାନ୍ତି, ତାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି ଏକପଟେ ସରକାର ଦ୍ୱୀପାଞ୍ଚଳବାସୀଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ଢ଼େର ଡିଣ୍ଡିମ ପିଟୁଥିବାବେଳେ, ଅନ୍ୟପଟେ ଚିଲିକାର ଏହି ଜଳପଥରେ ଡାକ୍ତରୀ ସହାୟତା ଅଭାବରୁ ରୋଗୀଙ୍କ ଜୀବନ ସଙ୍କଟାପନ୍ନ ହେବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ପାଲଟିଛି ରାତି ଅଧିଆ କିମ୍ବା ଜରୁରୀ ସମୟରେ ମଏଁଷା, ବ୍ରହ୍ମପୁର, ଖୀରିସାହି ଓ ଜହ୍ନିକୁଦା ଭଳି ଦ୍ୱୀପାଞ୍ଚଳର କୌଣସି ବ୍ୟକ୍ତି ଗୁରୁତର ଅସୁସ୍ଥ ହେଲେ ଡାକ୍ତରଖାନା ପହଞ୍ଚାଇବା ପାଇଁ ଲୋକଙ୍କୁ ନାକେଦମ୍ ହେବାକୁ ପଡୁଛି ଏପରିକି ସାଧାରଣ ଲୋକଙ୍କ ବ୍ୟବହାର ନିମନ୍ତେ କୌଣସି ପ୍ରକାର ଟେଲିଫୋନ୍ ନମ୍ବର ବା ହେଲ୍ପଲାଇନ୍ ବ୍ୟବସ୍ଥା ମଧ୍ୟ ସାର୍ବଜନୀନ କରାଯାଇ ନାହିଁ ଏହି ଖବର ପ୍ରକାଶ ପାଇବା ଏବଂ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିବା ପରେ ପ୍ରଶାସନର ଚେତା ପଶୁଛି କି ନାହିଁ ଏବଂ ତୁରନ୍ତ ଏହି ବୋଟ୍ ଆମ୍ବୁଲାନ୍ସକୁ ମରାମତି କରି କାର୍ଯ୍ୟକ୍ଷମ ଦିଗରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଉଛି କି ନାହିଁ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଗୁଡ଼ି ମଞ୍ଜାସୂତା ଲାଗି ଯୁବକ ଆହତ

ପୁରୀ, (ମହାଭାରତ): ବେପରୁଆ ଗୁଡ଼ି ଉଡାଣ ବେଳେ ମଞ୍ଜାସୂତା ଲାଗି ଯୁବକ ଆହତ। ସୂଚନା ଅନୁସାରେ ବ୍ରହ୍ମଗିରି ରୁ ପୁରୀ ଗଲାବେଳେ ଜାତୀୟ ରାଜପଥ ୩୧୬ ର ପୁରୀ ଶ୍ରୀସେତୁ ଠାରେ ବ୍ରହ୍ମଗିରିର ସମ୍ବିତ ପଟ୍ଟନାୟକ ନାମକ ଜଣେ ଯୁବକଙ୍କ ବେକରେ ଗୁଡେଇ ହୋଇଗଲା ମଞ୍ଜାସୂତା । ଯୁବକ ଜଣଙ୍କ ଗାଡିରୁ ତଳେ ପଡ଼ିଯାଇଥିଲେ ।କିଛି ବଡ଼ ଦୁର୍ଘଟଣା ହେବା ଆଗରୁ ଅଳ୍ପକେ ବର୍ତିଗଲେ ଯୁବକ। ତେବେ ଏଠାରେ ସାଧାରଣରେ ପ୍ରଶ୍ନ ଜାତୀୟ ରାଜପଥ ଉପରେ ଏଭଳି ବେପରୁଆ ଭାବରେ ଗୁଡ଼ି ଉଡ଼ିବା ଉପରେ କିପରି ନଜର ପଡ଼ିପାରୁନି ପ୍ରଶାସନର। କଡାକଡି ଭାବରେ ପୋଲିସ ପେଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହୋଇଛି।

## ହାଇଭୋଲ୍‌ଟେଜ୍ ଟାୱାର ଉପରେ ଅଜଣା ବ୍ୟକ୍ତିଙ୍କ ମୃତଦେହ

ବିଷମକଟକ, (ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଗୋୟେଲକଣା ଗ୍ରାମ ନିକଟରେ ଏକ ହାଇଭୋଲ୍‌ଟେଜ୍ ବିଦ୍ୟୁତ୍ ଟାୱାର ଉପରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଛି। ଏହାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଖବର ପାଇ ଢଂଡଉଖ ଅଧିକାରୀ ବିଷମକଟକ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟାୱାର ଉପରେ ଥିବା ମୃତଦେହକୁ ତଳକୁ ଆଣିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କ ପରିଚୟ ଏଯାଏ ସ୍ପଷ୍ଟ ହୋଇନାହିଁ। ବ୍ୟକ୍ତି ଜଣକ କିପରି ଟାୱାର ଉପରକୁ ଚଢ଼ିଲେ ଏବଂ କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା, ତାହା ମଧ୍ୟ ଅସ୍ପଷ୍ଟ ରହିଛି। ଘଟଣାର ସମସ୍ତ ଦିଗକୁ ନେଇ ବିଷମକଟକ ପୁଲିସ ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।

## କଲେଇଯାଉ ଗ୍ରାମର ମୌଳିକ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

କରଞ୍ଜିଆ, (ମହାଭାରତ) : ସ୍ୱାଧୀନତାର ୮୦ତମ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ଆଜି ବି ଅନେକ ଆଦିବାସୀ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ସରକାରୀ ସୁବିଧା ସମସ୍ତଙ୍କ ନିକଟରେ ପହଞ୍ଚାଇବାର ଦାବି ମଧ୍ୟରେ ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଭରାଣ୍ଡିଆ ଗ୍ରାମପଞ୍ଚାୟତର କଲେଇଯାଉ ଗ୍ରାମରେ। ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ପ୍ରାୟ ୩ କିଲୋମିଟର ଦୂରରେ ଥିବା ଏହି ଗ୍ରାମ ଆଜି ବି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ। ଗ୍ରାମର ସମସ୍ୟା ସମାଧାନ ଦାବିରେ ଗ୍ରାମବାସୀମାନେ ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, କଲେଇଯାଉ ଗ୍ରାମରେ ୫୨ଟି ପରିବାରର ୨୧୨ ଜଣ ଲୋକ ବସବାସ କରୁଛନ୍ତି। ଏତେ ବଡ଼ ଜନସଂଖ୍ୟା ପାଇଁ ଗ୍ରାମରେ ମାତ୍ର ଗୋଟିଏ ସୌରଚାଳିତ ନଳକୂପ ରହିଛି। ଏହା ୨୧୨ ଜଣ ଲୋକଙ୍କ ପାଇଁ ଯଥେଷ୍ଟ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ଆଉ ନଳକୂପ ସ୍ଥାପନ ସହ ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେମାନେ ଦାବି କରିଛନ୍ତି। ସେହିପରି ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର ଅବସ୍ଥା ମଧ୍ୟ ଦୟନୀୟ। ପ୍ରାୟ ୪୦ ବର୍ଷ ଧରି ଅଙ୍ଗନୱାଡି କେନ୍ଦ୍ର ଚାଲିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏକ ପରିବାରର ଘରେ ଅଙ୍ଗନୱାଡି କେନ୍ଦ୍ର ଚାଲିଥିବାରୁ ଶିଶୁମାନଙ୍କ ପାଠପଢ଼ା ସହ ବିଭିନ୍ନ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ବର୍ତ୍ତମାନ କେନ୍ଦ୍ରରେ ୧୪ ଜଣ ଶିଶୁ, ୯ ଜଣ ପ୍ରସୂତି ଓ ୨ ଜଣ ଗର୍ଭବତୀ ରହିଥିବା ଗ୍ରାମବାସୀ କହିଛନ୍ତି। ତେଣୁ ତୁରନ୍ତ ଏକ ନୂତନ ଅଙ୍ଗନୱାଡି ଗୃହ ନିର୍ମାଣ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ, ଗ୍ରାମରେ ୧୯୯୦ ମସିହାରୁ ପ୍ରାଥମିକ ବିଦ୍ୟାଳୟ ଚାଲିଆସୁଛି। ୧୯୯୬ ମସିହାରେ ନିର୍ମିତ ଶ୍ରେଣୀଗୃହ ଦୀର୍ଘବର୍ଷ ଧରି ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ପୂର୍ବରୁ ସେହି ବିପଦସଙ୍କୁଳ ଘରେ ପିଲାମାନଙ୍କ ପାଠପଢ଼ା ଚାଲୁଥିଲା। ଗତ ୪ ସେପ୍ଟେମ୍ବର ୨୦୨୫ ରାତିରେ ପ୍ରବଳ ବର୍ଷା ଯୋଗୁଁ ବିଦ୍ୟାଳୟର ପୁରୁଣା ମାଟି କାନ୍ଥ ଘର ଭୁଶୁଡ଼ି ପଡ଼ିଥିଲା। ଏହାପରେ ବିଡିଓ ସ୍ୱପ୍ନେଶ୍ୱର ବେହେରା ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ୬ ମାସ ପାଇଁ ଗ୍ରାମର କୌଣସି ବ୍ୟକ୍ତିଙ୍କ ଘରେ ପିଲାଙ୍କ ପାଠପଢ଼ା ଚାଲୁ ରଖିବା ଏବଂ ଏହି ସମୟ ମଧ୍ୟରେ ନୂତନ ଶ୍ରେଣୀଗୃହ ନିର୍ମାଣ ହେଲେ ପୁଣି ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବ ବୋଲି କୁହାଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ନୂତନ ଶ୍ରେଣୀଗୃହ ନିର୍ମାଣ ହୋଇନଥିବାରୁ ଆଜି ପର୍ଯ୍ୟନ୍ତ ଜଣେ ଗ୍ରାମବାସୀଙ୍କ ଘରେ ହିଁ ପିଲାମାନଙ୍କ ପାଠପଢ଼ା ଚାଲିଛି। ଏହା ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେବା ସହ ଶିକ୍ଷାର ପରିବେଶ ମଧ୍ୟ ପ୍ରଭାବିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ପାନୀୟଜଳ, ଅଙ୍ଗନୱାଡି ଗୃହ, ବିଦ୍ୟାଳୟ ପାଇଁ ନୂତନ ଶ୍ରେଣୀଗୃହ ସମେତ ଅନ୍ୟାନ୍ୟ ମୌଳିକ ସମସ୍ୟାର ଶୀଘ୍ର ସମାଧାନ ଦାବି କରି ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ କୃଷ୍ଣଚନ୍ଦ୍ର ମୁର୍ମୁ, ଅଭିନାଶ ଟୁଡୁ, ଦୁର୍ଯ୍ୟୋଧନ ଟୁଡୁ, ଜଗଦୀଶ ଟୁଡୁ, ବୁଧୁରାମ ଟୁଡୁ, ଭାଗବତ ମୁର୍ମୁଙ୍କ ସମେତ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଆରଟିଆଇ ତଥ୍ୟ ନ ଦେବାକୁ ପଡୁଛି କି ଚାପ ? କଣ୍ଟାପଡ଼ା ବ୍ଲକରେ ତଥ୍ୟ ପ୍ରଦାନକୁ ନେଇ ବଡ ପ୍ରଶ୍ନ




କଣ୍ଟାପଡ଼ା (ମହାଭାରତ): ସୂଚନା ଅଧିକାର ଆଇନ ନାଗରିକଙ୍କୁ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଜବାବଦେହିତା ଜାଣିବାର ଅଧିକାର ଦେଇଥିବା ବେଳେ କଣ୍ଟାପଡ଼ା ବ୍ଲକରେ ଏହି ଆଇନର କାର୍ଯ୍ୟକାରିତାକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସୂଚନା ଆବେଦନର ତଥ୍ୟ ନ ମିଳିବା ଅଭିଯୋଗ ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ସ୍ଥିତିରେ ବିଶେଷ ପରିବର୍ତ୍ତନ ନ ହେବା ପ୍ରଶାସନିକ ବ୍ୟବସ୍ଥା ଉପରେ ସନ୍ଦେହ ସୃଷ୍ଟି କରିଛି। କଣ୍ଟାପଡ଼ା ବ୍ଲକର ବିଭିନ୍ନ ପ୍ରଶାସନିକ ଓ ଜନସ୍ୱାର୍ଥ ସମ୍ପର୍କିତ ବିଷୟରେ ସୂଚନା ପାଇଁ ସୂଚନା ଅଧିକାର କର୍ମୀ ଗୁରୁ ପ୍ରସାଦ ମହାପାତ୍ର ସୂଚନା ଅଧିକାର ଆଇନ ଅନୁଯାୟୀ ଜନ ସୂଚନା ଅଧିକାରୀଙ୍କ ନିକଟରେ ଆବେଦନ କରିଥିବା ଜଣାପଡ଼ିଛି। ଆବେଦନରେ ମଗାଯାଇଥିବା ତଥ୍ୟ ଆଇନସମ୍ମତ ସମୟସୀମା ମଧ୍ୟରେ ନମିଳିବାରୁ ଏବେ ଜନ ସୂଚନା ଅଧିକାରୀଙ୍କ ଦାୟିତ୍ୱବୋଧ ଓ କାର୍ଯ୍ୟପ୍ରଣାଳୀ ନେଇ ପ୍ରଶ୍ନ ଉଠିଛି। ଏହା ପ୍ରଥମ ଘଟଣା ନୁହେଁ। ଆରଟିଆଇ ଆବେଦନର ତଥ୍ୟ ସମୟରେ ନଦେବା ନେଇ ପୂର୍ବରୁ ମଧ୍ୟ କଣ୍ଟାପଡ଼ା ବ୍ଲକ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ମଧ୍ୟ ଯଦି ସମାନ ଅଭିଯୋଗର ପୁନରାବୃତ୍ତି ହେଉଛି, ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ ଏହା କେବଳ ପ୍ରଶାସନିକ ଅବହେଳା ନା ଜାଣିଶୁଣି ତଥ୍ୟ ପ୍ରଦାନରେ ବିଳମ୍ବ କରାଯାଉଛି ? ଆହୁରି ଗୁରୁତର ପ୍ରଶ୍ନ ହେଉଛି ଜନ ସୂଚନା ଅଧିକାରୀ ନିଜସ୍ୱ ନିଷ୍କ୍ରିୟତା କାରଣରୁ ତଥ୍ୟ ଦେବାରେ ବିଳମ୍ବ କରୁଛନ୍ତି, ନା ଏହା ପଛରେ ଅନ୍ୟ କୌଣସି ପ୍ରଶାସନିକ ଚାପ ବା ପ୍ରଭାବ ରହିଛି ? ଯଦି ମଗାଯାଇଥିବା ତଥ୍ୟ ସାଧାରଣ ପ୍ରଶାସନିକ ତଥ୍ୟ, ତେବେ ତାହା ଦେବାରେ ଅନାବଶ୍ୟକ ବିଳମ୍ବ କାହିଁକି ? ଏବଂ ଯଦି ତଥ୍ୟରେ କୌଣସି ଅନିୟମିତତା, ଆର୍ଥିକ କାରବାର କିମ୍ବା ସରକାରୀ ଯୋଜନା ସମ୍ପର୍କିତ ତଥ୍ୟ ରହିଛି, ତେବେ ତାହା ପ୍ରଦାନରେ ବିଳମ୍ବର କାରଣ କ'ଣ ତଥ୍ୟ ପ୍ରଦାନରେ ବିଳମ୍ବ କରିବା ଦ୍ୱାରା ସ୍ୱଚ୍ଛ ପ୍ରଶାସନର ମୂଳ ଉଦ୍ଦେଶ୍ୟ ହିଁ ପ୍ରଶ୍ନବିଦ୍ଧ ହେଉଛି । ଏପରି ସ୍ଥିତିରେ କଣ୍ଟାପଡ଼ା ବ୍ଲକରେ ଗତ କିଛି ବର୍ଷ ମଧ୍ୟରେ କେତେଟି ଆରଟିଆଇ ଆବେଦନ ହୋଇଛି, ସେଥିରୁ କେତେଟିରେ ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ ହୋଇଛି, କେତେଟି ଆବେଦନରେ ବିଳମ୍ବ ହୋଇଛି ଏବଂ କେତେଟି ଆବେଦନ ଏବେ ବି ବିଚାରାଧୀନ ରହିଛି ତାହାର ସ୍ୱଚ୍ଛ ଯାଞ୍ଚ ଆବଶ୍ୟକ। ଗଣମାଧ୍ୟମରେ ପୂର୍ବରୁ ଖବର ପ୍ରକାଶ ପାଇବା ସତ୍ତ୍ୱେ ଯଦି ଅଭିଯୋଗର ପୁନରାବୃତ୍ତି ହେଉଛି, ତେବେ ଏହାକୁ କେବଳ ଅବହେଳା ବୋଲି ଏଡ଼ାଇ ଦେବା ଠିକ୍ ହେବ ନାହିଁ। ତଥ୍ୟ ପ୍ରଦାନରେ ବିଳମ୍ବର ପ୍ରକୃତ କାରଣ କ'ଣ, ତାହା ନିରପେକ୍ଷ ଭାବେ ଯାଞ୍ଚ କରାଯିବା ଜରୁରୀ । ଆରଟିଆଇ ଆଇନର ଉଦ୍ଦେଶ୍ୟ ହେଉଛି ସରକାରୀ କାର୍ଯ୍ୟରେ ପର୍ଦ୍ଦା ପକାଇବା ନୁହେଁ, ବରଂ ପ୍ରଶାସନକୁ ଅଧିକ ସ୍ୱଚ୍ଛ ଓ ଜବାବଦେହୀ କରିବା । ତେଣୁ ତଥ୍ୟ ଲୁଚାଇବା କିମ୍ବା ବିଳମ୍ବ କରିବା ନୁହେଁ ଆଇନ ଅନୁଯାୟୀ ସମୟରେ ତଥ୍ୟ ଦେବା ହିଁ ଜନ ସୂଚନା ଅଧିକାରୀଙ୍କ ପ୍ରମୁଖ ଦାୟିତ୍ୱ । ଏବେ ଦେଖିବାକୁ ବାକି ରହିଲା, ଗଣମାଧ୍ୟମରେ ଅଭିଯୋଗ ପ୍ରକାଶ ପରେ କଣ୍ଟାପଡ଼ା ବ୍ଲକ ପ୍ରଶାସନ ଏହି ପ୍ରସଙ୍ଗକୁ କେତେ ଗୁରୁତ୍ୱ ଦେଉଛି ଏବଂ ଆରଟିଆଇ ଆବେଦନଗୁଡ଼ିକର ସମୟୋଚିତ ନିଷ୍ପତ୍ତି ପାଇଁ କେବେ ପଦକ୍ଷେପ ନେଉଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଏସଡିୟୁଜେର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ରେଢ଼ାଖୋଲ (ମହାଭାରତ): ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ଜିଲ୍ଲା ଶାଖା ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିଅନ(ଏସଡିୟୁଜେ) ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ପ୍ରେସ କ୍ଲବ, ସମ୍ବଲପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଓୟୁଜେର ଜିଲ୍ଲା ସଭାପତି ପ୍ରଭାତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଅତିଥି ଭାବେ ରାଜ୍ୟ କୋଷାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ ଯୋଗ ଦେଇଥିବାବେଳେ ଜିଲ୍ଲା ଉପସଭାପତି ସତୀଶ ମିଶ୍ର, ଦିନେଶ ମାହାନା, ସାଧାରଣ ସମ୍ପାଦକ ଶରତ ପ୍ରଧାନ, ସମ୍ପାଦକ ମନୋଜ ରାଜ,କୋଷାଧ୍ୟକ୍ଷ ହେମନ୍ତ ରାଉତ,ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚିକାନ୍ତ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର ପ୍ରମୁଖ ମଞ୍ଚାସିନ ରହିଥିଲେ । ଏହି ବୈଠକରେ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ମଞ୍ଚାସିନ କର୍ମକର୍ତ୍ତା ମାନେ ମତବ୍ୟକ୍ତ କରିଥିଲେ । ଏଥିସହ କାର୍ଯ୍ୟରତ ସାମ୍ବାଦିକ ମାନେ କିପରି ପେନସନ ପାଇବେ ଏବଂ ସ୍ୱାସ୍ଥ୍ୟ ବୀମା କୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ବୃଦ୍ଧ ପିତାମାତାଙ୍କୁ ସାମିଲ କରିବା ପାଇଁ ଦାବି ହୋଇଛି । ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣା ବୃଦ୍ଧି ପାଉଛି, ତେଣୁ ସାମ୍ବାଦିକ ସୁରକ୍ଷା ଆଇନ ତୁରନ୍ତ ଲାଗୁ କରିବାକୁ ମଧ ଦାବି ହୋଇଛି । ରାଜ୍ୟ ସରକାର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ଲାଗୁ କରିଥିବା ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା କୁ ଆୟୁଷ୍ମାନ ଯୋଜନାରେ ସାମିଲ ନିଷ୍ପତ୍ତି କୁ ଓୟୁଜେ ଦୃଢ ଭାବେ ବିରୋଧ କରିଥିଲା । ଯାହାଫଳରେ ସରକାର ନିଷ୍ପତ୍ତି ର ପୁନଃ ବିଚାର କରି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କୁ ବଳବତ୍ତର ରଖିଛନ୍ତି । ଆଜିର ବୈଠକ ରେ ଏହାକୁ ନେଇ ରାଜ୍ୟ ସରକାର ଙ୍କୁ କୃତଜ୍ଞତା ଜ୍ଞାପନ ଏବଂ ଏହାକୁ ଦୃଢତାର ସହ ବିରୋଧ କରିଥିବାରୁ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି । ସାଧାରଣ ସମ୍ପାଦକ ଶରତ ପ୍ରଧାନ ବିବରଣୀ ପଠନ କରିଥିବାବେଳେ ସଞ୍ଜୟ ମିଶ୍ର ସ୍ୱାଗତ ଭାଷଣ ଓ ସଚିକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଗାମୀ ଅକ୍ଟୋବର ମାସ ଶେଷ ସୁଧା ସଦସ୍ୟତା ନବୀକରଣ ସହ ବ୍ଲକ ଓ ଜିଲ୍ଲା ଶାଖାର ସାଙ୍ଗଠନିକ ନିର୍ବାଚନ କରିବା ପାଇଁ ପ୍ରସ୍ତାବ ହୋଇଛି । ଜମନକିରା ବ୍ଲକ ସଭାପତି କ୍ଷିତିରଞ୍ଜନ ପଧାନ, ସମ୍ପାଦକ ସନ୍ତୋଷ ପଟେଲ, କୁଚିଣ୍ଡା ସମ୍ପାଦକ ତପନ ଦାଶ, ବାମରା ସଭାପତି ସନ୍ତୋଷ ଶୁକ୍ଲା, ରେଢ଼ାଖୋଲ ସଭାପତି ସୁଶାନ୍ତ ନାଗ,ନାକଟିଦେଉଳ ସମ୍ପାଦକ ରୋହିତ ଭୋଇ, ଯୁଜୁମୁରା ସଭାପତି ରାଧାମୋହନ ଷଡ଼ଙ୍ଗୀ, ମାନେଶ୍ୱର ସଭାପତି ରୂପଞ୍ଜୟ ଚୌଧୁରୀ, ରେଙ୍ଗାଲି ସଭାପତି ମନୋଜ ମୁଦୁଲି ପ୍ରମୁଖ ରିପୋର୍ଟ ଉପସ୍ଥାପନ କରିଥିବାବେଳେ ବରିଷ୍ଠ ସଦସ୍ୟ ହରିହର ନାଥ,ସୁଜିତ ପାଣିଗ୍ରାହୀ,ଜୟନ୍ତ ଖଡ଼ିରତ୍ନ, ଦୁର୍ଗାଶଙ୍କର ବାଘ, ଅମୂଲ୍ୟ ମିଶ୍ର, ଭଗବାନ ପୁରୋହିତ ଓ ଜୟନ୍ତୀ ଖଡ଼ିରତ୍ନ ପ୍ରମୁଖ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସମ୍ବଲପୁର ମହାନଗରର ବରିଷ୍ଠ ସାମ୍ବାଦିକ ଆମଲେନ୍ଦୁ ନାଏକ, ମଳୟ ଭୋଇ,ମାନସ ସାହୁ, ସମୀର ଷଡ଼ଙ୍ଗୀ ଓ ସତ୍ୟଜିତ ମହାପାତ୍ର ସଙ୍ଘରେ ସାମିଲ ହୋଇଥିବାରୁ ପୁଷ୍ପଗୁଛ ଦେଇ ସ୍ୱାଗତ କରାଯାଇଛି ।

## ଦଶପଲ୍ଲା ଡାକ୍ତରଖାନାରେ ଅବ୍ୟବସ୍ଥା

# ଚକାଚକ୍ ନୂଆ କୋଠାକୁ ନାହିଁ ପାଣି





ଦଶପଲ୍ଲା(ମହାଭାରତ): ବାହାରକୁ ଦିଶୁଛି ଚକାଚକ୍ ନୂଆ କୋଠା। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ଦଶପଲ୍ଲା ମେଡିକାଲର ନୂତନ ଗୃହ। ଥରେ ନୁହେଁ, ଦୁଇ ଦୁଇ ଥର ଉଦ୍‌ଘାଟନ ହୋଇ ଫଳକ ବି ଲାଗିସାରିଛି। ହେଲେ ଉଦ୍‌ଘାଟନ ପରେ ଗୋଟିଏ ପରେ ଗୋଟିଏ ସମସ୍ୟା ଏବେ ମେଡିକାଲର ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନ ଠିଆ କରିଛି। ଡାକ୍ତର ଅଭାବକୁ ନେଇ ରୋଗୀ ସେବା ପ୍ରଭାବିତ ହେଉଥିବା ଅଭିଯୋଗ ଉଠୁଥିବା ବେଳେ, ଏବେ ନୂଆ ଗୃହରେ ଦେଖାଦେଇଛି ପାଣିସଙ୍କଟ । ଯେଉଁଠି ରୋଗୀଙ୍କ ଚିକିତ୍ସା ସହ ପରିଷ୍କାର-ପରିଚ୍ଛନ୍ନତା ଓ ମୌଳିକ ସ୍ୱାସ୍ଥ୍ୟ ସେବା ପାଇଁ ନିରବଚ୍ଛିନ୍ନ ପାଣି ଯୋଗାଣ ଅତ୍ୟାବଶ୍ୟକ, ସେଠାରେ ପାଣି ସଙ୍କଟ ସୃଷ୍ଟି ହେବା ନିଶ୍ଚିତ ଭାବେ ଚିନ୍ତାର ବିଷୟ।ପ୍ରଶ୍ନ ଉଠୁଛି—କୋଟି କୋଟି ଟଙ୍କା ଖର୍ଚ୍ଚ କରି ନୂଆ ମେଡିକାଲ ଗୃହ ନିର୍ମାଣ କରାଗଲା, ଦୁଇ ଦୁଇ ଥର ଉଦ୍‌ଘାଟନ ମଧ ହେଲା; ତେବେ ପାଣି ଭଳି ଏକ ମୌଳିକ ବ୍ୟବସ୍ଥା ପାଇଁ କାହିଁକି ଏବେ ରୋଗୀ ଓ ସମ୍ପର୍କୀୟଙ୍କୁ ହଇରାଣ ହେବାକୁ ପଡୁଛି। ନୂଆ କୋଠା ନିର୍ମାଣ ଓ ଉଦ୍‌ଘାଟନରେ ଯଦି ଏତେ ଗୁରୁତ୍ୱ ଦିଆଗଲା, ତେବେ ରୋଗୀଙ୍କୁ ମୌଳିକ ସୁବିଧା ଦେବାରେ ଅବହେଳା କାହିଁକି ? ଡାକ୍ତରଖାନା ଇନ୍‌ଚାର୍ଜଙ୍କ ଭୂମିକା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଣ କରୁଛନ୍ତି ଏଠି ଥିବା ଇନ ଚାର୍ଜ। ଖାଲି ପଦବୀ ଧରିଛନ୍ତି ନା ସଠିକ କାର୍ଯ୍ୟ କରୁଛନ୍ତି ତାହାକୁ ନେଇ ସାଧାରଣ ରେ ପ୍ରଶ୍ନ ଉଠୁଛି ।ପାଣି ସମସ୍ୟାର ତୁରନ୍ତ ସମାଧାନ କରାଯିବା ସହିତ ଆବଶ୍ୟକ ଡାକ୍ତର ପଦବୀ ପୂରଣ କରାଯାଉ ଏବଂ ମେଡିକାଲରେ ଥିବା ସମସ୍ତ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ କରିବା ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି ।

## ଗୋଦାମରୁ ଧାନ ଚୋରି ଘଟଣାର ପର୍ଦ୍ଦାଫାଶ

# ୧୦୦ ବସ୍ତା ଧାନ ଜବତ, ଜଣେ ଗିରଫ; ୪ ନାବାଳକ ଅଟକ

ଉମରକୋଟ (ମହାଭାରତ ) ନବରଙ୍ଗପୁର ଜିଲ୍ଲା ଉମରକୋଟ ହାଟପଦାସ୍ଥିତ ଆରଏମସି ଗୋଦାମରୁ ଧାନ ଚୋରି ଘଟଣାରେ ଉମରକୋଟ ପୁଲିସ ଚୋରି ହୋଇଥିବା ଧାନ ମଧ୍ୟରୁ ୧୦୦ ବସ୍ତା, ଯାହାର ଓଜନ ୪୬ କ୍ୱିଣ୍ଟାଲ, ପୁଲିସ ଉଦ୍ଧାର କରିଛି। ଘଟଣାରେ ଜଣକୁ ଗିରଫ କରିବା ସହ ସହ ୪ ଜଣ ନାବାଳକ ଶିଶୁଙ୍କୁ ଅଟକ ରଖାଯାଇଛି । ପୁଲିସ ସୂଚନା ଅନୁଯାୟୀ, ୮ ସେପ୍ଟେମ୍ବର ୨୦୨୬ରେ ଆରଏମସି ଗୋଦାମରୁ ପ୍ରାୟ ୧୮୬ କ୍ୱିଣ୍ଟାଲ ଧାନ ଭର୍ତ୍ତି ୪୦୪ ବସ୍ତା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଗୋଦାମର ଭେଣ୍ଟିଲେସନ୍ ଭାଙ୍ଗି ଏହି ଚୋରି କରାଯାଇଥିବା ଜଣାପଡ଼ିଥିଲା। ଚୋରି ହୋଇଥିବା ଧାନର ଆନୁମାନିକ ମୂଲ୍ୟ ୪ ଲକ୍ଷ ୪୦ ହଜାର ୬୩୪ ଟଙ୍କା ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି । ଘଟଣାର ତଦନ୍ତ ସମୟରେ ପୁଲିସ ଗୋଲୁ ହରିଜନ (୧୯)ଙ୍କୁ ଗିରଫ କରିବା ସହ ୪ ଜଣ ନାବାଳକଙ୍କୁ ଅଟକ ରଖାଯାଇଥିଲା ଅଟକ ନାବାଳକମାନଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ଉମରକୋଟ ଢ଼େପଗୁଡ଼ା ଅଞ୍ଚଳର ଦୁଇଜଣ ରିସିଭରଙ୍କ ଠାରୁ ୧୦୦ ବସ୍ତା ଚୋରି ଧାନ ଉଦ୍ଧାର କରାଯାଇଥିଲା । ଚୋରି ଧାନ ପରିବହନରେ ବ୍ୟବହୃତ ଗୋଟିଏ ବଜାଜ ଅଟୋ ଏବଂ ଗୋଟିଏ ହିରୋ ପ୍ୟାସନ୍ ପ୍ଲସ୍ ମୋଟରସାଇକେଲକୁ ମଧ ପୁଲିସ ଜବତ କରିଛି ।ଅଟକ ୪ ଜଣ ନାବାଳକଙ୍କୁ ଆଇନ ଅନୁଯାୟୀ ନବରଙ୍ଗପୁର ଜୁବିନାଲ କୋର୍ଟ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯାଇଛି । ତେବେ ଚୋରି ହୋଇଥିବା ଅବଶିଷ୍ଟ ଧାନ ଉଦ୍ଧାର ଏବଂ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି।

## ବେଟି ବଚାଓ, ବେଟି ବଢ଼ାଓ କାର୍ଯ୍ୟକ୍ରମରେ ସାଇବର ସଚେତନତା



ଖଡ଼ିଆଳ(ମହାଭାରତ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଶିଶୁ ଓ ମହିଳା ବିକାଶ ବିଭାଗ ପକ୍ଷରୁ 'ବେଟି ବଚାଓ, ବେଟି ବଢ଼ାଓ' କାର୍ଯ୍ୟକ୍ରମ ଅଧୀନରେ ସାଇବର ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଖଡ଼ିଆଳ ମିଶନ ଶକ୍ତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ସିଡିପିଓ ଲତା ଦିଗଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସାଇବର ସେଲର ଅଧିକାରୀ ଚନ୍ଦ୍ରକାନ୍ତ ବାରିକ ଯୋଗ ଦେଇଥିଲେ। ସେମାନେ ଅଙ୍ଗନବାଡ଼ି କର୍ମୀ, ମହିଳା ଓ କିଶୋରୀମାନଙ୍କୁ ସାଇବର ଅପରାଧରୁ କିପରି ସୁରକ୍ଷିତ ରହିବେ, ଅନଲାଇନ୍ ଠକେଇକୁ କିପରି ଚିହ୍ନଟ କରିବେ ଏବଂ ସାଇବର ଅପରାଧ ଘଟିଲେ କିପରି ଅଭିଯୋଗ କରିବେ, ସେନେଇ ବିଭିନ୍ନ ଦିଗରେ ସଚେତନ କରିବା ସହ ତାଲିମ ପ୍ରଦାନ କରିଥିଲେ। ବିଶେଷକରି ମୋବାଇଲ୍ ଫୋନ୍ ବ୍ୟବହାର ସମୟରେ ଅଜଣା ଲିଙ୍କ୍, ସନ୍ଦେହଜନକ ଫୋନ୍ କଲ୍, ଓଟିପି ପାସୱାର୍ଡ ଓ ବ୍ୟକ୍ତିଗତ ତଥ୍ୟ କାହା ସହିତ ଶେୟାର ନକରିବା ନେଇ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁପରଭାଇଜର ଦୀପାଞ୍ଜଳି ମେହେର, ବୈଜୟନ୍ତୀ ମହାନ୍ତି, ଶକୁନ୍ତଳା ନାଗ, ରଶ୍ମିରାଣୀ ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ। ମହିଳା ଓ କିଶୋରୀମାନଙ୍କୁ ଡିଜିଟାଲ୍ ଯୁଗରେ ସାଇବର ଅପରାଧ ସମ୍ପର୍କରେ ସଚେତନ କରିବା ସହ ସୁରକ୍ଷିତ ଡିଜିଟାଲ୍ ବ୍ୟବହାର ପାଇଁ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା କଲେ ପର୍ଯ୍ୟବେକ୍ଷକ

**କେନ୍ଦ୍ରାପଡ଼ା,:** ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ (ଏସଆଇଆର)-୨୦୨୬ର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନର ସମୀକ୍ଷା ପାଇଁ ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ଏବଂ ଏସଆଇଆରର ରୋଲ ପର୍ଯ୍ୟବେକ୍ଷକ ରାଜେଶ ପ୍ରଭାକର ପାଟିଲ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସିଥିଲେ। ଗସ୍ତ ସମୟରେ ଶ୍ରୀ ପାଟିଲ ୯୭-କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡମୂଳବସନ୍ତ ପ୍ରାଥମିକ ବିଦ୍ୟାଳୟର ବୁଥ୍ ନମ୍ବର ୪୯ ଓ ୫୦, ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଢ଼ାଖଣ୍ଡ ମଠସାହିର ବୁଥ୍ ନମ୍ବର ୧୩୩ ଏବଂ ବଜ୍ର ମହାକାଳୀ ଉଚ୍ଚ ବିଦ୍ୟାଳୟ, ଅଠରବାଟିଆର ବୁଥ୍ ନମ୍ବର ୧୩୪ ଓ ୧୩୫ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ), ସୁପରଭାଇଜର, ବୁଥ୍ ସ୍ତରୀୟ ଏଜେ□ (ବିଏଲଏ) ଏବଂ ପିଆରଆଇ ସଦସ୍ୟମାନଙ୍କ ସହ ଏସଆଇଆର-୨୦୨୬ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ, ଯୋଗ୍ୟ ଭୋଟରମାନଙ୍କୁ ଯୋଗ କରିବା ଏବଂ ଅଯୋଗ୍ୟଙ୍କୁ ତାଲିକାରୁ ବାଦ ଦେବା ସହ ତଥ୍ୟ ଯାଞ୍ଚ ଏବଂ ଏସଆଇଆର ପ୍ରକ୍ରିୟାର ସୁଚାରୁ କାର୍ଯ୍ୟାନ୍ୱୟନ ସମ୍ପର୍କରେ ସେ ଆବଶ୍ୟକ ପରାମର୍ଶ ଦେଇଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଲ ଅଗ୍ରୱାଲ ଏବଂ ତହସିଲଦାର ପଞ୍ଚାନନ ନାୟକ ଉପସ୍ଥିତ ଥିଲେ। ପରେ ସେ ସର୍କିଟ ହାଉସରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର. ଆୟରଙ୍କ ସମେତ ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ଓ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ)ମାନଙ୍କ ସହ ଏସଆଇଆର-୨୦୨୬ର ଜିଲ୍ଲାସ୍ତରୀୟ ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ବୈଠକରେ ୯୬-ପାଟକୁରା ନିର୍ବାଚନ ମଣ୍ଡଳୀର ଇଆରଓ ଅଜାମ୍ବର ମହାନ୍ତି, ୯୭-କେନ୍ଦ୍ରାପଡ଼ାର ଇଆରଓ ଅରୁଣ କୁମାର ନାୟକ, ୯୮-ଆଳିର ଇଆରଓ ନବକ୍ରିଷ୍ଣ ଜେନା, ୯୯-ରାଜନଗରର ଇଆରଓ ରବୀନ୍ଦ୍ର କୁମାର ମଲ୍ଲିକ ଏବଂ ୧୦୦-ମହାକାଳପଡ଼ାର ଇଆରଓ ସନ୍ଧ୍ୟାଞ୍ଜଳୀ ମାଝୀଙ୍କ ସମେତ ଏଇଆରଓ ଅଭିଷେକ ସ୍ୱାଇଁ, ଅନିରୁଦ୍ଧ ବେହେରା, ତ୍ରିନାଥ ବେହେରା ଓ ଇପ୍ସିତା ପ୍ରିୟଦର୍ଶିନୀ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ)ଅମୀୟ କେତନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ତାଳଚେରରେ ହେବ ହିନ୍ଦ୍ ମଜଦୁର ସଭା ଓଡ଼ିଶା ରାଜ୍ୟ ସମ୍ମିଳନୀ

# ଆଇନ ଅନୁଯାୟୀ ରାଜ୍ୟ କମିଟି ଓ କର୍ମକର୍ତ୍ତା ନିର୍ବାଚନ



**ରାଉରକେଲା, :**

ହିନ୍ଦ ମଜଦୁର ସଭା ଓଡ଼ିଶା ରାଜ୍ୟ ପରିଷଦର ଆଗାମୀ ରାଜ୍ୟ ସମ୍ମିଳନୀ ତାଳଚେରଠାରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀ ସହିତ ସଭା ର ଓଡ଼ିଶା ରାଜ୍ୟ ପରିଷଦର ନୂତନ ରାଜ୍ୟ କମିଟି ଓ କର୍ମକର୍ତ୍ତାମାନଙ୍କ ନିର୍ବାଚନ ମଧ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ଯେ ଗତ ଜୁନ୍ ୭ ତାରିଖରେ ସମ୍ବଲପୁରଠାରେ ସଭାପତି ବିଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ କମିଟି ବୈଠକରେ ରାଜ୍ୟ ସମ୍ମିଳନୀ ଆୟୋଜନ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ନିଷ୍ପତ୍ତି ଅନୁଯାୟୀ ଏବଂ ସଭା ର ଆଇନ ରେ ନିର୍ଦ୍ଧାରିତ ସମସ୍ତ ନିୟମ ଓ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଆଧାର କରି ଆଗାମୀ ରାଜ୍ୟ ସମ୍ମିଳନୀ ତଥା ରାଜ୍ୟ କମିଟି ଓ କର୍ମକର୍ତ୍ତା ନିର୍ବାଚନ ସେପ୍ଟେମ୍ବର ୨୬-୨୭ ଦୁଇ ଦିନ ଧରି ତାଳଚେରଠାରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ଶିଳ୍ପାଞ୍ଚଳ, ଖଣି, କାରଖାନା ଓ ବିଭିନ୍ନ ପ୍ରତିଷ୍ଠାନରୁ ହିନ୍ଦ ମଜଦୁର ସଭା ସହ ସମ୍ବନ୍ଧିତ ସମସ୍ତ ଟ୍ରେଡ ୟୁନିଅନର ପ୍ରତିନିଧି, କର୍ମକର୍ତ୍ତା ଓ ଶ୍ରମିକ ସାଥୀମାନେ ଯୋଗଦେବେ। ସମ୍ମିଳନୀରେ ଶ୍ରମିକମାନଙ୍କ ବର୍ତ୍ତମାନର ସମସ୍ୟା, ଚାକିରି ସୁରକ୍ଷା, ମଜୁରି, ସାମାଜିକ ସୁରକ୍ଷା, ଠିକା ଶ୍ରମିକଙ୍କ ସମସ୍ୟା, ଶ୍ରମିକ କଲ୍ୟାଣ ଏବଂ ଶ୍ରମିକଙ୍କ ନ୍ୟାଯ୍ୟ ଅଧିକାର ଆଦି ବିଷୟରେ ବ୍ୟାପକ ଆଲୋଚନା କରାଯିବ। ଏଥିସହିତ ରାଜ୍ୟରେ ସଭା ର ସାଙ୍ଗଠନିକ କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବା ଏବଂ ଶ୍ରମିକ ଆନ୍ଦୋଳନକୁ ତୃଣମୂଳ ସ୍ତରରେ ଅଧିକ ସଂଗଠିତ କରିବା ପାଇଁ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ମଧ ନିଷ୍ପତ୍ତି ନିଆଯିବ। ଏଚଏମଏସ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ ସଂଗଠନର ଆଇନ ଅନୁଯାୟୀ ସ୍ୱଚ୍ଛ, ଶୃଙ୍ଖଳିତ ଓ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସମ୍ପନ୍ନ କରାଯିବ। ସଂଗଠନର ଏକତା, ଶୃଙ୍ଖଳା ଓ ଗଣତାନ୍ତ୍ରିକ ପରମ୍ପରାକୁ ଅକ୍ଷୁଣ୍ଣ ରଖି ସମସ୍ତ ସମ୍ବନ୍ଧିତ ସଂଘର ସକ୍ରିୟ ସହଯୋଗ ଏହି ସମ୍ମିଳନୀକୁ ସଫଳ କରିବାରେ ମୁଖ୍ୟ ଭୂମିକା ନେବ। ଏହି ପରିପ୍ରେକ୍ଷୀରେ ଏଚଏମଏସ ଓଡ଼ିଶା ରାଜ୍ୟ ପରିଷଦ ସହ ସମ୍ବନ୍ଧିତ ସମସ୍ତ ସଂଘର ସାଥୀ, କର୍ମକର୍ତ୍ତା ଓ ପ୍ରତିନିଧିମାନଙ୍କୁ ରାଜ୍ୟ ସମ୍ମିଳନୀ ଓ ନିର୍ବାଚନ ପ୍ରକ୍ରିୟାରେ ପୂର୍ଣ୍ଣ ସହଯୋଗ କରିବା ସହିତ ଏହାକୁ ସଫଳ କରିବା ପାଇଁ ଏକତାବଦ୍ଧ ଭାବେ ଆଗେଇ ଆସିବାକୁ ଅନୁରୋଧ କରାଯାଇଛି। ତାଳଚେର ଠାରେ ହେବାକୁ ଥିବା ଏହି ରାଜ୍ୟ ସମ୍ମିଳନୀ ଓ ରାଜ୍ୟ କମିଟି ନିର୍ବାଚନ ହିନ୍ଦ ମଜଦୁର ସଭା ଓଡ଼ିଶାର ସାଙ୍ଗଠନିକ ଏକତାକୁ ଆହୁରି ମଜବୁତ କରିବା ସହିତ ଆଗାମୀ ଦିନରେ ଶ୍ରମିକ ସ୍ୱାର୍ଥ ଓ ଅଧିକାର ପାଇଁ ଏକ ଶକ୍ତିଶାଳୀ ଓ ସୁଦୃଢ଼ ଆନ୍ଦୋଳନ ଗଢ଼ି ତୋଳିବ ବୋଲି ଆଶା ପ୍ରକାଶ କରାଯାଇଛି।

## ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ

**ନୂଆପଡା,:** ନୂଆପଡ଼ା ଜିଲ୍ଲାରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ସବୁଜ ପତାକା ଦେଖାଇ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପଦଯାତ୍ରାରେ ଉପସ୍ଥିତ ଥିଲେ ।ପିଏମ୍ ଶ୍ରୀ ନେସନାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସାକ୍ଷରତା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଡ଼ଃ ସୋନିଆ ଜୈନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ରେଶମ ଲାଲ ନାଏକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ମୁଣ୍ଡ ଓ ଅମିଲାଲ ଶବର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ 'ଉଲ୍ଲାସ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସନ୍ଦେଶ ଉପରେ ଶିକ୍ଷକ ଜୟଦେବ ବେହେରା ଓ ସାଥୀମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା।

## ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ



**ପୁରୀ :** ପୁରୀର ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଅଭିଷେକ ବେହେରା କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି ।ଏହା ପୂର୍ବରୁ ସେ ଢେଙ୍କାନାଳ ରେ କାର୍ଯ୍ୟରତ ଥିଲେ ।ସେହିପରି ପୂର୍ବରୁ ପୁରୀ ର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଥିବା ପ୍ରଦୀପ୍ତ କୁମାର ସେନାପତିଙ୍କ ର ନୟାଗଡ଼ ଜିଲ୍ଲା କୁ ବଦଳି ହୋଇ ଥିବାରୁ ଆଜି ତାଙ୍କୁ ରିଲିଭ କରାଯାଇଛି ।ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଭୟଙ୍କୁ ପୁଷ୍ପ ଗୁଛ ଦେଇ ଶୁଭେଚ୍ଛା ଜଣାଇବା ସହ ନିଜ କାର୍ଯ୍ୟକୁ ନିଷ୍ଠାର ସହ ନିର୍ବାହ କରି ବିଭାଗର ସୁନାମ ବୃଦ୍ଧି କରନ୍ତୁ ବୋଲି ଆଶା ବ୍ୟକ୍ତ କରିଥିଲେ ।ଏଥିରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ପୁରୀ ପୋଲିସର ମାସିକ ଅପରାଧ ସମୀକ୍ଷା ବୈଠକ

# ନିଶାମୁକ୍ତ ସମାଜ ଓ ସାଇବର ସଚେତନତା ଉପରେ ବିଶେଷ ଗୁରୁତ୍ୱ

**ପୁରୀ,:**ପୁରୀ ପୋଲିସ ପକ୍ଷରୁ ସେପ୍ଟେମ୍ବର-୨୦୨୬ ମାସର ମାସିକ ଅପରାଧ ସମୀକ୍ଷା ବୈଠକ ଆଜି ତାଳବଣିଆ ଥାନାର କନଫରେନ୍ସ ହଲ୍‌ରେ ଆୟୋଜିତ ହୋଇଥିଲା। ଏସ୍‌ପି ପୁରୀ ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ଦେବ ପ୍ରତାପ, ଶ୍ରୀ ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ସମେତ ସମସ୍ତ ଏସ୍‌ଡିପିଓ, ସମସ୍ତ ଥାନା ଅଧିକାରୀ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଅଗଷ୍ଟ ମାସର ଅପରାଧ ପରିସ୍ଥିତିର ସମୀକ୍ଷା କରାଯିବା ସହିତ ଜିଲ୍ଲାର ଆଇନ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ତଦନ୍ତର ପ୍ରଗତି, ଚାର୍ଜଶିଟ ଦାଖଲ, ନ୍ୟାୟାଳୟରେ ମାମଲାର ସ୍ଥିତି ଏବଂ ଥାନାସ୍ତରରେ ଜନସାଧାରଣଙ୍କୁ ଦିଆଯାଉଥିବା ପୋଲିସ ସେବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏସ୍‌ପି ପୁରୀ ଶ୍ରୀ ପ୍ରତୀକ ସିଂ ଅପରାଧ ଘଟିବା ପରେ କେବଳ ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର ନକରି, ଅପରାଧ ଘଟିବା ପୂର୍ବରୁ ତାହାକୁ ରୋକିବା ଦିଗରେ ପ୍ରତିରୋଧମୂଳକ ପୋଲିସିଂକୁ ଆହୁରି ଶକ୍ତିଶାଳୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରାଧ ପ୍ରବଣ ଅଞ୍ଚଳ ଚିହ୍ନଟ କରି ସେଠାରେ ନିୟମିତ ପାଟ୍ରୋଲିଂ, ଚେକିଂ, ନାକାବନ୍ଦୀ ଓ ସନ୍ଦେହଜନକ ବ୍ୟକ୍ତିଙ୍କ ଗତିବିଧି ଉପରେ ନଜର ରଖିବା ସହିତ ଅଭ୍ୟାସଗତ ଅପରାଧୀଙ୍କ ଉପରେ ନିୟମିତ ନଜରଦାରୀ ବଢ଼ାଇବାକୁ କୁହାଯାଇଥିଲା। ସ୍ଥାନୀୟ ସୂଚନା ଓ ଇଣ୍ଟେଲିଜେନ୍ସ ନେଟୱାର୍କକୁ ଅଧିକ ସକ୍ରିୟ କରି ଅପରାଧ ପ୍ରତିରୋଧରେ ତାହାର ଫଳପ୍ରଦ ବ୍ୟବହାର ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା। ମାମଲାର ତଦନ୍ତକୁ ଅଧିକ ଗୁଣାତ୍ମକ, ବୈଜ୍ଞାନିକ ଓ ଫଳପ୍ରଦ କରିବା ପାଇଁ ଏସ୍‌ପି ଶ୍ରୀ ସିଂ ସମସ୍ତ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣାସ୍ଥଳରୁ ବୈଜ୍ଞାନିକ ପ୍ରମାଣ ସଂଗ୍ରହ, ଫୋରେନ୍ସିକ ସହାୟତା, ଡିଏନ୍‌ଏ ନମୁନା ସଂଗ୍ରହ, ଡିଜିଟାଲ ସାକ୍ଷ୍ୟର ସୁରକ୍ଷିତ ସଂରକ୍ଷଣ ଓ ଆବଶ୍ୟକ ସ୍ଥଳରେ ଡିଜିଟାଲ ତଥ୍ୟର ବିଶ୍ଳେଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ତଦନ୍ତ ପ୍ରକ୍ରିୟାରେ ର-ଝବଳକ୍ଷଚବ ପ୍ରଣାଳୀର ସଠିକ୍ ଓ ପ୍ରଭାବଶାଳୀ ବ୍ୟବହାର କରିବା ସହିତ ସମସ୍ତ ମାମଲାରେ ସମୟସୀମା ମଧ୍ୟରେ ଚାର୍ଜଶିଟ ଦାଖଲ କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଥିଲା। ଦୃଢ଼ ଓ ଆଇନସମ୍ମତ ସାକ୍ଷ୍ୟ ଆଧାରରେ ମାମଲାକୁ ନ୍ୟାୟାଳୟରେ ଫଳପ୍ରଦ ଭାବେ ଉପସ୍ଥାପନ କରିବା ଉପରେ ବିଶେଷ ଜୋର ଦିଆଯାଇଥିଲା। ବର୍ତ୍ତମାନ ସମୟରେ ଅପରାଧର ଧାରା ପରିବର୍ତ୍ତନ ହେଉଥିବାରୁ ପୋଲିସିଂରେ ପ୍ରଯୁକ୍ତିର ସର୍ବାଧିକ ଓ ଫଳପ୍ରଦ ବ୍ୟବହାର ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସିସିଟିଭି ମନିଟରିଂ, ସାଇବର ଟୁଲ୍, ଡିଜିଟାଲ ଇନଭେଷ୍ଟିଗେସନ, ଡାଟା ଆନାଲିସିସ ଓ ଅନ୍ୟାନ୍ୟ ପ୍ରଯୁକ୍ତିଗତ ସାଧନର ବ୍ୟବହାର ବୃଦ୍ଧି କରି ଅପରାଧୀଙ୍କ ଗତିବିଧି ଚିହ୍ନଟ, ଅପରାଧ ପ୍ରତିରୋଧ ଓ ତଦନ୍ତକୁ ଦ୍ରୁତ କରିବା ପାଇଁ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକର ଏକ ପ୍ରମୁଖ ଆଲୋଚନାର ବିଷୟ ଥିଲା 'ନିଶା ମୁକ୍ତ ଓଡ଼ିଶା' ଅଭିଯାନ। ନିଶାଦ୍ରବ୍ୟର କୁପ୍ରଭାବରୁ ଯୁବପିଢ଼ିକୁ ଦୂରେଇ ରଖିବା ପାଇଁ କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ନୁହେଁ; ଏଥିପାଇଁ ବ୍ୟାପକ ଜନସଚେତନତା ଓ ପ୍ରତିରୋଧମୂଳକ ପଦକ୍ଷେପ ଆବଶ୍ୟକ ବୋଲି ଏସ୍‌ପି ଶ୍ରୀ ସିଂ ଗୁରୁତ୍ୱାରୋପ କରିଥିଲେ।

## ବେଟି ବଚାଅ ବେଟି ପଢ଼ାଅ ଅଭିଯାନରେ ବ୍ଲକସ୍ତରୀୟ ଯୁବ ସମାବେଶ

ପଦ୍ମପୁର(ମହାଭାରତ): ଗୁମ୍ମା ବ୍ଲକ ସ୍ଥିତ ସ୍ଥାନୀୟ ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବେଟି ବଚାଅ ବେଟି ପଢ଼ାଅ କାର୍ଯ୍ୟକ୍ରମ ଅଧୀନରେ ଏକ ବ୍ଲକ ସ୍ତରୀୟ ଯୁବ ସମାବେଶ ଆଜି ସକାଳ ୧୧ଟା ସମୟ ରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ଲିଙ୍ଗ ସମାନତା, ବାଳିକା ଶିକ୍ଷା, ବାଳିକାଙ୍କ ସୁରକ୍ଷା ଓ ସଶକ୍ତିକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହିତ ଲିଙ୍ଗଭିତ୍ତିକ ଭେଦଭାବ ଓ ଲିଙ୍ଗ ଚୟନଭିତ୍ତିକ ଗର୍ଭପାତ କୁ ରୋକିବା, ବାଳିକାମାନଙ୍କୁ ଶିକ୍ଷା ଓ ସମାନ ସୁଯୋଗ ପ୍ରଦାନ କରିବା ସହ ସମାଜରେ ଯୁବପିଢ଼ିଙ୍କ ଭୂମିକାକୁ ସୁଦୃଢ଼ କରିବା ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ଅଂଶ ଭାବେ ୭ ସେପ୍ଟେମ୍ବର ୨୦୨୬ ରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତା ରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ବାଳିକା ଶିକ୍ଷା, ଲିଙ୍ଗ ସମାନତା ଓ ମହିଳା ସଶକ୍ତିକରଣ ସମ୍ପର୍କରେ ନିଜ ନିଜର ଚିନ୍ତାଧାରା ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ ।ଚୂଡ଼ାନ୍ତ ଯୁବ ସମାବେଶରେ ଗୁମ୍ମା ବ୍ଲକ ର ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ଦୁଲାରାମ ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ଯୁବକମାନଙ୍କୁ ଲିଙ୍ଗ ସମାନତା, ଶିକ୍ଷା ଏବଂ ବାଳିକା ସଶକ୍ତିକରଣର ଗୁରୁତ୍ୱ ଉପରେ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀମତୀ ପୁଷ୍ପାଞ୍ଜଳି ସାହୁ, ଉଉଚଙ୍ଗ, ଗୁମ୍ମା ଓ ସୁଶ୍ରୀ ଗାୟତ୍ରୀ ପଟ୍ଟନାୟକ, ଉଝଉଡଙ ଯୋଗ ଦେଇ ଏହି ସମାବେଶର ମହତ୍ତ୍ୱ କୁ ପ୍ରତିପାଦିତ କରିଥିଲେ। ମୁଖ୍ୟବକ୍ତା ଶ୍ରୀମତୀ ଶାରଳା ପାତ୍ର, ସୁରକ୍ଷା ଅଧିକାରୀ, ଉଝଉଡଙ, ଗଜପତି ସମାଜରେ ରହିଥିବା ଲିଙ୍ଗଭିତ୍ତିକ ଭେଦଭାବ ଦୂର କରିବା ସହିତ ବାଳିକାମାନଙ୍କୁ ସମାନ ଶିକ୍ଷା ଓ ସୁଯୋଗ ପ୍ରଦାନ ଦିଗରେ ଯୁବପିଢ଼ିଙ୍କୁ ସଚେତନ ଓ ସକ୍ରିୟ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ପଟ୍ଟନାୟକ ନିଜ ଅଭିଭାଷଣରେ ସମାଜରେ ବାଳିକାଙ୍କ ପ୍ରତି ସକାରାତ୍ମକ ମନୋଭାବ ଗଠନ, ବାଳିକା ଶିକ୍ଷାର ପ୍ରସାର ଓ ଲିଙ୍ଗ ଭେଦମୁକ୍ତ ସମାଜ ଗଠନ ପାଇଁ ଯୁବକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ମତ ରଖିଥିଲେ।

# ଲାଇଭ୍ କାର୍ଯ୍ୟକ୍ରମରେ ଫିଲିପାଇନ୍ସ ଅଧିକାରୀଙ୍କୁ ଧମକପୂର୍ଣ୍ଣ ଚିଠି ଦେଇ ଚୀନ୍ ଅପମାନିତ



ସିଓଲ: ଦକ୍ଷିଣ କୋରିଆର ରାଜଧାନୀ ସିଓଲରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପ୍ରତିରକ୍ଷା ସମ୍ମିଳନୀ ୨୦୨୬ ସମୟରେ ଫିଲିପାଇନ୍ସର ପ୍ରତିରକ୍ଷା ମନ୍ତ୍ରୀ ଚୀନକୁ କଡ଼ା ସମାଲୋଚନା କରିଛନ୍ତି। ଫିଲିପାଇନ୍ସ ପ୍ରତିରକ୍ଷା ସଚିବ ଗିଲବର୍ଟୋ ସି. ଥିଓଡୋରୋ ଖୋଲାଖୋଲି ଭାବରେ ଚୀନକୁ ସମାଲୋଚନା କରିବା ପରେ ଏହି ଘଟଣା ଏକ ହାଇ-ପ୍ରୋଫାଇଲ୍ କୂଟନୈତିକ ଯୁଦ୍ଧରେ ପରିଣତ ହୋଇଛି। ମଙ୍ଗଳବାର ଦକ୍ଷିଣ କୋରିଆରେ ସିଓଲ ପ୍ରତିରକ୍ଷା ଆଲୋଚନାରେ ଫିଲିପାଇନ୍ସ ପ୍ରତିରକ୍ଷା ମନ୍ତ୍ରୀ ଗିଲବର୍ଟୋ ସି. ଥିଓଡୋରୋଙ୍କ ଭାଷଣ ଦେବା ସମୟରେ ଜଣେ ଚୀନ୍ ସାମରିକ ପ୍ରତିନିଧି ତାଙ୍କ ଉପରେ ଚାପ ପକାଇବା ପାଇଁ ତାଙ୍କୁ ଏକ କାଗଜ ଦେଇଥିଲେ। ତେବେ ଚୀନ୍‌ର ଧମକକୁ ଅଣଦେଖା କରିବା ପରିବର୍ତ୍ତେ, ଫିଲିପାଇନ୍ସ ପ୍ରତିରକ୍ଷା ମନ୍ତ୍ରୀ ଏହାକୁ ମାଇକ୍ରୋଫୋନରେ ଜୋରରେ ପଢ଼ି ସାରା ବିଶ୍ୱ ସମ୍ମୁଖରେ ଚୀନର ଗୁଣ୍ଡାଗିରିକୁ ପ୍ରକାଶ କଲେ। ସେ ଚୀନର ଆଚରଣକୁ ନିନ୍ଦା କରିଥିଲେ। ନୋଟରେ ଉଲ୍ଲେଖ ଥିଲା, ଚୀନ ସାଗର ମଧ୍ୟସ୍ଥତା ଉପରେ ଚୀନ୍‌ର ସ୍ଥିତି ସ୍ପଷ୍ଟ, ସ୍ଥିର ଓ ଦୃଢ଼। ତେବେ ଫିଲିପାଇନ୍ସର ପ୍ରତିରକ୍ଷା ମନ୍ତ୍ରୀ ଚୀନ୍‌ର ଦାବିକୁ ପ୍ରତ୍ୟାଖ୍ୟାନ କରି କହିଥିଲେ, ଚୀନ୍‌ର କୌଣସି ସ୍ଥିତି ନାହିଁ। ଚୀନ୍‌ର ଦାବି 'ଅନ୍ତର୍ଜାତୀୟ ଆଇନର ମୌଳିକ ନୀତି' ଉଲ୍ଲଂଘନ କରୁଛି। ନୋଟ୍‌ଟି ୨୦୧୬ରେ ଫିଲିପାଇନ୍ସ ଦ୍ୱାରା ଚୀନ୍ ବିରୋଧରେ ଜାତିସଂଘ ସମୁଦ୍ର ଆଇନ କନଭେନ୍ସନ୍ (ୟୁଏନ୍‌ସିଏଲ୍‌ଓଏସ୍) ଅଧୀନରେ ଆଗତ ଦକ୍ଷିଣ ଚୀନ୍ ସାଗର ମଧ୍ୟସ୍ଥତା ମାମଲାକୁ ଉଲ୍ଲେଖ କରୁଥିଲା। ଦକ୍ଷିଣ ଚୀନ୍ ସାଗରରେ ଚୀନ୍‌ର ବ୍ୟାପକ ଐତିହାସିକ ଅଧିକାର ଦାବିକୁ ଟ୍ରିବ୍ୟୁନାଲ୍ ପ୍ରତ୍ୟାଖ୍ୟାନ କରିଥିଲା, ଫିଲିପାଇନ୍ସର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର ମଧ୍ୟରେ ରହିଥିବା ସମ୍ପଦ ଉପରେ ବେଜିଂର ଦାବିର କୌଣସି ଆଇନଗତ ଆଧାର ନଥିଲା ବୋଲି ଟ୍ରିବ୍ୟୁନାଲ ରାୟ ଦେଇଥିଲା। ଚୀନ୍ ଏହି ରାୟକୁ ପ୍ରତ୍ୟାଖ୍ୟାନ କରିଆସୁଛି ଓ କହିଛି ଯେ, ଟ୍ରିବ୍ୟୁନାଲ୍‌ର କୌଣସି ଅଧିକାର କ୍ଷେତ୍ର ନାହିଁ।

# ଦିଲ୍ଲୀ ଓଖଲାରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ: ଜଣେ ମୃତ



ନୂଆଦିଲ୍ଲୀ: ଦିଲ୍ଲୀର ଓଖଲା ଫେଜ୍-୧ରେ ବୁଧବାର ଏକ କମ୍ୟୁନିଟି ହଲ୍ ନିକଟରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ ହେବା ଫଳରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଚାରି ଜଣ ଆହତ ହୋଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ଆହତମାନଙ୍କୁ କ୍ୟାଟ୍ସ ଆମ୍ବୁଲାନ୍ସ ଦ୍ୱାରା ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ଏହି ଘଟଣା ଦିନ ୧୧ଟା ୫୫ ମିନିଟରେ ରିପୋର୍ଟ କରାଯାଇଥିଲା ଯେ, ତୁରନ୍ତ ତିନିଟି ଜଳ ଟେଣ୍ଡର ଓ ମଲ୍‌ଟି-କାଜୁଆଲିଟି ଯାନ ଘଟଣାସ୍ଥଳକୁ ପଠାଯାଇଥିଲା। ପୁଲିସ ଓ ଉଦ୍ଧାରକାରୀ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକ ଜୟପୁରର ବାସିନ୍ଦା ମୋହିତ ସିଂହ (୩୫) ବୋଲି ଜଣାପଡ଼ିଛି।

ମୋହିତ ଏସ୍‌ଏମ୍ ଟ୍ରେଡର୍ସରେ ଗତ ତିନି ବର୍ଷ ହେଲା କାମ କରୁଥିଲେ। ଆହତ ଚାରିଜଣଙ୍କୁ ତୁରନ୍ତ ଏମ୍ସ ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ତଦନ୍ତରୁ ଓଖଲା ଫେଜ-୧ର ଡି ୨୩ ପରିସର ଗୋଦାମ ଭାବେ ଏସ୍‌ଏମ୍ ଟ୍ରେଡର୍ସ ଦ୍ୱାରା ବ୍ୟବହାର କରାଯାଉଥିଲା। କର୍ମଚାରୀମାନେ ଅକ୍ସିଜେନ୍ ସିଲିଣ୍ଡର ଲେଡିଂ ଓ ଅନଲୋଡିଂ କାର୍ଯ୍ୟରେ ନିୟୋଜିତ ଥିଲେ। ଫାର୍ମର ମ୍ୟାନେଜରଙ୍କ ପ୍ରାରମ୍ଭିକ ବୟାନ ଅନୁଯାୟୀ, ନିୟମିତ ଯୋଗାଣ ପ୍ରକ୍ରିୟାର ଅଂଶ ଭାବରେ ସିଲିଣ୍ଡର ବୋଝେଇ ଗାଡ଼ି ସକାଳେ ପରିସରରେ ପହଞ୍ଚିଥିଲା। ସିଲିଣ୍ଡରଗୁଡ଼ିକୁ ଅନଲୋଡ୍ କରି ଗୋଦାମକୁ ସ୍ଥାନାନ୍ତର କରାଯାଉଥିବା ସମୟରେ, ଗାଡ଼ିରୁ ଖସି ଗୋଟିଏ ସିଲିଣ୍ଡର ରାସ୍ତାରେ ପଡ଼ିଥିଲା ଓ ସେଥିରେ ବିସ୍ଫୋରଣ ଘଟିଥିଲା। ପୁଲିସ କହିଛି ଯେ, ପ୍ରାଥମିକ ତଦନ୍ତରୁ କେବଳ ଗୋଟିଏ ସିଲିଣ୍ଡରରେ ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି। ବିସ୍ଫୋରଣ ପ୍ରକୃତ କାରଣ ତଦନ୍ତ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି।

# ତାରିକ୍ ରେହମାନ ବ୍ରିକ୍ସ ସମ୍ମିଳନୀ ପାଇଁ ଭାରତ ଆସିବେ କି ନାହିଁ, ଟିପ୍ପଣୀ କରିବାକୁ ମନାକଲେ ବାଂଲା ବିଦେଶ ମନ୍ତ୍ରୀ



ନ୍ୟୁୟର୍କ: ଜାତିସଂଘ ସାଧାରଣ ପରିଷଦର ସଭାପତି ଭାବେ ନୂତନ ଦାୟିତ୍ୱ ନେଇଥିବା ବାଂଲାଦେଶ ବୈଦେଶିକ ମନ୍ତ୍ରୀ ଖଲିଲୁର ରେହମାନ ପ୍ରଧାନମନ୍ତ୍ରୀ ତାରିକ ରେହମାନ ଚଳିତ ସପ୍ତାହ ଶେଷରେ ଭାରତରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀରେ ଯୋଗଦେବେ କି ନାହିଁ ସେ ବିଷୟରେ କୌଣସି ମନ୍ତବ୍ୟ ଦେବାକୁ ମଙ୍ଗଳବାର ମନା କରିଦେଇଛନ୍ତି। ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀଠାରେ ବାର୍ଷିକ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ବୈଠକରେ ପଶ୍ଚିମ ଏସିଆ ସଙ୍କଟ ଯୋଗୁ ଆର୍ଥିକ ସଙ୍କଟ ସମେତ ଅନେକ ବୈଶ୍ୱିକ ଚାଲେଞ୍ଜ ଆଲୋଚନାର ପ୍ରମୁଖ ପ୍ରସଙ୍ଗ ହେବ। ବାଂଲାଦେଶ ପ୍ରଧାନମନ୍ତ୍ରୀ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବେ କି ନାହିଁ ବୋଲି ପ୍ରଶ୍ନ କରାଯିବାରୁ ସେ କହିଥିଲେ, ଏଠାରେ ଜାତିସଂଘ ସାଧାରଣ ପରିଷଦର ସଭାପତି ଭାବରେ ମୋତେ ପ୍ରଶ୍ନ ପଚାରିବାକୁ କିମ୍ବା ମୋ ପାଖକୁ ଆସିବାକୁ କହିବି। ଯଦି ଦ୍ୱିପାକ୍ଷିକ ସମସ୍ୟା ଅଛି, ତେବେ ମୁଁ ଏବେବି ବୈଦେଶିକ ମନ୍ତ୍ରୀ; ମୁଁ ଆପଣଙ୍କ ସହିତ ପୃଥକ ଭାବରେ କଥା ହେବି ବୋଲି କହିଛନ୍ତି। ମଙ୍ଗଳବାର ରେହମାନ ଜାତିସଂଘ ସାଧାରଣ ପରିଷଦର ୮୧ତମ ଅଧିବେଶନର ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ଓ ବୈଶ୍ୱିକ ସଂଗଠନର ବାର୍ଷିକ ଅଧିବେଶନର ସଭାପତିତ୍ୱ ଗ୍ରହଣ କରିଛନ୍ତି। ବ୍ରିକ୍ସ ସମ୍ମିଳନୀରେ ଢାକାର ଅଂଶଗ୍ରହଣ ନେଇ ଅନିଶ୍ଚିତତା ମଧ୍ୟରେ ତାଙ୍କର ଏହି ମନ୍ତବ୍ୟ ଆସିଛି। ଭାରତ ବ୍ରିକ୍ସର ଅଧ୍ୟକ୍ଷ ଭାବରେ ଚଳିତ ବର୍ଷର ସମ୍ମିଳନୀର ଆୟୋଜନ କରୁଛି। ବଙ୍ଗୋପସାଗର ଇନିସିଆଟିଭ୍ ଫର ମଲ୍‌ଟି-ସେକ୍ଟରାଲ୍ ଟେକ୍ନିକାଲ୍ ଆଣ୍ଡ ଇକୋନୋମିକ୍ କୋଅପରେସନ୍ (ବିମ୍‌ଷ୍ଟେକ)ର ବର୍ତ୍ତମାନର ଅଧ୍ୟକ୍ଷ ଭାବରେ ଭାରତ ତାରିକ ରହମାନଙ୍କୁ ଶିଖର ସମ୍ମିଳନୀର ଆଉଟରିଚ୍ ଅଧିବେଶନରେ ଯୋଗଦେବାକୁ ନିମନ୍ତ୍ରଣ କରିଛି। ଭାରତ, ଶ୍ରୀଲଙ୍କା, ଥାଇଲାଣ୍ଡ, ବାଂଲାଦେଶ, ମ୍ୟାଁମାର, ନେପାଳ ଓ ଭୁଟାନ୍ ବିମ୍‌ଷ୍ଟେକ୍‌ର ସଦସ୍ୟ ଅଛନ୍ତି।

ଅଗଷ୍ଟ ୨୦୨୪ରେ ଛାତ୍ର ଅଶାନ୍ତି ପରେ ଭାରତ ପଳାଇ ଆସିଥିବା ବିତାଡ଼ିତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ରାଜନୈତିକ ଆଶ୍ରୟ ଦେବା ପାଇଁ ନୂଆଦିଲ୍ଲୀର ନିଷ୍ପତ୍ତି ପରେ ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଛି, ଯେଉଁଥିପାଇଁ ସମ୍ମିଳନୀରେ ବାଂଲାଦେଶର ଅଂଶଗ୍ରହଣକୁ ନିକଟରୁ ଦେଖାଯାଉଛି।

# ବିହାରରେ ୮ ନଦୀରେ ଜଳସ୍ତର ବୃଦ୍ଧି; ୧୪ ଜିଲ୍ଲାରେ ୪୦.୨୧ ନିୟୁତ ଲୋକ ବନ୍ୟା ପ୍ରଭାବିତ

ନୂଆଦିଲ୍ଲୀ: ବିହାରରେ ଗଙ୍ଗା ନଦୀ ସମେତ ୮ଟି ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ରାଜ୍ୟର ୧୪ଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଛି। ପ୍ରାୟ ୩୫.୮୯ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଗଙ୍ଗା, କୋଶୀ, ଗଣ୍ଡକ, ବୁଢ଼ୀ ଗଣ୍ଡକ, ପୁନ୍‌ପୁନ୍, ବାଗମତୀ ଓ ଘାଘରା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସାରଣରେ ମାହି ନଦୀ ଉପରେ ନିର୍ମିତ ବନ୍ଧ ଭାଙ୍ଗିଯିବାରୁ ପରିସ୍ଥିତି ଗମ୍ଭୀର ହୋଇଛି।



ଗତ ପାଞ୍ଚ ଦିନ ଧରି ବିହାରରେ ପ୍ରବଳ ବର୍ଷା ହେବା ପରେ ୧୪ଟି ଜିଲ୍ଲାରେ ୪୦.୨୧ ନିୟୁତ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଅନେକ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବିପର୍ଯ୍ୟୟ ପରିଚାଳନା ବିଭାଗ ଅନୁଯାୟୀ, ବନ୍ୟା ୧୪ଟି ଜିଲ୍ଲାର ୮୪ଟି ବ୍ଲକର ୫୧୪ଟି ପଞ୍ଚାୟତକୁ ପ୍ରଭାବିତ କରିଛି। ପ୍ରଭାବିତ ଜିଲ୍ଲାଗୁଡ଼ିକ ହେଉଛି ପାଟନା, ଭୋଜପୁର, ସରଣ, ବୈଶାଳୀ, ଭାଗଲପୁର, ବେଗୁସରାଇ, ବକ୍ସର, ସମସ୍ତିପୁର, ମୁଙ୍ଗେର୍, କାଟିହାର, ଲଖିସରାଇ, ଖଗରିଆ, ପୂର୍ଣ୍ଣିଆ ଓ ଅରୱାଲ। ପାଣିପାଗ ସେବା କେନ୍ଦ୍ର ଅନୁଯାୟୀ, ସେପ୍ଟେମ୍ବରରେ ରାଜ୍ୟରେ ୭୯.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକଠାରୁ ୩୧ ପ୍ରତିଶତ ଅଧିକ। ଉତ୍ତର ପ୍ରଦେଶରେ ବର୍ଷା ଯୋଗୁଁ ଲଖିମପୁର ଓ ବରେଲିରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରଖାଯାଇଛି। ବାରାଣସୀରେ ପ୍ରି-ପ୍ରାଥମିକ ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରହିବ, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ସକାଳ ୯ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିବ। ବୁଧବାର ବାରାଣସୀ ଓ ପ୍ରୟାଗରାଜ ସମେତ ୨୩ ଜିଲ୍ଲାକୁ ବର୍ଷା ଆଲର୍ଟ ରହିଛି। ଉତ୍ତରାଖଣ୍ଡରେ ପେଡିରେ ଭୂସ୍ଖଳନ ଯୋଗୁଁ ଘର ଓ ଅନେକ ଦୋକାନରେ ଫାଟ ସୃଷ୍ଟି ହୋଇଛି। ପାହାଡ଼ିଆ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପକ୍ଷରେ ମଧ୍ୟପ୍ରଦେଶରେ ତିନି ଦିନ ପାଇଁ ବର୍ଷା ନାହିଁ। ପଶ୍ଚିମବଙ୍ଗରେ ମାଲଦାରେ ଗଙ୍ଗା ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି।

# 'ବନ୍ଦେ ମାତରମ୍' ସମ୍ପୂର୍ଣ୍ଣ ଗାନ ବେଳେ ଛିଡ଼ା ହୋଇ ରହିଲେ ଓମର ଅବଦୁଲ୍ଲା, କଂଗ୍ରେସ ପକ୍ଷରୁ ଆପତ୍ତି



ଶ୍ରୀନଗର: 'ବନ୍ଦେ ମାତରମ୍' ସମ୍ପୂର୍ଣ୍ଣ ଗାନ କରାଯିବା ସମୟରେ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଛିଡ଼ା ହୋଇ ରହିବାକୁ ନେଇ କଂଗ୍ରେସର ସହଯୋଗୀ ନ୍ୟାସନାଲ କନଫରେନ୍ସ ସହିତ ବିବାଦ ଦେଖାଯାଇଛି। କଂଗ୍ରେସ ନ୍ୟାସନାଲ କନଫରେନ୍ସର ଏହି ପଦକ୍ଷେପ ଉପରେ ପ୍ରଶ୍ନ ଉଠାଇଛି ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ କରିବାକୁ ନିବେଦନ କରିଛି। ଶ୍ରୀନଗରରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଓମାର ଅବଦୁଲ୍ଲା ଓ ନ୍ୟାସନାଲ କନଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା 'ବନ୍ଦେ ମାତରମ୍'ର ସମ୍ପୂର୍ଣ୍ଣ ପରିବେଷଣ ସମୟରେ ଛିଡ଼ା ହୋଇ ରହିଥିଲେ। ଅବଦୁଲ୍ଲା ଗୀତର ସମସ୍ତ ଛଅଟି ପଦରେ ଛିଡ଼ା ହେବା ପରେ ରାଷ୍ଟ୍ରୀୟ ଗୀତକୁ ନେଇ 'ଇଣ୍ଡି ମେଣ୍ଟ'ରେ ମତଭେଦ ଦେଖାଯାଇଥିବା ଜଣାପଡ଼ିଛି। କଂଗ୍ରେସ ମହାସଚିବ ବେଣୁଗୋପାଳ ଏହି ପ୍ରସଙ୍ଗରେ ମଙ୍ଗଳବାର କହିଥିଲେ ଯେ, କଂଗ୍ରେସର ସହଯୋଗୀ ଦଳମାନଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ବିବେକ ଓ ନିର୍ଣ୍ଣୟର ସମ୍ମାନ କରି 'ବନ୍ଦେ ମାତରମ୍'ର କେବଳ ସେହି ସଂସ୍କରଣ ଗାଇବା କଥା ଯାହାକୁ ସେମାନେ ଗ୍ରହଣ କରିଥିଲେ। ବେଣୁଗୋପାଳ ଏହା ମଧ୍ୟ କହିଛନ୍ତି ଯେ, ରାଷ୍ଟ୍ରୀୟ ଗୀତକୁ ସାମ୍ପ୍ରଦାୟିକ ରଙ୍ଗ ନ ଦେବା ପାଇଁ ଭାବିଚିନ୍ତି ନିଆଯାଇଥିବା ଫଇସଲା ଥିଲା ଓ ଆଜି ମଧ୍ୟ ସେ ନେଇ ବିପଦ ରହିଛି। ବେଣୁଗୋପାଳ 'ଏକ୍ସ'ରେ ଏକ ଭିଡିଓ ଜାରି କରି କହିଥିଲେ, ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ, ସର୍ଦ୍ଦାର ପଟେଲ, ସୁଭାଷ ଚନ୍ଦ୍ର ବୋଷ, ରାଜେନ୍ଦ୍ର ପ୍ରସାଦ, ଆଚାର୍ଯ୍ୟ ନରେନ୍ଦ୍ର ଦେବ, ମୌଲାନା ଆଜାଦ, ସରୋଜିନୀ ନାଇଡୁ ଓ ଜେପି କୃପାଳିନୀଙ୍କ ନିଷ୍ପତ୍ତି କଂଗ୍ରେସ ପାଇଁ ସବୁଠୁ ଊର୍ଦ୍ଧ୍ୱରେ। ଏହି ନିର୍ଣ୍ଣୟରେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ପରାମର୍ଶ ମଧ୍ୟ ରହିଥିଲା। କଂଗ୍ରେସ ନେତା କହିଛନ୍ତି, ସମ୍ମାନ ଓ ବିନମ୍ରତାର ସହିତ ନିଜ ସହଯୋଗୀଙ୍କୁ ଆମର ସ୍ୱାଧୀନତା ସଂଗ୍ରାମୀଙ୍କ ବୁଦ୍ଧିମତା ଓ ନିର୍ଣ୍ଣୟର ସମ୍ମାନ କରିବାକୁ ଓ ଆମ ସହିତ କେବଳ ସେହି ସଂସ୍କରଣ ପରିବେଷଣବେଳେ ଛିଡ଼ା ହେବାକୁ ଅନୁରୋଧ କରୁଛୁ, ଯାହାକୁ କେବଳ ସେମାନେ ଅନୁମୋଦନ କରିଥିଲେ।

# ନେପାଳ ପରେ ଆଫଗାନିସ୍ତାନରେ ଭୂକମ୍ପ ଝଟକା

କାଠମାଣ୍ଡୁ : ନେପାଳ ପରେ ଆଫଗାନିସ୍ତାନରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ୪.୨ ବୋଲି ଜଣାପଡିଛି । ଭୂକମ୍ପ ଝଟକା ଯୋଗୁଁ କିଛି କ୍ଷୟକ୍ଷତି ହୋଇନାହିଁ । ନେପାଳର ମୁସ୍ତାଙ୍ଗ ଜିଲ୍ଲାରେ ମଙ୍ଗଳବାର ରାତି ପ୍ରାୟ ୯ ଟା ୫୩ ମିନିଟ୍ ସମୟରେ ୫.୩ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଯାହାର କେନ୍ଦ୍ରସ୍ଥଳ ଲୋମନ୍ଥାଙ୍ଗ ଅଞ୍ଚଳରେ ଥିଲା ବୋଲି ଘଉଙ୍ଗ ପକ୍ଷରୁ ମିଳିଛି ଭୂକମ୍ପର କେନ୍ଦ୍ରସ୍ଥଳ ପ୍ରାୟ ୩୫ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିଲା । ନ୍ୟାସନାଲ ସେଣ୍ଟର ଫର ସେସ୍ମୋଲୋଜି ଅନୁସାରେ, ଭୂକମ୍ପର ତୀବ୍ରତା ୪.୨ ରେକର୍ଡ କରାଯାଇଛି । ସକାଳ ୧୦.୦୧ ମିନିଟରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପରେ କୌଣସି ପ୍ରକାରର ଜନହାନି ହୋଇନାହିଁ । ମଙ୍ଗଳବାର ଦିନ ତିବ୍ବତରେ ୫.୩ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପ ନେପାଳ-ତିବ୍ବତ ସୀମାବର୍ତ୍ତୀ ଅଞ୍ଚଳରେ ପ୍ରଳୟଙ୍କାରୀ ବନ୍ୟା ଯୋଗୁଁ ସବୁକିଛି ନଷ୍ଟ [illegible] ।



ଭୂକମ୍ପ ଝଟକା ସକାଳ ୯.୩୫ ମିନିଟରେ ଆସିଥିଲା । ଭୂକମ୍ପରେ ତତ୍କାଳ କୌଣସି କ୍ଷୟକ୍ଷତି ହୋଇନଥିଲା । ଭୂକମ୍ପର ଝଟକା ମନାଙ୍ଗ, ଡୋଲପାରେ ଅନୁଭୂତ ହୋଇଛି । ସେହିପରି ଅରୁଣାଚଳ ପ୍ରଦେଶରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଯାହାର ତୀବ୍ରତା ୨.୯ ବୋଲି ଜଣାପଡିଛି । ଭୂକମ୍ପ ଝଟକା ୫ଟା ୪୪ ମିନିଟରେ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ୧୦ କିମି ଗଭୀରତାରେ ରହିଥିଲା ।

# ରାମ ମନ୍ଦିର ଦାନଚୋରି ଭଳି କଳଙ୍କ ନଲାଗୁ: ମନ୍ଦିରର ରକ୍ଷଣାବେକ୍ଷଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି



ଚେନ୍ନାଇ: ତାମିଲନାଡୁ ମନ୍ଦିରର ଭୂମି ଭାବରେ ଜଣାଶୁଣା। ଭାରତରେ ସର୍ବାଧିକ ସଂଖ୍ୟକ ହିନ୍ଦୁ ମନ୍ଦିର ଏଠାରେ ରହିଛି। ରାଜ୍ୟରେ ୩୮ ହଜାରରୁ ଅଧିକ ପଞ୍ଜିକୃତ ମନ୍ଦିର ଅଛି। ଉତ୍ତର ପ୍ରଦେଶର ଅଯୋଧ୍ୟାରେ ରାମ ମନ୍ଦିର ଦାନ ଚୋରି ବିବାଦ ପରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବିଜୟଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ହିନ୍ଦୁ ମନ୍ଦିର ପରିଚାଳନା ପାଇଁ ଏକ ପୃଥକ ବିଭାଗ ସୃଷ୍ଟି କରିଛନ୍ତି। ଏପର୍ଯ୍ୟନ୍ତ, ତାମିଲନାଡୁ ହିନ୍ଦୁ ଧାର୍ମିକ ଏବଂ ଦାତବ୍ୟ ଦାନ ବିଭାଗ ବାଣିଜ୍ୟିକ ଟିକସ ଏବଂ ପଞ୍ଜୀକରଣ ବିଭାଗ ଅଧୀନରେ ଥିଲା। ବର୍ତ୍ତମାନ, ସରକାର ଏହାକୁ ସ୍ୱତନ୍ତ୍ର କରିଛନ୍ତି। ତାମିଲନାଡୁ ସରକାରଙ୍କ ହିନ୍ଦୁ ଧାର୍ମିକ ଏବଂ ଦାତବ୍ୟ ଦାନ ବିଭାଗ ରାଜ୍ୟ ସାରା ହିନ୍ଦୁ ମନ୍ଦିର, ମଠ ଏବଂ ଦାତବ୍ୟ ଦାନର ପ୍ରଶାସନ, ରକ୍ଷଣାବେକ୍ଷଣ ଏବଂ ନିୟନ୍ତ୍ରଣ ତଦାରଖ କରିଥାଏ। ଏହା ହିନ୍ଦୁ ଏବଂ ଜୈନ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ପରିଚାଳନା କରିଥାଏ। ଜୁଲାଇ ମାସରେ, ମୁଖ୍ୟମନ୍ତ୍ରୀ ଯୋସେଫ ବିଜୟଙ୍କ ନେତୃତ୍ୱରେ ଟିଭିକେ ସରକାର ଏକ ବ୍ୟାପକ ପ୍ରଶାସନିକ ପୁନର୍ଗଠନର ଅଂଶ ଭାବରେ, ପର୍ଯ୍ୟଟନ, ସଂସ୍କୃତି ଏବଂ ଧାର୍ମିକ ଦାନ ବିଭାଗରୁ ହଟାଇ ବାଣିଜ୍ୟିକ ଟିକସ ଏବଂ ପଞ୍ଜୀକରଣ ବିଭାଗକୁ ସ୍ଥାନାନ୍ତର କରିଥିଲେ। ଏହା ଉଲ୍ଲେଖନୀୟ ଯେ ତାମିଲନାଡୁ ସରକାରଙ୍କ ହିନ୍ଦୁ ଧାର୍ମିକ ଏବଂ ଦାତବ୍ୟ ଦାନ ବିଭାଗର ମନ୍ତ୍ରୀ ହେଉଛନ୍ତି ଏସ୍. ରମେଶ। ସେ କେ. ଶ୍ରୀନିବାସନଙ୍କ ପୁଅ, ଯିଏକି ପେଶାରେ ଜଣେ ମନ୍ଦିର ପୂଜାରୀ।

ସରକାର ସେତେବେଳେ କହିଥିଲେ ଯେ ଏହି ପରିବର୍ତ୍ତନଗୁଡ଼ିକ ବିଭାଗଗୁଡ଼ିକର କାର୍ଯ୍ୟକୁ ସୁଗମ କରିବା ପାଇଁ ଉଦ୍ଦିଷ୍ଟ। ସରକାର ତାମିଲନାଡୁର ୫୨ଟି ପ୍ରମୁଖ ମନ୍ଦିର ଭିତରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ସ୍ମାର୍ଟଫୋନ୍ ବହନ ଏବଂ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଥିଲେ। ମନ୍ଦିର ପରିସରରେ ସୋସିଆଲ ମିଡିଆ ରିଲ୍‌ଗୁଡ଼ିକର ଫଟୋଗ୍ରାଫି, ଭିଡିଓ ରେକର୍ଡିଂ ଏବଂ ସୁଟିଂକୁ ରୋକିବା ପାଇଁ ଏହି ପ୍ରତିବନ୍ଧକ ଲଗାଯାଇଥିଲା। ସ୍ମାର୍ଟଫୋନ୍ ନେଉଥିବା ଶ୍ରଦ୍ଧାଳୁମାନଙ୍କୁ ପ୍ରତି ଡିଭାଇସ ପାଇଁ ୫ ଟଙ୍କା ଶୁଳ୍କ ଦେଇ ନିର୍ଦ୍ଦିଷ୍ଟ କାଉଣ୍ଟରରେ ସେଗୁଡ଼ିକୁ ଜମା କରିବାକୁ ପଡିବ। କ୍ୟାମେରା ନଥିବା ମୋବାଇଲ୍ ଫୋନ୍ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇଛି। ବିଜୟ ସରକାର କହିଛନ୍ତି, ଏହି ଶୁଳ୍କ ଜମା ବ୍ୟବସ୍ଥା ପରିଚାଳନା ଖର୍ଚ୍ଚ, କର୍ମଚାରୀ ନିଯୁକ୍ତି, ଲକର ଏବଂ ଅନ୍ୟାନ୍ୟ ସୁରକ୍ଷା ଭିତ୍ତିଭୂମି ସ୍ଥାପନ କରିବା ଖର୍ଚ୍ଚକୁ ବହନ କରିବ। ମୁଖ୍ୟମନ୍ତ୍ରୀ ହେବା ପରେ, ବିଜୟ ମନ୍ଦିର ପାଣ୍ଠିକୁ ଭିତ୍ତିଭୂମି ପ୍ରକଳ୍ପରେ ଖର୍ଚ୍ଚ କରିବା ପାଇଁ ଡିଏମକେର ନିର୍ଦ୍ଦେଶକୁ ପ୍ରତ୍ୟାହାର କରିଥିଲେ। ବିଜୟ କହିଥିଲେ ଯେ ମନ୍ଦିରର ପବିତ୍ର ଟଙ୍କା କେବଳ ଧାର୍ମିକ ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯିବ। ବିଜୟ ଜୁନ୍ ମାସରେ ଏହି ନିଷ୍ପତ୍ତି ନେଇଥିଲେ। ଡିଏମକେ ସରକାର ୨୪୫.୮୫ କୋଟି ମୂଲ୍ୟର ୪୬ଟି ପ୍ରକଳ୍ପର ପ୍ରଶାସନିକ ଅନୁମୋଦନକୁ ପ୍ରତ୍ୟାହାର କରିଥିଲେ। ବିଜୟଙ୍କ ନିଷ୍ପତ୍ତିକୁ ପ୍ରଶଂସା କରାଯାଇଥିଲା। ଏଥିରେ ୧୧୫.୭୭ କୋଟି ମୂଲ୍ୟର ୨୯ଟି ବିବାହ ହଲ୍ ଏବଂ ୧୩୦.୦୮ କୋଟି ମୂଲ୍ୟର ୧୭ଟି ବାଣିଜ୍ୟିକ କମ୍ପ୍ଲେକ୍ସ ଅନ୍ତର୍ଭୁକ୍ତ ଥିଲା।

# ଭାରତ ଏ’ ଦଳରେ ହାର୍ଦ୍ଦିକ ପାଣ୍ଡ୍ୟା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଦୀର୍ଘ ମାସ ଧରି ପ୍ରତିଯୋଗିତା ମୂଳକ କ୍ରିକେଟରୁ ଦୂରେଇ ରହିଥିବା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଆସିଛି ବଡ ଖବର। ଅଷ୍ଟ୍ରେଲିଆ ଏ ବିପକ୍ଷ ଘରୋଇ ସିରିଜରେ ତାଙ୍କୁ ଦେଖିବାକୁ ମିଳିପାରେ। ବିସିସିଆଇ ପକ୍ଷରୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ଆଜି ଇଣ୍ଡିଆ ଏ ସ୍କ୍ୱାଡ ଘୋଷଣା କରାଯାଇଛି। ଏହି ଦୁଇ ପାକ୍ଷିକ ସିରିଜରେ ୨ଟି ବହୁଦିବସୀୟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ। ସମସ୍ତ ମ୍ୟାଚ୍ ବିସିସିଆଇ ପକ୍ଷରୁ ପୁଡୁଚେରୀରେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି।

ଇଣ୍ଡିଆ ଏ ଟିମର ଦିନିକିଆ ସ୍କ୍ୱାଡରେ ହାର୍ଦ୍ଦିକଙ୍କ ନାଁ ରହିଛି। ସ୍କ୍ୱାଡରେ ନାଁ ଥିଲେ ମଧ୍ୟ ସେ ଚୂଡ଼ାନ୍ତ ଏକାଦଶରେ ସାମିଲ ହେବା ପୂର୍ବରୁ ନିଜ ଫିଟନେସ ପରୀକ୍ଷା ଦେବେ। ଯଦି ଫିଟନେସରେ ଟେଷ୍ଟରେ ସେ ପାସ୍ କରିବେ, ତା’ହେଲେ ଅଷ୍ଟ୍ରେଲିଆ ଏ ବିପକ୍ଷ ଦିନିକିଆ ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇବେ ବୋଲି ବିସିସିଆଇ ସ୍ପଷ୍ଟ କରିଛି।

ଭାରତର ସିନିୟର ଟିମ ଆସନ୍ତାବର୍ଷ ହେବାକୁ ଥିବା ଦିନିକିଆ ବିଶ୍ୱକପ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ଆହତ କାରଣରୁ କ୍ରିକେଟରୁ ଦୂରେଇ ରହିଛନ୍ତି। ଏବେ ସେ ଆହତ ସମସ୍ୟାରୁ ମୁକୁଳିବାକୁ ଚେଷ୍ଟା କରୁଥିବା ବେଳେ ବିସିସିଆଇ ତାଙ୍କୁ ଜାତୀୟ ଦଳ ପରବର୍ତ୍ତୀ ଇଣ୍ଡିଆ ଏ ଟିମରେ ସାମିଲ କରିଛି।

ଅଷ୍ଟ୍ରେଲିଆ ଏ ଭଳି ଦଳ ବିପକ୍ଷରେ ହାର୍ଦ୍ଦିକ କେମିତି ପ୍ରଦର୍ଶନ କରୁଛନ୍ତି, ସେହି ଆଧାରରେ ତାଙ୍କୁ ଜାତୀୟ ଟିମରେ ସାମିଲ କରିବା ଉପରେ ବିସିସିଆଇ ନିଷ୍ପତ୍ତି ନେବ।



ଏହା ତାଙ୍କ ଫିଟନେସ ଓ ମ୍ୟାଚ୍ ପ୍ରସ୍ତୁତିକୁ ମଧ୍ୟ ଆକଳନ କରିବାରେ ସହାୟକ ହେବ। ଇଣ୍ଡିଆ ଏ ଟିମରେ ହାର୍ଦ୍ଦିକ ପାଣ୍ଡ୍ୟା ରହିଥିବା ବେଳେ ଋତୁରାଜ ଗାଏକ୍ୱାଡ ଏହାର କମାଣ ସମ୍ଭାଳିବେ। ସେହିପରି ଦେବଦତ୍ତ ପାଡିକ୍କଲ ଉପ ଅଧିନାୟକ ଦାୟିତ୍ୱ ପାଇଛନ୍ତି। ବହୁ ଦିବସୀୟ ସିରିଜରେ ଦେବଦତ୍ତ ପାଡିକ୍କଲ ଅଧିନାୟକ ଓ ସାଇ ସୁଦର୍ଶନଙ୍କୁ ଉପ ଅଧିନାୟକ କରିଛି ବିସିସିଆଇ। ବହୁ ଦିବସୀୟ ସିରିଜରେ ଦ୍ରୁତ ବୋଲର ବିଜୟ ବୈଶାଖଙ୍କୁ ରଖା ଯାଇଛି। ହେଲେ ସେ ମଧ୍ୟ ମ୍ୟାଚ୍ ପୂର୍ବରୁ ପ୍ରଥମେ ଫିଟନେସ ଟେଷ୍ଟର ପ୍ରମାଣ ଦେବେ।

ଭାରତ ଏ ଓ ଅଷ୍ଟ୍ରେଲିଆ ଏ ମଧ୍ୟରେ ସେପ୍ଟେମ୍ବର ୨୨ରୁ ବହୁଦିବସୀୟ ସିରିଜ ଆରମ୍ଭ ହେବ। ଏହାପରେ ଅକ୍ଟୋବର ୬ରୁ ଦିନିକିଆ ସିରିଜ ଆରମ୍ଭ ହେବ। ଏହି ସମୟରେ ଭାରତୀୟ ସିନିୟର ଟିମ ମଧ୍ୟ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩ଟିକିଆ ଦିନିକିଆ ସିରିଜ ଖେଳିବ। ସେପ୍ଟେମ୍ବର ୨୭, ୩୦ ଓ ଅକ୍ଟୋବର ୩ରେ ଏହି ମ୍ୟାଚ୍ ଗୁଡିକ ଖେଳାଯିବ। ବହୁଦିବସୀୟ ସିରିଜ ପାଇଁ ଇଣ୍ଡିଆ ଏ ସ୍କ୍ୱାଡ: ଅମନ ମୋଖାଡେ, ଆୟୁଷ ପାଣ୍ଡେ, ଦେବଦତ୍ତ ପାଡିକ୍କଲ(ଅଧିନାୟକ), ସାଇ ସୁଦର୍ଶନ(ଉପ ଅଧିନାୟକ), ଯଶ ରାଥୋଡ, ଶେଖ ରଶିଦ, କୁମାର କୁଶଗ୍ରା(ୱିକେଟ କିପର), ଶାମ୍ସ ମୁଲାନି, ତନୁଶ କୋଟିଆନ, ତୁଷାର ଦେଶପାଣ୍ଡେ, ଅଂଶୁଲ କମ୍ବୋଜ, ପ୍ରଫୁଲ ହିଙ୍ଗେ, ଏନ ଜଗଦୀଶନ(ୱିକେଟ କିପର), ନଚିକେତ ଭୁଟେ ଓ ବିଜୟ ବୈଶାଖ।

ଦିନିକିଆ ସିରିଜ ପାଇଁ ଇଣ୍ଡିଆ ଏ ସ୍କ୍ୱାଡ୍: ପ୍ରିୟାଂଶ ଆର୍ଯ୍ୟ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକ୍କଲ(ଉପ ଅଧିନାୟକ), ଋତୁରାଜ ଗାଏକ୍ୱାଡ( ଅଧିନାୟକ), ରଜତ ପାଟିଦାର, କୁମାର କୁଶାଗ୍ର(ୱିକେଟ କିପର), ନିଶାନ୍ତ ସିନ୍ଧୁ, ବିପରଜ ନିଗମ, ଅର୍ଶିନ କୁଲକର୍ଣ୍ଣୀ, ଅର୍ଶଦ ଖାନ, ନମନ ଧିର, ହାର୍ଦ୍ଦିକ ପାଣ୍ଡ୍ୟା, ପ୍ରବସିମରନ ସିଂହ, ଗୁରଜପନିତ ସିଂହ ଓ ଯଶ ଠାକୁର।

# ବିଜୟ ଦ୍ୱାରଦେଶରେ ପୂର୍ବାଞ୍ଚଳ

## ଦକ୍ଷିଣାଞ୍ଚଳ ବିପକ୍ଷରେ ୫୮୪ ରନ୍‌ର ବିଶାଳ ଅଗ୍ରଣୀ

ଚେନ୍ନାଇ: ଚେନ୍ନାଇର ଏମ୍. ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଦୁଲୀପ ଟ୍ରଫି ୨୦୨୬ ଫାଇନାଲ୍ ମ୍ୟାଚ୍‌ରେ ଇଷ୍ଟ ଜୋନ୍ ନିଜର ସ୍ଥିତି ମଜବୁତ କରି ସାରିଛି। ଅଧିନାୟକ ଇଶାନ କିଷନଙ୍କ ବିଶାଳ ୨୭୦ ରନ୍ ଏବଂ କୁମାର କୁଶାଗ୍ରଙ୍କ ୧୦୧ ରନ୍ ବଳରେ ଇଷ୍ଟ ଜୋନ୍ ପ୍ରଥମ ଇନିଂସରେ ୭୦୮ ରନ୍‌ର ପାହାଡ଼ ସ୍କୋର ଛିଡ଼ା କରିଛି।



ଏହା ପରେ ସାଉଥ୍ ଜୋନ୍ ୩୩୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ତେବେ ଫଲୋଅନ୍ ନ ଦେଇ ପୂର୍ବାଞ୍ଚଳ ଦ୍ୱିତୀୟ ଇଂନିସରେ ଦ୍ୱିତୀୟ ଇଂନିସରେ ୫ ୱିକେଟ ହରାଇ ୨୧୨ ରନ୍ କରିଛି। ଫଳରେ ଦଳ ୫୮୪ ରନର ଅଗ୍ରଣୀ ହାସଲ କରିଛି। ଆସନ୍ତାକାଲି ଅନ୍ତିମ ଦିବସ ହୋଇଥିବାରୁ ଦକ୍ଷିଣାଞ୍ଚଳ ବିଜୟ ଆଶଙ୍କା ସମ୍ଭବନା କମ୍। ଶିଖର ମୋହନ ୫୨, ସୂର୍ଯ୍ୟବଂଶୀ ୮, ଏରାସ୍ୱାମୀ ୩, ଇଶାନ କିଶାନ ପୁଣି ଥରେ ଦମ୍ ପ୍ରଦର୍ଶନ କରି ୯୮ ବଲରୁ ୮୦ ରନ୍ କରିଥିଲେ। କୁଶଗ୍ରା ୩୪ ଓ କ୍ୟୁରେଶି ୨୬ରନ୍ କରି ଅପରାଜିତ ରହିଥିଲେ। ଦକ୍ଷିଣାଞ୍ଚଳ ଗତକାଲିର ଅସମାପ୍ତ ଇଂନିସରୁ ଆରମ୍ଭ କରି ୩୩୬ ରନ କରିପାରିଥିଲା। ତିଳକ ବର୍ମା ୯୯ ରନ୍ କରି ମାତ୍ର ୧ ରନ୍ ରୁ ଶତକରୁ ବଂଚିତ ହୋଇଥିଲେ। ମିଲିନ୍ଦ ୪୩, ଗୋପାଳ ୨୬ ରନ୍ କରିଥିଲେ।

# ଏସିଆନ୍ ଗେମ୍ସ ପୂର୍ବରୁ ଜାପାନରେ ଭୀଷଣ ବନ୍ୟା

## ୪୦୦ ଖେଳାଳୀ ଓ ଷ୍ଟାଫଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର



ଟୋକିଓ: ଏସିଆନ ଗେମ୍ସ ଆରମ୍ଭ ହେବାକୁ ଆଉ ମାତ୍ର ୧୦ ଦିନ ବାକି ଥିବାବେଳେ ଜାପାନର ନାଗୋୟାରେ ଭୀଷଣ ବନ୍ୟା ସ୍ଥିତି ଉପୁଜିଛି। ବିଭିନ୍ନ ରାସ୍ତା ବନ୍ୟା ପାଣିରେ ବୁଡି ରହି ସମୁଦ୍ର ଭଳି ପ୍ରତୀୟମାନ ହେଉଛି। ସ୍ଥିତି ଏତେ ଭୟଙ୍କର ରହିଛି ଯେ, ୪୦୦ ଖେଳାଳୀ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜାପାନ ପାଣିପାଗ ସଂସ୍ଥାର ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ୮ ତାରିଖରେ ନାଗୋୟାରେ ଗୋଟିଏ ଘଣ୍ଟାରେ ୧୦୪.୫ ମିମି ବର୍ଷା ହୋଇଥିଲା, ଯାହା ୧୮୯୦ ମସିହାରେ ପର୍ଯ୍ୟବେକ୍ଷଣ ଆରମ୍ଭ ହେବା ପରଠାରୁ ଷ୍ଟେସନରେ ସର୍ବାଧିକ ଘଣ୍ଟା ପ୍ରତି ବର୍ଷା ରେକର୍ଡ କରାଯାଇଛି। ବନ୍ୟାରେ ନାଗୋୟା ସହରର ରାସ୍ତା ଓ ଘର ବୁଡି ଯାଇଛି। ମେୟର ଇଚିରୋ ହିରୋସାବା କିନ୍ତୁ କହିଛନ୍ତି, ଏସିଆନ୍ ଗେମ୍ସ ପାଇଁ କେଣସି ଚିନ୍ତା ନାହିଁ। ଟୁର୍ଣ୍ଣାମେଣ୍ଟର ଆୟୋଜନ ନିର୍ଦ୍ଧାରିତ ସମୟରେ ହେବ। ଆସନ୍ତା ସେପ୍ଟେମ୍ବର ୧୯ ତାରିଖରେ ନାଗେୟାରେ ଏସିଆନ୍ ଗେମ୍ସର ଓପନିଂ ସେରିମନି ଅନୁଷ୍ଠିତ ହେବ।

ବୁଧବାର ଆଇଚି ପ୍ରିଫେକ୍‌ଚରାଲ୍ ଗଭର୍ଣ୍ଣମେଣ୍ଟ ଦ୍ୱାରା ପ୍ରକାଶିତ ପ୍ରଥମ ସରକାରୀ କ୍ଷୟକ୍ଷତି ଆକଳନରେ ବନ୍ୟାସ୍ଥିତି ଯୋଗୁ ତିନି ଜଣ ସାମାନ୍ୟ ଆହତ ହୋଇଥିବା ରିପୋର୍ଟ କରାଯାଇଛି। ନାଗୋୟାରେ ପ୍ରାୟ ୨୦୦ ଗାଡି ପାଣି ଭିତରେ ବୁଡ଼ିରହିଛି। ବନ୍ୟା ଯୋଗୁ ୩,୫୦୦ ଲୋକ ଆଶ୍ରୟ ନେଇଥିଲେ।

# ପୁରୁଣା ରଙ୍ଗକୁ ଫେରିବ ହକି ଇଣ୍ଡିଆ

ନୂଆଦିଲ୍ଲୀ, ୯।୯ :ନୂଆଦିଲ୍ଲୀ: ନାରଙ୍ଗୀ ଜର୍ସିକୁ ନେଇ ବିବାଦ ସୃଷ୍ଟି ହେବା ପରେ ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରିଛି ହକି ଇଣ୍ଡିଆ। ଫଳରେ ଆଗାମୀ ଏସୀୟ କ୍ରୀଡ଼ାରେ ପୁଣି ପାରମ୍ପରିକ ନୀଳ ରଙ୍ଗ ଜର୍ସି ପିନ୍ଧି ଖେଳିବେ ଭାରତୀୟ ମହିଳା ଓ ପୁରୁଷ ଖେଳାଳି। ତେବେ ନାରଙ୍ଗୀ ଜର୍ସିକୁ ସମ୍ପୂର୍ଣ୍ଣ ବାଦ ଦିଆଯାଇନାହିଁ। ଦଳର ପ୍ରଥମ ପସନ୍ଦ ଭାବେ ନୀଳ ଜର୍ସି ରଖାଯାଇଥିବାବେଳେ ଦ୍ୱିତୀୟ ପସନ୍ଦଭାବେ ନାରଙ୍ଗୀ ଜର୍ସି ରଖାଯାଇଛି। ଏ ନେଇ ଭାରତୀୟ ଅଲିମ୍ପିକ ସଂଘକୁ ସୂଚିତ କରିଛି ହକି ଇଣ୍ଡିଆ।



ବେଲଜିୟମ ଓ ନେଦରଲାଣ୍ଡସରେ ଅନୁଷ୍ଠିତ ଗତ ହକି ବିଶ୍ୱକପରେ ଭାରତୀୟ ହକି ଦଳ ଗେରୁଆ ରଙ୍ଗର ଜର୍ସି ପିନ୍ଧି ଓହ୍ଲାଇଥିଲା। ଏହାକୁ ନେଇ ପୂର୍ବତନ ହକି ଖେଳାଳିଙ୍କଠାରୁ ଆରମ୍ଭ କରି ରାଜନୈତିକ ଦଳମାନେ ଆପତ୍ତି ଉଠାଇଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ସମାଲୋଚନା କରି କହିଥିଲେ ଯେ ନୀଳ ଜର୍ସି କେବଳ ଏକ ରଙ୍ଗ ନୁହେଁ ବରଂ ଏହା ଏକ ଭାବାବେଗ, ଏହା ଦେଶର କ୍ରୀଡ଼ା ସଂସ୍କୃତି ସହ ଜଡ଼ିତ। ଏହାକୁ ବଦଳାଇବା ଏକ ହୀନ ରାଜନୀତି। ସେହିପରି ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା କଂଗ୍ରେସ ବିଧାୟକ ପର୍ଗତ ସିଂ ମଧ୍ୟ ଏହାକୁ ବିରୋଧ କରିଥିଲେ। ପୂର୍ବତନ ଅଧିନାୟକ ବୀରେନ ରସ୍କିନା ମଧ୍ୟ ଏହାକୁ ନେଇ ଆପତ୍ତି ଉଠାଇଥିଲେ। ତେବେ ନାରଙ୍ଗୀ ଜର୍ସି ସପକ୍ଷରେ ଯୁକ୍ତି ରଖି ହକି ଇଣ୍ଡିଆ କହିଥିଲା ଯେ ହକି ପଡ଼ିଆର ନୀଳ ରଙ୍ଗର ସିନ୍‌ଥେଟିକ୍ ମ୍ୟାଟ୍‌ଠାରୁ ଅଲଗା ଦେଖାଯିବା ପାଇଁ ନୀଳ ବଦଳରେ ନାରଙ୍ଗୀ ରଙ୍ଗକୁ ବଛାଯାଇଥିଲା।

ଏଥିନେଇ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି କହିଛନ୍ତି ଯେ ଆଇଓଏ ଆମକୁ ଦଳର କିଟ୍ ପାଇଁ ରଙ୍ଗର କିଛି ବିକଳ୍ପ ଦେଇଥିଲା। ହକି ଇଣ୍ଡିଆ ନୀଳକୁ ପ୍ରଥମ ପସନ୍ଦ ଭାବେ ବାଛିଛି। କମଳା ଦ୍ୱିତୀୟ ପସନ୍ଦ। ଏସୀୟ କ୍ରୀଡ଼ାରେ ଭାରତୀୟ ଦଳ ନୀଳ ଜର୍ସି ପିନ୍ଧି ଖେଳିବ। ବିଶ୍ୱକପ୍ ସମୟରେ ଭାରତୀୟ ଦଳର କମଳା ଜର୍ସିକୁ ନେଇ ଚର୍ଚ୍ଚା ହୋଇଥିଲା। ଦିଲୀପ ନିଜେ ମଧ୍ୟ ଏଭଳି ପଦକ୍ଷେପ ନେଇ ଆପତ୍ତି ଉଠାଇଥିଲେ। ହକି ଇଣ୍ଡିଆକୁ ପତ୍ର ଲେଖି ଅସନ୍ତୋଷ ବି ଜାହିର କରିଥିଲେ। ପରେ କିନ୍ତୁ ଏହି ନାରଙ୍ଗୀ ରଙ୍ଗ ସ୍ଥାୟୀ ନୁହେଁ ବୋଲି କହିଥିଲେ। ଭବିଷ୍ୟତରେ ଜର୍ସିର ରଙ୍ଗ ପରିବର୍ତ୍ତନ ହୋଇପାରେ ବୋଲି ସେ ସେତେବେଳେ ସୂଚନା ଦେଇଥିଲେ।

ଗତ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍‌ରେ ଐତିହାସିକ ପ୍ରଦର୍ଶନ କରି ପଞ୍ଚମ ସ୍ଥାନରେ ରହିଥିବା ଭାରତୀୟ ଦଳ ମଙ୍ଗଳବାର ଏସୀୟ କ୍ରୀଡା ପାଇଁ ଜାପାନ ଅଭିମୁଖେ ଯାତ୍ରା କରିଛି। ବିଂଶତମ ଏସୀୟ କ୍ରୀଡା ଜାପାନର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସ୍ୱର୍ଣ୍ଣ ପଦକ ଜିତି ୨୦୨୮ ମସିହାର ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ଭାରତର ଲକ୍ଷ୍ୟ ରହିବ। ଅଧିନାୟିକା ସଲିମା ଟେଟେ ଓ ପ୍ରଶିକ୍ଷକ ଜେରୋର୍ଡ ମାରିନ୍‌ଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ମଙ୍ଗଳବାର ବେଙ୍ଗାଲୁରୁରୁ ଜାପାନ ଗସ୍ତ କରିଛି। ମାରିନଙ୍କ ପ୍ରତ୍ୟାବର୍ତ୍ତନ ପରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରି ଆସୁଛି। ୨୦୨୬ ପ୍ରାରମ୍ଭରେ ହାଇଦ୍ରାବାଦରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତକୁ ରୌପ୍ୟ ପଦକ ଦେଇଥିଲେ। ଅକଲାଣ୍ଡ୍‌ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ନେସନ୍ସ କପ୍‌ରେ ଅପରାଜିତ ରହି ବିଜେତା ହୋଇଥିଲା। ଏଥି ସହିତ ଆସନ୍ତା ଋତୁର ଏଫଆଇଏଚ୍ ପ୍ରୋ ଲିଗ୍ ଯୋଗ୍ୟତା ଅର୍ଜନ କରିଛି। ଏବେ ଏସୀୟ କ୍ରୀଡାର ମହିଳା ହକି ପାଇଁ ପ୍ରସ୍ତୁତ ହୋଇ ଯାଇଛି।

ପୁଲ୍ ‘ବି’ରେ ଭାରତ ସହିତ ଜାପାନ, ଥାଇଲାଣ୍ଡ, ସିଙ୍ଗାପୁର, ଇଣ୍ଡୋନେସିଆ, ଉଜବେକିସ୍ତାନ ସହ ସାମିଲ ରହିଛି। ସେପ୍ଟେମ୍ବର ୨୦ରେ ଉଜବେକିସ୍ତାନ ସହ ଖେଳି ଅଭିଯାନ ଆରମ୍ଭ କରିବ ସଲିମା ଟେଟେଙ୍କ ଦଳ। ‘ଆମେ ଆତ୍ମବିଶ୍ୱାସର ସହ ଏସୀୟ କ୍ରୀଡାକୁ ଯାଉଛୁ। ନେସନ୍ସ କପ୍ ଏବଂ ବିଶ୍ୱକପ୍ ପ୍ରଦର୍ଶନ ଆମ ଭିତରେ ବିଶ୍ୱାସ ଭରି ଦେଇଛି। ଗୋଟିଏ ଗୋଟିଏ ପାଦ ଆଗକୁ ଯିବାକୁ ଚେଷ୍ଟା କରିବୁ। ସ୍ପଷ୍ଟ ଭାବେ ସ୍ୱର୍ଣ୍ଣ ପଦକ ପାଇଁ ଖେଳିବୁ’ ବୋଲି ଟେଟେ କହିଥିଲେ। ହର୍ମନପ୍ରୀତସିଂହଙ୍କ ନେତୃତ୍ୱରେ ଭାରତୀୟ ପୁରୁଷ ହକି ଦଳ ମଧ୍ୟ ଜାପାନ ଅଭିମୁଖେ ଯାତ୍ରା କରିଥିବା ଜଣାପଡିଛି।

# ଅନମୋଲଙ୍କ ୬ ଗୋଲ୍, ଚାଇନିଜ୍ ତାଇପେକୁ ୧୫-୦ରେ ହରାଇଲା ଭାରତ

ମୋଙ୍ଗି: ଓଡିଆ ପୁଅ ତଥା ଭାରତୀୟ ଯୁବ ଦଳର ଅଧିନାୟକ ଅନମୋଲ ଏକ୍କାଙ୍କ ୬ ଗୋଲ୍ ବଳରେ ବିଜେତା ଭାରତ ଏଠାରେ ଚାଲିଥିବା କନିଷ୍ଠ ଏସିଆ କପ୍‌ରେ ନିଜର ଶେଷ ପୁଲ୍-ଏ’ ମ୍ୟାଚ୍‌ରେ ଚାଇନିଜ୍ ତାଇପେକୁ ୧୫-୦ ଗୋଲ୍‌ରେ ହରାଇଛି। ଫଳରେ ୫ ଦଳୀୟ ଏହି ପୁଲ୍‌ରେ ୫ ଥରର ବିଜେତା ଭାରତ ୪ ମ୍ୟାଚ୍‌ରୁ ୩ ବିଜୟ ଓ ଗୋଟିଏ ଅମୀମାଂସିତ ସହ ୧୦ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହି ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଏହି ପୁଲ୍‌ର ଅନ୍ୟଏକ ମ୍ୟାଚ୍‌ରେ ଦକ୍ଷିଣ କୋରିଆ ୩-୨ରେ ଜାପାନକୁ ହରାଇ ୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିଛି।




ଚାଇନିଜ୍ ତାଇପେ ବିପକ୍ଷ ବୁଧବାର ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଭାରତ ଲକ୍ଷ୍ୟହୀନ ହେବାରୁ ଅବିଶ୍ୱାସନୀୟ ଭାବେ ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ଏହାପରେ ମିଳିଥିବା ୨ ମିନିଟ୍ ବିରତିରେ ପ୍ରଶିକ୍ଷକ ଫରେଡେରିକ୍ ସୋୟେଜଙ୍କ ଗୁରୁମନ୍ତ୍ର ପାଇ ଭାରତୀୟ ଦଳ ଦ୍ୱିତୀୟ କ୍ୱାର୍ଟରରେ ୬ ଗୋଲ୍ ଦେବା ସହ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୪୫ ମିନିଟ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲା। ୧୭ତମ ମିନିଟ୍‌ରେ ଓଡିଆ ପୁଅ ଆର୍ଯ୍ୟନ ଖେସ୍ ଫିଲ୍ଡ ଗୋଲ୍‌ରେ ଭାରତ ଅଭିଯାନ ଆରମ୍ଭ କରିଥିଲା। ଏହା ପରମିନିଟ୍‌ରେ ପ୍ରଭଦୀପ ସିଂହଙ୍କ ଫିଲ୍ଡ ଗୋଲ୍‌ରେ ଭାରତ ୨-୦ରେ ଆଗୁଆ ହୋଇଥିଲା। ଗୁରସେବକ ସିଂହ (୨୨ ମିନିଟ୍)ଙ୍କ ଫିଲ୍ଡ ଗୋଲ୍‌ରେ ଭାରତ ୫ ମିନିଟ୍ ମଧ୍ୟରେ ୩-୦ ଅଗ୍ରଣୀ ନେଇ ଯାଇଥିଲା। ୨୫ତମ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଅଧିନାୟକ ଅନମୋଲ ଗୋଲ୍‌ରେ ପରିଣତ କରି ଦେଇଥିଲେ।

ଏହାପରେ ଅର୍ଜୁନ ସନ୍ତୋଷ ହାର୍ଗୁଡେ (୨୮ ମିନିଟ୍)ଙ୍କ ଫିଲ୍ଡ ଗୋଲ୍ ଏବଂ ଏହାପର ମିନିଟ୍‌ରେ ଅନମୋଲଙ୍କ ପେନାଲ୍ଟି କର୍ଣ୍ଣର ଯୋଗୁଁ ଭାରତ ଦ୍ୱିତୀୟ କ୍ୱାର୍ଟରକୁ ୬-୦ରେ ଶେଷ କରିଥିଲା। ତୃତୀୟ କ୍ୱାର୍ଟରରେ ଅନମୋଲ (୩୨, ୩୩, ୪୫ ମିନିଟ୍) ୩ଟି ପେନାଲ୍ଟି କର୍ଣ୍ଣର ଗୋଲ୍ ଏବଂ ଅଜିତ ଯାଦବ (୩୫ ମିନିଟ୍) ଗୋଟିଏ ଫିଲ୍ଡ ଗୋଲ୍ ଦେଇ ଦଳକୁ ୧୦-୦ରେ ଆଗରେ ରଖିଥିଲେ। ସେହିଭଳି ଶେଷ କ୍ୱାର୍ଟରରେ ମଧ୍ୟ ଭାରତ ୫ ଗୋଲ୍ ଲଦି ଥିଲା। ହରପାଳ (୪୮, ୫୩ ମିନିଟ୍) ଦୁଇଟି ଫିଲ୍ଡ ଗୋଲ୍ ଦେଇ ଯୁଗଳ ସଫଳତା ପାଇଥିଲା ବେଳେ ୫୧ତମ ମିନିଟ୍‌ରେ ଅନମୋଲ ଷଷ୍ଠ ପେନାଲ୍ଟି କର୍ଣ୍ଣର ଗୋଲ୍ ଦେଇଥିଲେ। ଆର୍ଯ୍ୟନ (୫୨, ୫୩ ମିନିଟ୍) ଆଉ ଦୁଇ ଫିଲ୍ଡ ଗୋଲ୍ ଦେଇ ହ୍ୟାଟ୍ରିକ୍ ସଫଳତା ପାଇଥିଲେ। ମନମିତ ସିଂହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# ଆଲ୍‌କାରାଜ ବିଦା

ନ୍ୟୁୟର୍କ: ଚଳିତ ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ଗତ ସଂସ୍କରଣ ବିଜେତା ତଥା ବିଶ୍ୱର ୨ ନମ୍ବର କାର୍ଲାସ ଆଲ୍‌କାରାଜଙ୍କ ଅଭିଯାନ ଶେଷ ହୋଇଛି। ବୁଧବାର କ୍ୱାର୍ଟରଫାଇନାଲ୍‌ରେ ୭ ଗ୍ରାଣ୍ଡ ସ୍ଲାମ୍ ବିଜେତା ଏହି ସ୍ପେନ୍ ଖେଳାଳିଙ୍କୁ ୬-୭, ୬-୧, ୬-୩, ୧-୬, ୭-୬ ସେଟ୍‌ରେ ସ୍ଥାନୀୟ ଖେଳାଳି ବେନ୍ ସେଲ୍‌ଟନ୍ ହରାଇ ବିଦାୟ ରାସ୍ତା ଦେଖାଇଛନ୍ତି। ସେମିଫାଇନାଲ୍‌ରେ ଅଷ୍ଟମ ମାନ୍ୟତାପ୍ରାପ୍ତ ସେଲ୍‌ଟନ୍ ନିଜ ଦେଶର ଫ୍ରାନ୍‌ସେସ୍ ଟିଆଫୋଏଙ୍କୁ ଭେଟିବେ। ଫଳରେ ୨୦୦୩ ପରେ ଜଣେ ଆମେରିକୀୟ ପୁରୁଷ ଖେଳାଳି ଗ୍ରାଣ୍ଡ ସ୍ଲାମ୍ ବିଜେତା ହେବାର ଆଶା ସଞ୍ଚାର ହୋଇଛି।

ଏକାଦଶ ମାନ୍ୟତାପ୍ରାପ୍ତ ଟିଆଫୋଓ ୫-୭, ୩-୬, ୭-୫, ୬-୩, ୭-୬ ସେଟ୍‌ରେ ଆମେରିକାର ଆଲେକ୍ସ ମିଚେଲସେନ୍‌ଙ୍କୁ ହରାଇଥିଲେ। ମହିଳା ଏକକ ସେମିଫାଇନାଲ୍‌ରେ ବିଶ୍ୱର ୧ ନମ୍ବର ବେଲାରୁଷ ଖେଳାଳି ଆରିନା ସାବାଲେଙ୍କା ଏବଂ ୩ ନମ୍ବର ଆମେରିକାର ଜେସିକା ପେଗୁଲା ମୁହାଁମୁହିଁ ହେବେ। ୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ସାବାଲେଙ୍କା ୭-୬, ୩-୬, ୭-୬ ସେଟ୍‌ରେ ୱିମ୍ବଲଡନ୍ ବିଜୟିନୀ ଚେକ୍ ଗଣରାଜ୍ୟର ଲିଣ୍ଡା ନୋସ୍କାଭାଙ୍କୁ ପରାସ୍ତ କରି ହ୍ୟାଟ୍ରିକ୍ ୟୁଏସ୍ ଓପନ୍ ଟ୍ରଫି ଦିଗରେ ଆଉ ଗୋଟିଏ ପାଦ ବାଢ଼ିଛନ୍ତି। ସେହିପରି ୨୦୨୪ ଫାଇନାଲିଷ୍ଟ ପେଗୁଲା ୩-୬, ୬-୪, ୬-୩ ସେଟ୍‌ରେ ନିଜ ଦେଶର ଇମା ନାଭାରୋଙ୍କୁ ହରାଇଥିଲେ।

# ଆଉ ଏକ ଫୁଟ୍‌ବଲ୍ କ୍ଲବ୍ କିଣିବେ ମେସି

ମାଦ୍ରିଦ୍: ନିକଟରେ ଅବସର ନେଇଥିବା ଆର୍ଜେଣ୍ଟିନା ମହାନ ଲିଓନେଲ ମେସି ଏବେ ଆଉ ଏକ



ଫୁଟ୍‌ବଲ୍ କ୍ଲବ୍‌ର ମାଲିକ ହେବାକୁ ଯାଉଛନ୍ତି। ସ୍ପେନ୍‌ର ଦ୍ୱିତୀୟସ୍ତରୀୟ କ୍ଲବ୍ ସିଡି ଏଲ୍‌ଡେନ୍ସ କିଣିବା ପାଇଁ ସେ ଚୁକ୍ତି କରିଥିବା ନେଇ ସ୍ପେନ୍‌ର ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି। ଟିଏଚ୍ ସୋଲୁସିଓନେସ୍ ଗ୍ରୁପ୍ ଏସ୍‌ଏଏସ୍‌ର ସମସ୍ତ ଅଂଶଧନ ଅଧିଗ୍ରହଣ କରିବାକୁ ମେସି ରାଜି ହୋଇଛନ୍ତି। ଅକ୍ଟୋବର ୨୦୨୫ରେ ଏଲ୍‌ଡେନ୍ସକୁ କଲମ୍ବିଆନ୍ ନିବେଶ ଗୋଷ୍ଠୀ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଏବେ ସେମାନେ ଏହାର ସମସ୍ତ ଅଂଶଧନ ମେସିଙ୍କୁ ହସ୍ତାନ୍ତର କରିବେ। ଏହି ଚୁକ୍ତି ସ୍ପେନ୍‌ର ହାଇ କାଉନସିଲ୍ ଫର ସ୍ପୋର୍ଟ୍ସ (ସିଏସ୍‌ଡି)ର ଅନୁମୋଦନ ଅପେକ୍ଷାରେ ରହିଛି। ମେସି ଗତ ଏପ୍ରିଲ ୧୬ ତାରିଖରେ ସ୍ପେନ୍‌ର ପଞ୍ଚମସ୍ତରୀୟ ଦଳ ୟୁଇ କର୍ଣ୍ଣୋଲାକୁ ଅଧିଗ୍ରହଣ କରିଥିଲେ।

# ଧୋନିଙ୍କ ‘କୈଳାଶପତି’ରେ କୋବ୍ରା

ରାଞ୍ଚି: ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ପୂର୍ବତନ ଭାରତୀୟ କ୍ରିକେଟ୍ ଅଧିନାୟକ ଏମ୍‌ଏସ୍ ଧୋନିଙ୍କ ଫାର୍ମହାଉସରେ ମଙ୍ଗଳବାର ଏକ ନାଗସାପ ଦେଖାଯିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ଫାର୍ମହାଉସ କର୍ମଚାରୀମାନେ ସାପଟିକୁ ଦେଖି ତୁରନ୍ତ ସାପ ଉଦ୍ଧାରକାରୀଙ୍କୁ ଖବର ଦେଇଥିଲେ। ସୂଚନା ପାଇ ସାପ ଉଦ୍ଧାରକାରୀ ବିଶେଷଜ୍ଞ ନାରାୟଣ ପ୍ରାମାଣିକ ଘଟଣାସ୍ଥଳରେ ପହଞ୍ଚି ସତର୍କତାର ସହ ସାପଟିକୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ ନାଗସାପଟି ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଏହାକୁ ପ୍ରାଥମିକ ଚିକିତ୍ସା ଦିଆଯିବା ପରେ ସୁରକ୍ଷିତ ସ୍ଥାନରେ ଛାଡ଼ି ଦିଆଯିବ ବୋଲି କୁହାଯାଇଛି। ସାପ ଉଦ୍ଧାର ସମୟରେ ଫାର୍ମହାଉସ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ତେବେ ଘଟଣା ସମୟରେ ଧୋନିଙ୍କ ପରିବାରର କୌଣସି ସଦସ୍ୟ ଫାର୍ମହାଉସରେ ଉପସ୍ଥିତ ନଥିଲେ। ସାପଟି ଉଦ୍ଧାର ହେବା ପରେ କର୍ମଚାରୀମାନେ ଆଶ୍ୱସ୍ତ ହୋଇଥିଲେ। ଧୋନିଙ୍କ ଏହି ଫାର୍ମହାଉସର ନାମ ‘କୈଳାଶପତି’। ରାଞ୍ଚିର ରିଙ୍ଗ୍ ରୋଡ୍ ନିକଟରେ ଅବସ୍ଥିତ ଏହି ଫାର୍ମହାଉସ ପ୍ରାୟ ୭ ଏକର ଜମିରେ ବିସ୍ତୃତ। ଏହି ବିଶାଳ ଫାର୍ମହାଉସରେ ଅନେକ ଅତ୍ୟାଧୁନିକ ସୁବିଧା ରହିଛି। ଏଠାରେ ଏକ ବଡ଼ ଜିମ୍, ସ୍ୱିମିଂ ପୁଲ୍ ଓ ଇଣ୍ଡୋର ଷ୍ଟାଡିୟମ୍ ରହିଛି। ଏଥିସହ ଧୋନିଙ୍କ କାର୍ ଓ ସୁପରବାଇକ୍ ପାଇଁ ଏକ ବଡ଼ ଗ୍ୟାରେଜ୍ ମଧ୍ୟ ରହିଛି।

# ବିଶ୍ୱ କୁସ୍ତି ଚାମ୍ପିଅନସିପ୍ ଚୟନ ପ୍ରକ୍ରିୟାରେ ଭାଗ ନେବେ ଫୋଗାଟ୍ !

ନୂଆଦିଲ୍ଲୀ: କୁସ୍ତି ଯୋଦ୍ଧା ବିନେଶ ଫୋଗାଟ ସିନିୟର ବିଶ୍ୱ କୁସ୍ତି ଚାମ୍ପିଅନସିପ୍ ୨୦୨୬ ପାଇଁ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଦିଲ୍ଲୀ ହାଇକୋର୍ଟଙ୍କ ଅନୁମତି ଲୋଡ଼ିଛନ୍ତି। ବିନେଶ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ଭାରତୀୟ କୁସ୍ତି ମହାସଂଘକୁ ଏହା ଉପରେ ନିଷ୍ପତ୍ତି ନେବାକୁ ହାଇକୋର୍ଟ ବିଚାରପତି ସ୍ୱର୍ଣ୍ଣକାନ୍ତ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ବିନେଶ ଫୋଗାଟ ଏକ ବିଚାରାଧୀନ ମାମଲା ମଧ୍ୟରେ ଏହି ଆବେଦନ କରିଛନ୍ତି। ବିନେଶ ପୂର୍ବ ଆବେଦନରେ ଗର୍ଭଧାରଣ ଏବଂ ମାତୃତ୍ୱ ଛୁଟି ପରେ ମହିଳା ଖେଳାଳିମାନଙ୍କୁ କ୍ରୀଡ଼ାକୁ ଫେରିବା ପାଇଁ ଏକ ନୀତି ଗଠନ କରିବାକୁ ଅନୁରୋଧ କରିଥିଲେ। ବିନେଶଙ୍କୁ ସେପ୍ଟେମ୍ବର ୭ ତାରିଖରେ ଭାରତୀୟ କୁସ୍ତି ମହାସଂଘର ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଜାରି କରିବାକୁ ଆବେଦନ କରିଛନ୍ତି। ଯାହା ଅନୁଯାୟୀ ତାଙ୍କୁ ଚୟନ ପ୍ରକ୍ରିୟାରୁ ବାଦ ଦିଆଯାଇଛି। ସେ ଡବ୍ଲ୍ୟୁଏଫଆଇକୁ ତାଙ୍କୁ ଯୋଗ୍ୟତା ପୁଲରେ ଅସ୍ଥାୟୀ ଭାବରେ ସାମିଲ କରିବା ଏବଂ ସେପ୍ଟେମ୍ବର ୧୪ ରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ହେବାକୁ ଥିବା ମହିଳା ଚୟନ ଟ୍ରାଏଲରେ ଅଂଶଗ୍ରହଣ କରିବାକୁ ଅନୁମତି ଦେବା ପାଇଁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ କରିଛନ୍ତି। ସେପ୍ଟେମ୍ବର ୧୪ ତାରିଖରେ ଛଅଟି ଅଲିମ୍ପିକ୍ ଓଜନ ବର୍ଗରେ ମହିଳା ଟ୍ରାଏଲ୍ ପାଇଁ ବ୍ୟବସ୍ଥା କରାଯାଇଛି।



ଫୋଗାଟ ଯୁକ୍ତି ଦର୍ଶାଇଛନ୍ତି ଯେ ନୂତନ ଚୟନ ପଦ୍ଧତି ଏକ ‘ପ୍ରତିବନ୍ଧକ’ ବ୍ୟବସ୍ଥା ରହିଛି। କାରଣ ବିଶ୍ୱ ଚାମ୍ପିଅନସିପ୍ ପାଇଁ ଯେଉଁ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି ତାହା ନିର୍ଦ୍ଦିଷ୍ଟ ଯୋଗ୍ୟତା ପ୍ରତିଯୋଗିତାରେ ଅଂଶଗ୍ରହଣ ଏବଂ ପ୍ରଦର୍ଶନ ଉପରେ ନିର୍ଭରଶୀଳ। ୨୦୨୫ ସିନିୟର ଜାତୀୟ କୁସ୍ତି ଚାମ୍ପିଅନସିପ୍, ଗୋଣ୍ଡାରେ ୨୦୨୬ ସିନିୟର ଓପନ୍ ରାଙ୍କିଂ ଟୁର୍ନାମେଣ୍ଟ ଏବଂ ୨୦୨୬ ୟୁ୨୩ ଜାତୀୟ କୁସ୍ତି ଚାମ୍ପିଅନସିପର ପଦକ ବିଜେତା, ଫେଡେରେସନ କପରୁ ମନୋନୀତ ପଦକ ବିଜେତା, ଜାତୀୟ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରୁଥିବା ଖେଳାଳୀ ଏବଂ ୨୦୨୬ ୟୁ୨୦ ବିଶ୍ୱ କୁସ୍ତି ଚାମ୍ପିଅନସିପ୍ ପାଇଁ ମନୋନୀତ ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଫୋଗାଟ୍ କହିଛନ୍ତି ଯେ ସେ ଏହି ବର୍ଗଗୁଡ଼ିକ ମଧ୍ୟରୁ କୌଣସି ବର୍ଗରେ ଆସୁ ନାହାଁନ୍ତି। କାରଣ ଗର୍ଭାବସ୍ଥା, ପ୍ରସବ, ପ୍ରସବ ପରେ ସୁସ୍ଥତା ଏବଂ ପ୍ରତିଯୋଗିତାକୁ ଫେରିବା ପାଇଁ ଆବଶ୍ୟକତା ଯୋଗୁଁ ଯୋଗ୍ୟତା ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିପାରିନଥିଲେ। ସେ ଯୁକ୍ତି ଦେଇଛନ୍ତି ଯେ ଏହି ନିୟମରେ ମାତୃତ୍ୱ ପାଇଁ ଛୁଟିରେ ଥିବା ଜଣେ ଖେଳାଳିଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ ଯିଏ ନିର୍ଦ୍ଦିଷ୍ଟ ପ୍ରତିଯୋଗିତାରୁ ବଞ୍ଚିତ ହୋଇଥିଲେ। ଫୋଗାଟ୍ ଉଲ୍ଲେଖ କରିଛନ୍ତି ଯେ ସେ ମେ ୩୦ ତାରିଖରେ ୫୩ କିଲୋଗ୍ରାମ ବର୍ଗରେ ଏସୀୟ କ୍ରୀଡା ଚୟନ ଟ୍ରାଏଲରେ ଅଂଶଗ୍ରହଣ କରିଥିଲେ, କ୍ୱାର୍ଟର ଫାଇନାଲ ମୁକାବିଲା ଜିତି ସେମିଫାଇନାଲକୁ ଯାଇଥିଲେ। ଏହାକୁ ପ୍ରମାଣ ସ୍ୱରୂପ ଗ୍ରହଣ କରିବାକୁ ସେ କୋର୍ଟଙ୍କୁ ନିବେଦନ କରିଛନ୍ତି। ଅକ୍ଟୋବର ୨୪ ରୁ ନଭେମ୍ବର ୦୧ ପର୍ଯ୍ୟନ୍ତ କାଜାଖସ୍ତାନର ଆସ୍ତାନାରେ ସିନିୟର ବିଶ୍ୱ କୁସ୍ତି ଚାମ୍ପିଅନସିପ୍ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଭାରତୀୟ ଦଳରେ ଚୟନ ପ୍ରକ୍ରିୟା ଜାରି ରହିଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate, Bhubaneswar-751010, Near NSIC Office,